ବର୍ଷ-୨୫, ସଂଖ୍ୟା-୯୮
ଭୁବନେଶ୍ୱର
୧୦, ଏପ୍ରିଲ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 98
Bhubaneswar
10, April, 2025, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ପ୍ରେମରେ ଚହଲ!



# ଓଡିଶାର ଶିଳ୍ପ ଅଭିବୃଦ୍ଧି କ୍ଷେତ୍ରରେ ଯୁଗାନ୍ତକାରୀ ପଦକ୍ଷେପ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୪(ମହାଭାରତ):** ଦୁଇ ଦିନିଆ ନୂଆଦିଲ୍ଲୀ ଗସ୍ତ ସମାପ୍ତ କରି ଆଜି ଓଡ଼ିଶା ଫେରିଆସିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦିଲ୍ଲୀରେ ନିବେଶକ ସମ୍ମିଳନୀରେ ସଫଳତାର ସହ ୧.୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିବାରୁ ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀଙ୍କୁ ଦଳୀୟ ନେତା ଓ କର୍ମୀମାନେ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସାମ୍ବାଦିକମାନଙ୍କୁ ନିବେଶକ ସମ୍ମିଳନୀର ସଫଳତା ବିଷୟରେ ସୂଚନା ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିଳ୍ପ କ୍ଷେତ୍ରରେ ଅଗ୍ରଗତି ପାଇଁ ଉତ୍କର୍ଷ ଓଡିଶା ପରେ ନୂଆଦିଲ୍ଲୀରେ ଆଇଓସିଏଲ୍ ସହିତ ଆମର ଏମ୍ଓୟୁ ଦ୍ୱିତୀୟ ଐତିହାସିକ ପଦକ୍ଷେପ। ଏପ୍ରିଲ ୭ ଓ ୮, ଏହି ଦୁଇ ଦିନ ଧରି, ମୁଁ ଏଚସିଏଲ୍ ଟେକ୍ନୋଲୋଜିର ନୋଇଡା ସ୍ଥିତ କାର୍ଯ୍ୟାଳୟ ପରିଦର୍ଶନ କରିବା ସହିତ ଦିଲ୍ଲୀରେ ଅନେକ ଶିଳ୍ପପତିଙ୍କ ସହିତ ଆଲୋଚନା କରିଛି। ଏଚସିଏଲକୁ ମୁଁ ଓଡ଼ିଶାରେ କ୍ୟାମ୍ପସ୍ କରିବା ପାଇଁ ପ୍ରସ୍ତାବ ଦେଇଛି ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ସମ୍ପର୍କରେ ସକରାତ୍ମକ ମତାମତ ମିଳିଛି। ମୋ ପାଇଁ ସବୁଠୁ ଖୁସିର କଥା ହେଉଛି ଶିଳ୍ପପତି ଓ ପୁଞ୍ଜିନିବେଶକାରୀମାନେ ଓଡିଶାକୁ ନେଇ ଖୁବ୍ ଆଗ୍ରହୀ ଅଛନ୍ତି। ପ୍ରଧାନମନ୍ତ୍ରୀ ଯାହା କହିଛନ୍ତି ଓଡ଼ିଶା ଏକ ବିପୁଳ ସମ୍ଭାବନାର ରାଜ୍ୟ, ତାହା ସଫଳ ହେଉଛି ଏବଂ ଓଡ଼ିଶାକୁ ବ୍ୟାପକ ପୁଞ୍ଜି ଆସିବାର ସୁଯୋଗ ସୃଷ୍ଟି ହୋଇଛି। ଦିଲ୍ଲୀରେ ଏହି ଗସ୍ତ ସମୟରେ ଆମେ ସମୁଦାୟ ୧୩ଟି ଚୁକ୍ତି ସ୍ୱାକ୍ଷର କରିଛୁ ଏବଂ ଏହା ସହିତ ୧୫ ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ମଧ୍ୟ ଆସିଛି। ଏହା ଦ୍ୱାରା ୧ଲକ୍ଷ ୩ହଜାର ୯୦ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବ ଏବଂ ୯୫ହଜାର ୧୯୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଆଇଓସିଏଲ୍ ସହିତ ଆମର ଏମ୍ଓୟୁ। ଆଇଓସିଏଲ୍ ଓଡିଶାରେ ୫୮ହଜାର ୪୨କୋଟି ଟଙ୍କାର ପୁଞ୍ଜି ନିବେଶ କରିବ ଏବଂ ଏହା ଦ୍ୱାରା ୨୪ହଜାର ନିଯୁକ୍ତି ସୁଯୋଗ ସୃଷ୍ଟିହେବ।

ଆଇଓସିଏଲ୍ ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭସ୍ ଲିମିଟେଡ୍ ଏବଂ ପେଟ୍ରୋନେଟ୍ ଏଲ.ଏନ.ଜି ସହିତ ଆମର ଏମ.ଓ.ୟୁ ଯୋଗୁ ଓଡିଶାକୁ ପେଟ୍ରୋକେମିକାଲ ଓ କେମିକାଲ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ମାର୍ଗ ପ୍ରସ୍ତୁତ ହୋଇପାରିଛି। ଏହାଦ୍ୱାରା ପେଟ୍ରୋକେମିକାଲ କ୍ଷେତ୍ରରେ ଅନେକ ଡାଉନଷ୍ଟ୍ରିମ୍ ଓ ଅନେସିଲାରି ୟୁନିଟ୍ ସ୍ଥାପନ ହେବାର ବିପୁଳ ସମ୍ଭାବନା ସୃଷ୍ଟି ହୋଇଛି ଏବଂ ଓଡ଼ିଶାକୁ ଏକ ବନ୍ଦରଭିତ୍ତିକ ଅର୍ଥନୀତି କରିବା ପାଇଁ ଅମେର ଯେଉଁ ଲକ୍ଷ୍ୟ ରହିଛି, ତାହା ସଫଳ ହେବ। ଏହି ଚୁକ୍ତିନାମା ଓଡିଶାର ଶିଳ୍ପ ଅଭିବୃଦ୍ଧି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଏବଂ ପେଟ୍ରୋକେମିକାଲ ବିକାଶ କ୍ଷେତ୍ରରେ ଓଡିଶା ପାଇଁ ଏହା ଏକ ମାଇଲଷ୍ଟୋନ ସାବ୍ୟସ୍ତ ହେବ। ଏହି ଗସ୍ତରେ ଆମ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଦ୍ୱାରା ଦକ୍ଷ ଯୁବ ବର୍ଗ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବ୍ୟାପକ ନିଯୁକ୍ତି ଆଣିପାରିବ। ଏହି ଗସ୍ତରେ ପ୍ରାୟ ୨୫ରୁ ଅଧିକ ଶିଳ୍ପପତିମାନଙ୍କ ସହିତ ଆଲୋଚନା ହୋଇଛି ଆଗାମୀ ଦିନରେ ମଧ୍ୟ ଆଲୋଚନା ହେବ। ଭବିଷ୍ୟତରେ ସେମାନଙ୍କ ସହିତ ପାର୍ଟନରସିପ୍ କରିବାର ସୁଯୋଗ ଉଜ୍ଜ୍ୱଳ ହୋଇଛି। ନୂଆ ସରକାର ଓଡ଼ିଶାରେ ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି।



ଆଜି ଦିଲ୍ଲୀରେ ମୁଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟି ଓଡିଶାର ଆଇନ ଶୃଙ୍ଖଳା ପରିସ୍ଥିତିର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ଏବଂ ଏଥିପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଆବଶ୍ୟକ ସହଯୋଗ ସଂପର୍କରେ ଆଲୋଚନା କରିଛି। ଓଡିଶାରେ ନୂଆ। ଅପରାଧୀକ ଆଇନ କାର୍ଯ୍ୟକାରୀ କରିବା, ନକ୍ସଲ ଦମନ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଛି। ବିଭିନ୍ନ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ କେନ୍ଦ୍ର ସରକାର ନିୟମିତ ସମୀକ୍ଷା କରନ୍ତି ଓଡ଼ିଶା ସହିତ ଆଜିର ଆଲୋଚନା ମଧ୍ୟ ଏକ ନିୟମିତ ସମୀକ୍ଷା ଥିଲା। ଏହି ବୈଠକରେ ଆମର ଆଲୋଚନା ଖୁବ୍ ସକାରାତ୍ମକ ଥିଲା ମାନ୍ୟବର ଗୃହମନ୍ତ୍ରୀ କହିଥିଲେ ଯେ, ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ ଏବଂ ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ସେ ସନ୍ତୋଷ ବ୍ୟକ୍ତ କରିବା ସହିତ ଏହାକୁ ଆହୁରି ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟରେ ବିଭିନ୍ନ ପରିସ୍ଥିତିକୁ ସାମ୍ନା କରିବା ପାଇଁ ସରକାର ପୋଲିସ୍ ବାହିନୀକୁ ସଶକ୍ତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି ଏଥିପାଇଁ ପୋଲିସ୍ ବାହିନୀରେ ୧୨ ହଜାରରୁ ଅଧିକ ନିଯୁକ୍ତି କରାଯିବ।

କେନ୍ଦ୍ର ସରକାରଙ୍କ ସହିତ ଆଲୋଚନାରେ ଅନେକ ବିଷୟ ସ୍ଥାନ ପାଇଥିଲା ନୂଆ ଅପରାଧୀକ ଆଇନର କାର୍ଯ୍ୟକାରୀତା ପାଇଁ ଅନେକ ପଦକ୍ଷେପ ମଧ୍ୟରେ ୨୦ଟି ନୂଆ। ସାଇବର ପୋଲିସ ଷ୍ଟେସନ ସ୍ଥାପନ, ସବୁ ସବ୍‌ଡିଭିଜନରେ ଫରେନ୍‌ସିକ ଭେଇକିଲ୍ ମୁତୟନ ଆଦି ପଦକ୍ଷେପ ରହିଛି। ଏହାସହିତ ସାଇବର କ୍ରାଇମ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ରାଜ୍ୟ ସରକାର ମଧ୍ୟ ଓଡିଶା ସାଇବର କ୍ରାଇମ କମାଣ୍ଡ ସେଣ୍ଟର ଗଠନ କରିବା ପାଇଁ ଚିନ୍ତା କରୁଛନ୍ତି। ଏହାସହିତ ପ୍ରତ୍ୟେକ ପୋଲିସ ଷ୍ଟେସନରେ ଗୋଟିଏ ଗୋଟିଏ କ୍ରାଇମ ସିନ୍ ଅଫିସର ପଦବୀ ମଧ୍ୟ ସୃଷ୍ଟି କରାଯିବା ସଂପର୍କରେ ମଧ୍ୟ ଚିନ୍ତା କରାଯାଉଛି। ଏହି ସମସ୍ତ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ୨୦୦୦ ନୂଆ ଟ୍ରାଫିକ ପୋଲିସ ପଦବୀ ମଧ୍ୟ ସୃଷ୍ଟି କରାଯିବ।

ସେହିପରି ନକ୍ସଲ ଦମନ କାର୍ଯ୍ୟକ୍ରମ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ମାଓ ଦମନ କ୍ଷେତ୍ରରେ ଓଡିଶା ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ୧୦ଟି ଜିଲ୍ଲାର ଯେଉଁ ଅଳ୍ପ କିଛି ଅଂଶରେ ଯେଉଁଠି ମାଓବାଦୀ ଅଛନ୍ତି, ସେମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଆମର ପ୍ରସ୍ତୁତିକୁ ସୁଦୃଢ଼ କରାଯାଉଛି ମାଓ ଦମନ ପାଇଁ ଓଡିଶାରେ ଆମେ ସବ୍ ଡିଭିଜନ ସ୍ତରରେ ମାଇକ୍ରୋ ପ୍ଲାନିଂ କରାଯାଇ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ହେରନ୍, ୟୁଏଭି, ଡ୍ରୋନ୍, ଇଣ୍ଟରସେପ୍ଟର ଆଦି ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ସରକାର ମଧ୍ୟ ସ୍ୱତନ୍ତ୍ର ଭାବେ ପୂର୍ବ ସର୍ଭିସମେନମାନଙ୍କୁ ନେଇ ଷ୍ଟ୍ରାଇକିଂ ଫୋର୍ସ ଗଠନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ଏଥିପାଇଁ ୩ଟି ସ୍ୱତନ୍ତ୍ର ବାଟାଲିୟନ ଗଠନ କରାଯିବ

ସେହିପରି ଓଡ଼ିଶା ଏକ ଶିଳ୍ପୋନ୍ନତ ରାଜ୍ୟ ଭାବରେ ଗଢ଼ି ଉଠିବାର ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଥିବାରୁ ଏହି କ୍ଷେତ୍ରରେ ମଧ୍ୟ ଆଇନ୍‌ଶୃଙ୍ଖଳା ନିୟନ୍ତ୍ରଣର ଆବଶ୍ୟକତା ଅଛି। ଏଥିପାଇଁ ରାଜ୍ୟ ସରକାର ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ ବା ଓଆଇଏସ୍ଏଫ ଗଠନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ମଧ୍ୟ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା ହୋଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିର ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ଓ ଯୋଜନା ସମ୍ପର୍କରେ ଗୃହମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ ଓଡ଼ିଶାର କାର୍ଯ୍ୟକ୍ରମକୁ ଆହୁରି ସଶକ୍ତ କରିବା ପାଇଁ କେନ୍ଦ୍ର ସରକାର ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି କହିଥିଲେ। ନୂଆ ଓଡ଼ିଶା ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ପଦକ୍ଷେପ ନିଶ୍ଚୟ ସଫଳ ହେବ।

## ଅମିତ ଶାହାଙ୍କୁ ଦିଲ୍ଲୀରେ ଭେଟିଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୯।୪(ମହାଭାରତ):** ଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଭେଟିଛନ୍ତି। ନର୍ଥ ବ୍ଲକରେ ଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଯାଇ ମୁଖ୍ୟମନ୍ତ୍ରୀ ଶାହାଙ୍କୁ ଭେଟିଛନ୍ତି। ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକଙ୍କ ସହ ଯାଇ ମୁଖ୍ୟମନ୍ତ୍ରୀ ଏହି ସାକ୍ଷାତ କରିଛନ୍ତି। ଆଇନଶୃଙ୍ଖଳା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ରାଜ୍ୟରେ ଖାଲିଥିବା ପଦବି ଖୁବ୍ ଶୀଘ୍ର ପୂରଣ ହେବ। ରାଜ୍ୟର ବିଭିନ୍ନ ବିଭାଗରେ ଖାଲି ଥିବା ୧୨,୦୦୦ରୁ ଊର୍ଦ୍ଧ୍ୱ ପଦବି ପୂରା ହେବ। ଗୃହ ବିଭାଗର ଅନେକ ପଦବି ଖାଲି ପଡ଼ିଛି। ଆମ ସରକାର ଆସିଲା ପରେ ତ୍ୱରିତ ପ୍ରକ୍ରିୟା ପଦବିଗୁଡ଼ିକ ପୂରଣ କରାଯିବ। ଏଥିରେ ଓଆଇଏସ୍ଏଫ୍, ଟ୍ରାଫିକ କନଷ୍ଟେବଲ, ହୋମଗାର୍ଡ ଆଦି ସାମିଲ ରହିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀ ଗସ୍ତ କରିଛନ୍ତି। ନୂଆଦିଲ୍ଲୀରେ ଇନ୍‌ଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମରେ ଯୋଗଦେଇ ବିଶିଷ୍ଟ ଶିଳ୍ପପତିମାନଙ୍କ ସହିତ ଆଲୋଚନା କରିବା ସହ ଓଡ଼ିଶାରେ ନିବେଶ କରିବାକୁ ଆମନ୍ତ୍ରଣ କରିଛନ୍ତି। ଏଥିସହ ଇନ୍‌ଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମ ଜରିଆରେ ଆସିଥିବା ନିବେଶ ପ୍ରସ୍ତାବ ଓଡ଼ିଶାର ଶିଳ୍ପ ବିକାଶଧାରାକୁ ନୂଆ ଗତି ଦେବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯାଇ ଦେଶର ବହୁ ଶିଳ୍ପ ନେତୃତ୍ୱଙ୍କ ସହ ଆଲୋଚନା କରିଛନ୍ତି। ମଙ୍ଗଳବାର ରାଜ୍ୟରେ ପୁଞ୍ଜିନିବେଶ ନେଇ ୧୩ କମ୍ପାନୀ ସହ ମୁଖ୍ୟମନ୍ତ୍ରୀ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ବିଭିନ୍ନ କମ୍ପାନୀ ସହ ହୋଇଥିବା ଏହି ଚୁକ୍ତି ୧,୦୩,୦୯୦ କୋଟି ଟଙ୍କାର ପୁଞ୍ଜି ଆକର୍ଷିତ କରିଥିବାବେଳେ ୯୫,୯୧୫ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

## ଆମେରିକା ଉପରେ ଚୀନର ପାଲଟା ଆକ୍ରମଣ

### ୟୁଏସ୍ ସାମଗ୍ରୀ ଉପରେ ଟାରିଫ୍ ବଢାଇ କଲା ୮୪%

**ନୂଆଦିଲ୍ଲୀ,୯।୪(ମହାଭାରତ):** ଆମେରିକା ଓ ଚୀନ ମଧ୍ୟରେ ଟାରିଫ୍ ୱାର୍ ବଢିଯାଇଛି । ଆମେରିକୀୟ ସାମଗ୍ରୀ ଉପରେ ଟାରିଫ୍ ବଢାଇ ୮୪ ପ୍ରତିଶତ କରିଛି ଚୀନ । ଏହାର ଅର୍ଥ ଏହା ଯେ ଚୀନ ଏବେ ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ୮୪ ପ୍ରତିଶତ ଅତିରିକ୍ତ ଶୁଳ୍କ ଲଗାଇବ । ରାଟିଫ୍ ହେଉଛି ଆମଦାନୀ କରାଯାଇଥିବା ସାମଗ୍ରୀ ଉପରେ ଲାଗୁ ହେଉଥିବା ଏକ ପ୍ରକାର ଟ୍ୟାକ୍ସ ।



ଚୀନ ଅର୍ଥ ମନ୍ତ୍ରଣାଳୟ ଗୁରୁବାର ସମସ୍ତ ଆମେରିକୀୟ ସାମଗ୍ରୀ ଉପରେ ଟାରିଫ୍ ବୃଦ୍ଧି ଘୋଷଣା କରିଛି। ପୂର୍ବରୁ ଘୋଷିତ ୩୪ ପ୍ରତିଶତ ଟାରିଫ୍ଠାରୁ ୫୦ ପ୍ରତିଶତ ଅଧିକ କରିଛି । ମନ୍ତ୍ରଣାଳୟ କହିଛି ଯେ ନୂଆ ଶୁଳ୍କ ଏପ୍ରିଲ୍ ୧୦ରୁ ଲାଗୁ ହେବ । ଉଚ୍ଚ ଟାରିଫ୍ ପରେ ଚୀନରେ ଆମେରିକୀୟ ସାମଗ୍ରୀ ମହଙ୍ଗା ହୋଇଯିବ । ଏହାସହ ଚୀନକୁ ଆମେରିକା ସାମଗ୍ରୀର ରପ୍ତାନୀ ମଧ୍ୟ ହ୍ରାସ ହୋଇପାରେ ।ଚୀନ ଗ୍ରାହକଙ୍କୁ ଆମେରିକୀୟ ସାମଗ୍ରୀ କିଣିବା ପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ । ଏହି ପଦକ୍ଷେପ ପରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ଯୁଦ୍ଧ ଆହୁରି ତୀବ୍ର ହୋଇପାରେ।

ଚୀନର ଏହି ପଦକ୍ଷେପ ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱାରା ମଙ୍ଗଳବାର ଚୀନ ସାମଗ୍ରୀ ଉପରେ ୧୦୪ ପ୍ରତିଶତ ଟାରିଫ୍ ଲଗାଯିବା ପରେ ନିଆଯାଇଛି । ଟ୍ରମ୍ପଙ୍କ ଦ୍ୱାରା ୧୦୪ ପ୍ରତିଶତ ଟାରିଫ୍ ଲାଗୁ କରାଯିବା ପରେ ଚୀନ ଏହାକୁ 'ଅହଂକାରୀ ଓ ଧମକପୂର୍ଣ୍ଣ' ବ୍ୟବହାର ବୋଲି କହିଥିଲା । ଏହାସହ ଚୀନ ଟ୍ରମ୍ପଙ୍କ ଟାରିଫ୍ ବିରୋଧରେ ଶେଷ ପର୍ଯ୍ୟନ୍ତ ଲଢେଇ ଲଢିବ ବୋଲି ସଂକଳ୍ପ ନେଇଥିଲା । ଟାରିଫ୍ ପ୍ରସଙ୍ଗରେ ହ୍ୱାଇଟ୍ ହାଉସ ସହ କୌଣସି ପ୍ରକାର ଆଲୋଚନା କରିବ ନାହିଁ ବୋଲି ଚୀନ ସ୍ପଷ୍ଟ କରିଥିଲା ।

## ୨୬ ରାଫେଲ କିଣିବ ଭାରତ

**ନୂଆଦିଲ୍ଲୀ,୧୦।୪(ମହାଭାରତ):** ଫ୍ରାନ୍ସରୁ ୨୬ଟି ରାଫେଲ ସାମୁଦ୍ରିକ ଯୁଦ୍ଧ ବିମାନ କ୍ରୟ ପାଇଁ ଭାରତର ମେଗା ଡିଲ । ରାଫେଲ୍ ସାମୁଦ୍ରିକ ଯୁଦ୍ଧ ବିମାନ କିଣିବା ନେଇ ଚୁକ୍ତିକୁ ଦେଶର ସୁରକ୍ଷା ସମ୍ବନ୍ଧୀୟ କମିଟି ସିସିଏସ୍ ଅନୁମୋଦନ ଦେଇଛି । ଏହାଦ୍ୱାରା ବୃଦ୍ଧି ପାଇବ ନୌସେନାର କ୍ଷମତା। ନୌସେନା ପାଇଁ ୨୬ଟି ରାଫେଲ-ମରିନ୍ ଲଢୁଆ ବିମାନ କିଣିବାକୁ ଫ୍ରାନ୍ସ ସହିତ ଚୁକ୍ତିକୁ ଅନୁମୋଦନ ମିଳିଛି। ଭାରତ ଏବଂ ଫ୍ରାନ୍ସ ସରକାରଙ୍କ ମଧ୍ୟରେ ଏହି ଡିଲ ପାଇଁ ଖର୍ଚ୍ଚ ହେବ ୬୩ ହଜାର କୋଟି ।

ଭାରତୀୟ ନୌସେନାର ୨୨ ସିଙ୍ଗଲ-ସିଟର ଏବଂ ଚାରିଟି ଟୁଇନ-ସିଟର ବିମାନ କିଣିବ ଭାରତ । ଏହି ଚୁକ୍ତି ଭାରତୀୟ ନୌସେନାର କ୍ଷମତାକୁ ବୃଦ୍ଧି କରିବାରେ ସହାୟକ ହେବ । ରାଫେଲ-ଏମ୍ ଜେଟଗୁଡ଼ିକୁ ଭାରତୀୟ ନୌସେନାରେ ସାମିଲ କରାଯିବ । ରାଫେଲ-ଏମ୍ ଜେଟଗୁଡ଼ିକ ଫ୍ରାନ୍ସର ଡାସଲ୍ଟ ଏଭିଏସନ୍ କମ୍ପାନୀ ଦ୍ୱାରା ନିର୍ମିତ ଭାରତୀୟ ବାୟୁସେନାର ରାଫେଲ୍ ବିମାନ ପରି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ କ୍ଷମତାରେ ସଜ୍ଜିତ । ସାମୁଦ୍ରିକ ଅଂଚଳରେ କାର୍ଯ୍ୟ କରିବାର କ୍ଷମତା ବୃଦ୍ଧି ପାଇବ । ଏହି ଜେଟଗୁଡ଼ିକ ବିମାନବାହକ ଜାହାଜରେ ମଧ୍ୟ ବ୍ୟବହୃତ ହେବ ଯାହା ଭାରତୀୟ ନୌସେନାର ରଣନୈତିକ ଶକ୍ତିକୁ ମଧ୍ୟ ବୃଦ୍ଧି କରିବ । ପାକିସ୍ତାନ ଭଳି ଶକ୍ତି ବିରୁଦ୍ଧରେ ଭାରତ ଆହୁରି ଶକ୍ତିଶାଳୀ ହେବ । ଏହି ଚୁକ୍ତି କେବଳ ପ୍ରତିରକ୍ଷା କ୍ଷେତ୍ର ପାଇଁ ନୁହେଁ ବରଂ ଏହା ଭାରତୀୟ କୂଟନୈତିକ ସ୍ତରରେ ମଧ୍ୟ ନୂତନ ଦିଗଦର୍ଶନ ଦେବ। ବାୟୁସେନା ଏବଂ ନୌସେନାର କ୍ଷମତା ବୃଦ୍ଧି ସହ ଭାରତକୁ ଚୀନ୍ ଏବଂ ପାକିସ୍ତାନ ଭଳି ଶକ୍ତି ବିରୁଦ୍ଧରେ ଭାରତର ରଣନୀତି ଆହୁରି ସୁଦୃଢ ହେବ।

## ଏୟାର ଇଣ୍ଡିଆ ବିମାନରେ ପରିସ୍ରା କାଣ୍ଡ

### ଘରୋଇ କମ୍ପାନିର ବରିଷ୍ଠ ଅଧିକାରୀଙ୍କ ଉପରେ ପରିସ୍ରା କଲେ ସହଯାତ୍ରୀ

**ନୂଆଦିଲ୍ଲୀ,୯।୪(ମହାଭାରତ):** ଏୟାର ଇଣ୍ଡିଆ। ବିମାନରେ ପୁଣି ଥରେ ପରିସ୍ରା କାଣ୍ଡ ଘଟିଛି । ଦିଲ୍ଲୀରୁ ବ୍ୟାଙ୍କକକ୍ ଯାଉଥିବା ଏୟାର ଇଣ୍ଡିଆ। ବିମାନ ଏଆଇ ୨୩୩୬ର ବିଜନେସ୍ କ୍ଲାସରେ ଜଣେ ପୁରୁଷ ଯାତ୍ରୀ ଏକ ଘରୋଇ କମ୍ପାନିର ବଡ଼ ଅଧିକାରୀଙ୍କ ଉପରେ ପରିସ୍ରା କରିଛନ୍ତି । ଏୟାର ଇଣ୍ଡିଆ। ମଧ୍ୟରେ ଏହି ଘଟଣା ସ୍ପଷ୍ଟ କରିଛି। କ୍ରିୟୁ ସଦସ୍ୟ ପୀଡ଼ିତ ଯାତ୍ରୀଙ୍କୁ ଅଭିଯୋଗ କରିବାରେ ସହଯୋଗ କରିବେ ବୋଲି କହିଥିଲି, କିନ୍ତୁ ସେ ଏପରି କରିବାକୁ ମନା କରିଛନ୍ତି । ବିମାନ ବ୍ୟାଙ୍କକରେ ଲ୍ୟାଣ୍ଡ୍ କରିବା ବେଳେ ଏହି ଘଟଣା ଘଟିଥିଲା । ଏହା ପୂର୍ବରୁ ୨୦୨୨ ନଭେମ୍ବରରେ ବି ଏୟାର ଇଣ୍ଡିଆ। ବିମାନରେ ଏଭଳି ପରିସ୍ରା କାଣ୍ଡ ଦେଖିବାକୁ ମିଳିଥିଲା ।

ମାମଲା ବଢିବା ପରେ ଯାତ୍ରୀ ଜଣକ ପୀଡ଼ିତଙ୍କୁ କ୍ଷମା ମାଗିଛନ୍ତି। ଏୟାର ଇଣ୍ଡିଆ। ମୁଖପାତ୍ର କହିଛନ୍ତି, 'ଏପ୍ରିଲ୍ ୯ରେ ଦିଲ୍ଲୀରୁ ବ୍ୟାଙ୍କକକ୍ ଯାଉଥିବା ବିମାନ ଏଆଇ ୨୩୩୬କୁ କଣ୍ଟ୍ରୋଲ କରୁଥିବା କେବିନ୍ କ୍ରିୟୁଙ୍କୁ ଜଣେ ଅନିୟନ୍ତ୍ରିତ ଯାତ୍ରୀଙ୍କ ଦୁର୍ବ୍ୟବହାର ସୂଚନା ମିଳିଥିଲା । କ୍ରିୟୁ ସମସ୍ତ ନିର୍ଦ୍ଧାରିତ ପ୍ରକ୍ରିୟା ପାଳନ କରିଥିଲେ ଓ ମାମଲା ସମ୍ପର୍କରେ ଅଧିକାରୀଙ୍କୁ ସୂଚନା ଦିଆଯାଇଛି। କମ୍ପାନି ଆହୁରି କହିଛି, 'ଘଟଣା ଘଟାଇଥିବା ଯାତ୍ରୀଙ୍କୁ ଚେତାବନୀ ଦିଆଯିବା ସହ ଆମ କ୍ରିୟୁ ପୀଡ଼ିତ ଯାତ୍ରୀଙ୍କୁ ବ୍ୟାଙ୍କକରେ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବାରେ ସହାୟତା କରିବେ ବୋଲି ମଧ୍ୟ କହିଥିଲେ । କିନ୍ତୁ ସେହି ସମୟରେ ଏହାକୁ ସେ ଅସ୍ୱୀକାର କରିଥିଲେ। ଘଟଣାର ଆକଳନ କରିବା ଓ ଦୁର୍ବ୍ୟବହାର କରିଥିବା ଯାତ୍ରୀଙ୍କ ବିରୋଧରେ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ, ତେବେ କମିଟି ସ୍ୱତଃ ତାଙ୍କୁ ଡାକିବ । ଏୟାର ଇଣ୍ଡିଆ। ଏପରି ମାମଲାରେ ଡିଜିସିଏ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା ଏସଓପି ପାଳନ କରିବ ।

## ପାଣ୍ଡିଆନଙ୍କ ପାଇଁ ଓକିଲାତି କଲେ ନବୀନ

**ଭୁବନେଶ୍ୱର,୯।୪(ମହାଭାରତ):** ପୁଣି ଥରେ ପାଣ୍ଡିଆନଙ୍କୁ କ୍ଲିନ୍ ଚିଟ୍ ଦେଇଛନ୍ତି ନବୀନ। ଭିକେ ପାଣ୍ଡିଆନଙ୍କ ସପକ୍ଷରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଗୁରୁତ୍ୱପୂର୍ଣ୍ଣ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ପାଣ୍ଡିଆନ କେବଳ ରାଜ୍ୟ ପାଇଁ ନୁହେଁ ଦଳ ପାଇଁ ବି ବହୁତ କାମ କରିଛନ୍ତି। ତାଙ୍କୁ କୌଣସି ପ୍ରକାର ବଦନାମ କରାଯିବା ଉଚିତ ନୁହେଁ ।

ପୂର୍ବତନ ୫ଟି ଅଧ୍ୟକ୍ଷ ଭୈରବ କାର୍ତିକେୟନ ପାଣ୍ଡିଆନ୍ ଙ୍କ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସନ୍ଧ୍ୟାରେ ମୁହଁ ଖୋଲିଛନ୍ତି। ନବୀନ ନିବାସରେ ବିଜେଡି ସୁପ୍ରିମୋ ଜାତୀୟ ଗଣମାଧ୍ୟମକୁ କହିଛନ୍ତି, ଭି କେ ପାଣ୍ଡିଆନ୍ ଉଭୟ ରାଜ୍ୟ ଓ ଦଳ ପାଇଁ ଭଲ କାମ କରିଛନ୍ତି। ସେ ଗତ ୧୦ ମାସ ହେଲା ବିଜେଡିରୁ ଇସ୍ତଫା ଦେଇସାରଛନ୍ତି। ବର୍ତ୍ତମାନ ସମୟରେ ବିଜେଡିର କୌଣସି କାର୍ଯ୍ୟରେ ସଂଶ୍ଳିଷ୍ଟ ନାହାନ୍ତି।

ଏହାସହ ପାଣ୍ଡିଆନଙ୍କୁ ଆକ୍ରମଣ କରୁଥିବା ନେତାଙ୍କୁ କଡ଼ା ଜବାବ ଦେଇଛନ୍ତି। ପାଣ୍ଡିଆନଙ୍କୁ ସମାଲୋଚନା କରିଥିବା ପ୍ରଭାତ ତ୍ରିପାଠୀଙ୍କ ପ୍ରତି କଡ଼ା ମନ୍ତବ୍ୟ ଦେଇଛନ୍ତି। ପ୍ରଭାତ ତ୍ରିପାଠୀ ପୂର୍ବରୁ ଦଳରୁ ବିଦା ହୋଇଥିଲେ। 'ଚିଟଫଣ୍ଡ ମାମଲାରେ ପୂର୍ବରୁ ପ୍ରଭାତ ଜେଲ୍ ଯାଇଛନ୍ତି। ପ୍ରଭାତ ତ୍ରିପାଠୀ ବିଜେଡିର କିଛି ନୁହଁନ୍ତି।

ୱାକଫ୍ ସଂଶୋଧନ ବିଲ୍ ସପକ୍ଷରେ ମତଦାନକୁ ନେଇ ଆରମ୍ଭ ହୋଇଥିବା ବିଜେଡିର ମତଭେଦ ଏବେ ବଡ ଆକାର ନେଲାଣି। ମଙ୍ଗଳବାର ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ନେତାଙ୍କୁ କୌଣସି ବୟାନ ନଦେବାକୁ ପରାମର୍ଶ ଦେଇଥିଲେ। ହେଲେ ବୁଧବାର ପୂର୍ବାହ୍ଣରେ ବିଜେଡି ନେତାମାନେ ଅଲଗା ଅଲଗା ଜାଗାରେ ମେଳି କରିଥିଲେ। କିଛି ନେତା ଏକ ଘରୋଇ ହୋଟେଲରେ ବସି ଆଲୋଚନା କରିଥିବା ବେଳେ ଆଉ କିଛି ପ୍ରତାପ ଦେବଙ୍କ ବାସଭବନରେ ବୈଠକ କରିଥିଲେ। ସେହିପରି ଆଉ କିଛି ଯୁବ ନେତା ଅଲଗା ମେଳି କରିଥିଲେ।



ଭୁବନେଶ୍ୱରର ଏକ ହୋଟେଲରେ ବିଜେଡିର ବରିଷ୍ଠ ନେତାଙ୍କ ମେଳି ପରେ ବିସ୍ଫୋରକ ବୟାନ ଦେଇଛନ୍ତି ଶଶୀ ଭୂଷଣ ବେହେରା। ସେ କହିଛନ୍ତି ଯେ କେହି ବି ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ଦୁର୍ବଳ କରିବା ପାଇଁ ପ୍ରୟାସ କଲେ ତାକୁ ବରଦାସ୍ତ କରାଯିବ ନାହିଁ। ଆମେ ମଝିରେ ମଝିରେ ବସୁ । ଆମେ ଆଜି ବସିଥିଲୁ ବସିବା ଭିତରେ ସାଙ୍ଗଠନିକ କଥା ଆଲୋଚନା ହୋଇନାହିଁ ।ଏବେ ବି ନବୀନ ବାବୁ ଓଡ଼ିଶା ବାସୀ ଓ ବିଜୁ ଜନତା ଦଳର ଜନ ମାନସର ନେତା। ତାଙ୍କୁ କେହି ବି ବାହ୍ୟ ଶକ୍ତି ଓ ଦଳ ଭିତରରେ ଦୁର୍ବଳ କରିବା ପାଇଁ ଚେଷ୍ଟା କଲେ ଆମେ ବରଦାସ୍ତ କରିବୁ ନାହିଁ । ଯେତେବେଳେ ଆଭାସ ମିଳିବ ବରଦାସ୍ତ କରାଯିବ ନାହିଁ। ନବୀନ ବାବୁ ନିର୍ବିବାଦିୟ ତାଙ୍କ ସପକ୍ଷରେ ୪୧ % ଭୋଟ ରହିଛି । ଏ ଅବସ୍ଥାରେ ତାଙ୍କୁ କେହି ଦୁର୍ବଳ କରିବାକୁ ବସିଲେ ଆମେ ଦଳରେ ଥାଇ କି ଆମେ ତାକୁ କେମିତି ବରଦାସ୍ତ କରିବୁ । ବହୁତ ସମୟରେ ଲୋକ ପ୍ରିୟ ନେତାଙ୍କ ଛବି ମଳିନ ପାଇଁ ଉଦ୍ୟମ ହୁଏ । କୌଣସି କଥାକୁ ସୁଯୋଗ ଦିଆଯିବ ନାହିଁ ବୋଲି କହିଛନ୍ତି ଶଶୀ ଭୂଷଣ ବେହେରା।

ବର୍ତ୍ତମାନ ବିଜେଡିରେ ମନ୍ଥନ ଚାଲିଛି। ବିଷ ବି ବାହାରିବ, ଅମୃତ ବି ବାହାରିବ। ଯିଏ କ୍ଷତି କରିଛି ତାକୁ ବିଷ ଦିଆଯିବ ଆଉ ଆମେ ଅମୃତ ପାନ କରିବୁ। ଯିଏ ଭୁଲ ମନ୍ତବ୍ୟ ବା ନିଷ୍ପତି ନେଇଛନ୍ତି ସେ ଦଳର କ୍ଷତି କରିଛନ୍ତି। ନବୀନ ବାବୁଙ୍କୁ ଭେଟିଥିଲୁ ସେ କହିଛନ୍ତି ସମାଧାନ କରାଯାଉଛି। ଆମେ ନବୀନ ବାବୁଙ୍କ ସହ ଅଛୁ ବୋଲି କହିଛନ୍ତି ବିଜେଡିର ବରିଷ୍ଠ ନେତା ଆୟୁବ ଖାନ୍ ।

ୱାକଫ ସମ୍ପର୍କରେ ସାଂସଦ ମୁନା ଖାଁ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି । ଧର୍ମ ନିରପେକ୍ଷତା ବଜାୟ ରହିଛି । ନବୀନ ପଟ୍ଟନାୟକ ଆମ ନେତା ୨୫ ବର୍ଷରୁ ବିଜେଡିର ନେତୃତ୍ୱ ନେଉଛନ୍ତି । ସେ ଠିକଣା ସମୟରେ ଠିକଣା ନିଷ୍ପତ୍ତି ନିଅନ୍ତି । ଆବଶ୍ୟକତା ପଡିଲେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି ବିଜେଡି ସଭ୍ୟ ସଂଗ୍ରହ କମିଟି ଆବାହକ ଅତନୁ ସବ୍ୟସାଚୀ ନାୟକ । ସବୁ ସାଂସଦ ଓ ଦାୟିତ୍ୱରେ ଥିବା ନେତା ଗୋଟେ ଧାଡିରେ ଅଛନ୍ତି । କାହାର ଓଲମ ବିଲମ ନାହିଁ । ଘର ଭିତରେ ଖୁଟ ଖାଟ ହୁଏ । ପ୍ରଭାତ ତ୍ରିପାଠୀ କହିଛନ୍ତି, କିନ୍ତୁ ମୋ ନାଁ ନେଇ ନାହାନ୍ତି । ମୋ ଡିଏନଏରେ ତୋସାମତି କି ଚାମଚାଗିରି ନାହିଁ । ସେ ମୋ ବାପାଙ୍କୁ ଜାଣିଛନ୍ତି । ସେ ଶେଷ ଯାଏଁ ବିଜୁ ବାବୁଙ୍କ ସହ ଥିଲେ । ମୁଁ ନବୀନ ବାବୁଙ୍କ ସହ ଅଛି । ଦାୟିତ୍ୱ ନ ମିଳିଲେ ବି ନବୀନ ବାବୁଙ୍କ ସହ ଅଛି ବୋଲି ସେ କହିଛନ୍ତି। ପ୍ରଭାତ ଭାଇ ତ ଆଉ ବିଜେଡିରେ ନାହାନ୍ତି । ସେ ନିଜେ ଏହା ସ୍ୱୀକାର କରିଛନ୍ତି । ସେ ବିଜେଡିର ଆଭ୍ୟନ୍ତରୀଣ କଥା ପାଇଁ ଏତେ ବ୍ୟସ୍ତ କାହିଁକି । ନବୀନ ବାବୁଙ୍କ ନେତୃତ୍ୱକୁ କେହି ଚ୍ୟାଲେଞ୍ଜ କରିନାହାନ୍ତି । କିଏ ନିଜେ ସୁବିଧା ପାଇଁ ଚ୍ୟାଲେଞ୍ଜ କରିଥିବେ । ଦେବାଶିଷ ବାବୁ ବି ଚ୍ୟାଲେଞ୍ଜ କରି ନାହାନ୍ତି । ଦଳ ବାହରେ କିଏ କଣ କହିଲେ ସମ୍ପର୍କ କଣ । କାହାକୁ କଣ ଆକ୍ଷେପ କଲେ ଅଲଗା କଥା । ଦଳ ଦୁଇ ଭାଗ ନୁହେଁ । ନବୀନଙ୍କ ନେତୃତ୍ୱରେ ଦଳ ଏକ । ସବୁ ଏକାଠି ହୋଇ ଅଛୁ । ସବୁବେଳେ ନବୀନ ବାବୁ ଠିକ ନିଷ୍ପତି ନେଇଛନ୍ତି । ଲକ୍ଷ ଲକ୍ଷ କର୍ମୀ ନବୀନ ବାବୁଙ୍କ ପାଇଁ ଅଛନ୍ତି । ଦଳ ଶୃଙ୍ଖଳିତ। ନବୀନଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବୁ ବୋଲି ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ।

## ଭାରତ ଆସିବ ୨୬/୧୧ ମାଷ୍ଟରମାଇଣ୍ଡ

**ନୂଆଦିଲ୍ଲୀ,୧୦।୪(ମହାଭାରତ):** ମୁମ୍ବାଇ ଆତଙ୍କୀ ଆକ୍ରମଣର ଅନ୍ୟତମ ଅଭିଯୁକ୍ତ ତହବୁର ରାଣା କୌଣସି ବି ସମୟରେ ଭାରତ ଆସିପାରେ। ଆଜି ଆମେରିକାରୁ ତହବୁର ଭାରତ ଫେରିବା ନେଇ ବିଶେଷ ସୁତ୍ରରୁ ସୂଚନା ମିଳିଛି। ଆମେରିକା ସହ ଭାରତୀୟ ଏଜେନ୍ସିଙ୍କର ସମସ୍ତ ଔପଚାରିକତା ଶେଷ ହୋଇଛି । ଭାରତ ଆସିଲେ ଏନଆଇଏ ହେପାଜତରେ ରହିବ ତହବୁର । ଦିଲ୍ଲୀ କିମ୍ବା ମୁମ୍ବାଇର କୌଣସି ଜେଲରେ ରହିବ ପାକିସ୍ତାନୀ ଆତଙ୍କୀ। ଗତକାଲି (ମଙ୍ଗଳବାର) ପ୍ରତ୍ୟାର୍ପଣ ବିରୋଧରେ ତହବୁର କରିଥିବା ଆବେଦନକୁ ଖାରଜ କରିଥିଲେ ଆମେରିକା ସୁପ୍ରିମକୋର୍ଟ । ଭାରତର ଏକାଧିକ ଏଜେନ୍ସିଂ ଟିମ୍ ବର୍ତ୍ତମାନ ଆମେରିକାରେ ରହିଛନ୍ତି। ସମସ୍ତ ଔପଚାରିକତା ସମାପ୍ତ ହୋଇଛି । କୌଣସି ବି ସମୟରେ ତହୱୁର ଭାରତ ଫେରିପାରେ। ଗତ କିଛି ଦିନ ହେବ ନ୍ୟାସନାଲ ଇଭେଷ୍ଟିଗେସନ ଏଜେନ୍ସିଂ, ଇଣ୍ଟେଲିଜେନ୍ସ ବ୍ୟୁରୋ ବିଦେଶ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ ଓ ସଂଯୁକ୍ତ ଟିମ୍ ଆମେରିକା ଅଧିକାରୀଙ୍କ ସହ ତହବୁର ପ୍ରତ୍ୟାର୍ପଣ ନେଇ ସମ୍ପର୍କରେ ଥିଲେ । ତହବୁର ଫେରିବା ପରେ ଦିଲ୍ଲୀ କିମ୍ବା ମୁମ୍ବାଇ ଜେଲରେ ରହିପାରେ। ଜେଲରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ହୋଇଛି ।

## ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



..... ଖବର ......

# ଶ୍ରୀଲୀଲାଙ୍କ ସହିତ ଡେଟିଂକୁ ନେଇ ମୁହଁ ଖୋଲିଲେ କାର୍ତ୍ତିକ

ଖୁବଶୀଘ୍ର ନିର୍ଦ୍ଦେଶକ ଅନୁରାଗ ବାସୁଙ୍କ ଫିଲ୍ମରେ ନଜର ଆସିବେ କାର୍ତ୍ତିକ ଆରୟନ। କାର୍ତ୍ତିକ ଆଗାମୀ ଦିନରେ ସାଉଥ୍ ଅଭିନେତ୍ରୀ ଶ୍ରୀଲୀଲାଙ୍କ ସହ ପରଦାରେ ରୋମାନ୍ସ କରୁଥିବାର ନଜର ଆସିବେ । ତେବେ କାର୍ତ୍ତିକ ପ୍ରାୟତଃ ତାଙ୍କ ଲଭଲାଇଫକୁ ନେଇ ଚର୍ଚ୍ଚାରେ ଥାଆନ୍ତି। କିଛିଦିନ ହେବ ତାଙ୍କ ନାମକୁ ସାଉଥ୍ ଅଭିନେତ୍ରୀ ଶ୍ରୀଲୀଲାଙ୍କ ସହିତ ଯୋଡ଼ା ଯାଉଛି। ଦୁହେଁ ଏକାଠି ସିନେମା 'ଆଶିକି-୨' ପାଇଁ କାମ କରୁଛନ୍ତି। ଶ୍ରୀଲୀଲାଙ୍କ ସହିତ ନାମ ଯୋଡ଼ା ଯିବା ପ୍ରସଙ୍ଗରେ ମୁହଁ ଖୋଲି କାର୍ତ୍ତିକ କହିଛନ୍ତି, 'ଆପଣମାନଙ୍କୁ ସ୍ପଷ୍ଟ ଭାବେ ଜଣାଇ ଦେବାକୁ ଚାହିଁବିକି ମୁଁ ବର୍ତ୍ତମାନ ସିଙ୍ଗଲ ଅଛିୟ କାହା ସହିତ ଡେଟିଂରେ ଯାଉନାହିଁ କି ଡେଟ କରୁନାହିଁ।ସମୟ ସହିତ ଏଭଳି ଗୁଜବ ଖବର ସହିତ କିପରି ବଞ୍ଚିବାକୁ ହେବ ତାହା ଶଖିଗଲିଣି। ଏଭଳି ପରିସ୍ଥିତିରେ ନିଜକୁ ଖୁବ ସାବଧାନତା ସହିତ ଉପସ୍ଥାପିତ କରିବାକୁ ହେବ ବେ । ଲ ଜାଣିଗଲିଣି।'କାର୍ତ୍ତିକଙ୍କ ଆଗାମୀ ସିନେମାର ନାମ 'ତୁ ମେରି ମେ ତେରା, ମେ ତେରା ତୁ ମେରି' ରହିଛି। ଏହି ସିନେମାରେ ତାଙ୍କ



ସହିତ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ନଜର ଆସିବେ। ଯାହାକୁ ୨୦୨୬ରେ ରିଲିଜ କରିବାର ଯୋଜନା ରଖାଯାଇଛ। କିଛି ଦିନ ତଳେ 'ଆଶିକି-୨' ଫିଲ୍ମର ଗୋଟେ ଝଲକ ଦର୍ଶକ ଦେଖିବାକୁ ପାଇଥିଲେ। ସେବେଠାରୁ କାର୍ତ୍ତିକ ଓ ଶ୍ରୀଲୀଲା ଚର୍ଚ୍ଚାରେ ରହିଛନ୍ତି। ଉଭୟଙ୍କୁ ଅନେକ ସ୍ଥାନରେ ଏକାଠି ଦେଖିବାକୁ ମିଳୁଛି। ଫିଲ୍ମ ଆସିବା ପୂର୍ବରୁ ଦୁହିଁଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। ଏହି ଚର୍ଚ୍ଚା ମଧ୍ୟରେ କାର୍ତ୍ତିକ ନିଜେ ତାଙ୍କ ଇନଷ୍ଟାଗ୍ରାମ ଆକାଉ□ରେ ଶ୍ରୀଲୀଲାଙ୍କ ସହ ତାଙ୍କର ଏକ ଫଟୋ ସେୟାର କରିଥିଲେ। ଯେଉଁଥିରେ ଉଭୟ ଏକ ବଗିଚରେ ବସିଥିବାର ଦେଖିବାକୁ ମିଳିଥିଲା। ଏହି ଫଟୋ ସେୟାର କରି କାର୍ତ୍ତିକ କ୍ୟାପସନରେ ଲେଖିଥିଲେ, ତୁମେ ମୋ ଜୀବନ।ଏହାପର ଠାରୁ କାର୍ତ୍ତିକ ଓ ଶ୍ରୀଲୀଲାଙ୍କ ମଧ୍ୟରେ ନିଶ୍ଚୟ ପ୍ରେମର ସମ୍ପର୍କଟିଏ ଗଢ଼ି ଉଠିଛି ବୋଲି ଲୋକେ ଚର୍ଚ୍ଚା କରୁଥିଲେ। ଏସବୁ ଚର୍ଚ୍ଚା ଉପରେ ମୋହର ଲଗାଇ ଦେଇଛନ୍ତି କାର୍ତ୍ତିକ।

## ଗଣେଶଙ୍କ ପୂଜାରେ କାହିଁ ଲଗାନ୍ତିନି ତୁଳସୀ

ରାମ-ସୀତା, ରାଧା-କୃଷ୍ଣ, ଶିବ-ପାର୍ବତୀ ଆଦି ଯୁଗଳ ନାମ ପରି ଅବଶ୍ୟ କେବେ ଦେଖିବାକୁ ମିଳିନାହିଁ ଗଣେଶ ଓ ତୁଳସୀଙ୍କ ନାମ। ମାତ୍ର ଗଣେଶଙ୍କୁ ତୁଳସୀ ଯେ ଏକତରଫା ଭାବେ ଭଲପାଇ ବସିଥିଲେ ତାହା ହୁଏତ ଆପଣ ଜାଣିଥିବେ। ଆଜି ଆମେ ଆଲୋଚନା କରିବା ସେହି ଅଭୁଲା ଏକତରଫା ପ୍ରେମ କାହାଣୀ ସଂପର୍କରେ। ଧର୍ମରାଜଙ୍କ ଝିଅ ତୁଳସୀ ବିଷ୍ଣୁଙ୍କର ପରମ ଭକ୍ତ ଥିଲେ। ସେ ଗଙ୍ଗାନଦୀ କୂଳରେ ଏକ ଗୃହରେ ରହି ବିଷ୍ଣୁଙ୍କ ପୂଜା କରୁଥିଲେ। ଦିନେ ଶିବଙ୍କ ପୁତ୍ର ଗଣେଶ ସେଇ ବାଟ ଦେଇ ଅତିକ୍ରମ କଲେ। ଗଣେଶଙ୍କୁ ଦେଖି ତୁଳସୀ ତାଙ୍କୁ ପ୍ରେମ କରି ବସିଲେ। ସେ ଗଣେଶଙ୍କୁ ଯାଇ ପ୍ରେମ ନିବେଦନ କରିବା ସହ ତାଙ୍କୁ ବିବାହ କରିବାକୁ ଚାହାନ୍ତି ବୋଲି କହିଲେ। ମାତ୍ର ଗଣେଷ ବିନମ୍ରର ସହ ତୁଳସୀଙ୍କ ପ୍ରସ୍ତାବକୁ ପତ୍ୟାଖ୍ୟାନ କରି ସେ ତାଙ୍କ ମାଆ ପାର୍ବତୀଙ୍କ ପରି ଜୀବନସାଥୀ ଚାହାନ୍ତି ବୋଲି କହିଲେ। ଗଣେଶଙ୍କର ଏପରି ସିଧାସଳଖ ପ୍ରାତ୍ୟାଖ୍ୟାନ ଟିକେ ତୁଳସୀଙ୍କୁ ଲଜ୍ଜିତ କଲା। ସେ ଗଣେଶଙ୍କୁ ଏକ ଅଭିଶାପ ଦେଲେ। କହିଲେ ଯେ ତୁମେ ତୁମ ଇଚ୍ଛା ବିରୋଧରେ ବିବାହ କରିବ। ଗଣେଶ ତୁଳସୀଙ୍କ ଅଭିଶାପ ଶୁଣି କ୍ଷୁବ୍ଧ ହୋଇଗଲେ। ସେ ତାଙ୍କୁ ଓଲଟା ଅଭିଶାପ ଦେଇ କହିଲେ, ତୁମେ ଜଣେ ଅସୁରକୁ ବିବାହ କରିବ। ତୁଳସୀ ଗଣେଶଙ୍କୁ ନିଜ ଅଭିଶାପ ପାଇଁ କ୍ଷମା ମାଗିବା ସହ ତାଙ୍କ ଅଭିଶାପ ଫେରାଇ ନେବାକୁ ପ୍ରାର୍ଥନା କଲେ। ଗଣେଶ କହିଲେ ଯେ କେବଳ ବିଷ୍ଣୁ ଚାହିଁଲେ ତୁମକୁ ଏହି ଅଭିଶାପରୁ ମୁକ୍ତ କରିପାରିବେ। ତୁମେ ତାଙ୍କ ପୂଜାରେ ଲାଗିବ, ଏକ ଗଛ ହୋଇ। ମାତ୍ର ମୋ ପୂଜାରେ ତୁମେ କେବେ ବି ଲାଗିବ ନାହିଁ। ସେବେଠାରୁ ତୁଳସୀ ଅନ୍ୟ ସମସ୍ତ ଠାକୁରଙ୍କ ଦେହରେ ଲାଗି ହେଉଥିବା ବେଳେ ଗଣେଶଙ୍କ ପାଖେ ହୋଇନଥାଏ।

## କୋମଳ ଓ ଗୋଲାପି ଓଠ ପାଇଁ....

ଅନେକ ସମୟରେ ବହୁ ଲୋକଙ୍କ ଓଠ ଶୁଷ୍କ ହୋଇଥାଏ। ଏହାସହ ଓଠରେ ଏକ କଳା ରଙ୍ଗର ଆସ୍ତରଣ ରହିବା ଭଳି ମଧ୍ୟ ଅନୁଭବ ହୋଇଥାଏ। ଆପଣ ଯଦି ଏହି ସମସ୍ୟା ପାଇଁ ଚିନ୍ତିତ ତେବେ ଆପଣାନ୍ତୁ ଏହି ଘରୋଇ ଉପାୟ ବିଷୟରେ

■ ଅଧ ଚାମଚ କଫି ଗୁଣ୍ଡରେ ଅଳ୍ପ କିଛି ସର ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ଓଠରେ ଲଗାଇ ୨ ରୁ ୩ ମିନିଟ ରଖନ୍ତୁ। ଏହାପରେ ହାତ ଆଙ୍ଗୁଠି ଟିପରେ ଧିରେ ଧିରେ ଏହାକୁ କାଢି ଦିଅନ୍ତୁ।

■ ଏହାପରେ ମୁହଁ ଓ ଓଠକୁ ସାଧାରଣ ପାଣିରେ ଧୋଇ ଦିଅନ୍ତୁ। ପରେ ଓଠରେ



ଆପଣ ନିୟମିତ ବ୍ୟବହାର କରୁଥିବା ଲିପବାମ୍ ଲଗାନ୍ତୁ। ଏଭଳି କରିବା ଦ୍ୱାରା ୫ ରୁ ୭ ମିନିଟ ମଧ୍ୟରେ ଶୁଷ୍କପଣ ଦୂର ସହ ଓଠର ରଙ୍ଗକୁ ଗୋଲାପି କରିଥାଏ। ସପ୍ତାହକୁ ୩ ରୁ ୪ଥର ଏହି ଉପାୟ କରନ୍ତୁ।

■ ଆପଣ ମଧ୍ୟ ଯଦି ନିଜ ଓଠ ରଙ୍ଗକୁ ପ୍ରାକୃତିକ ଉପାୟରେ ଗୋଲାପି କରିବାକୁ ଚାହୁଁଛନ୍ତି ଜାଣନ୍ତୁ ଏହି ଘରୋଇ ଉପାୟ ବିଷୟରେ

ଆବଶ୍ୟକ ସାମଗ୍ରୀ: ବିଟ, ବାଦାମ ତେଲ

ପ୍ରଥମେ ବିଟକୁ ଭଲ ଭାବେ ଧୋଇ ଏହାର ଚୋପାକୁ ବାହାର କରି , ଏହାକୁ କୋରି ଦିଅନ୍ତୁ। କୋରା ହୋଇଥିବା ବିଟକୁ ଶୁଖାଇ ଦିଅନ୍ତୁ। ଭଲ ଭାବେ ଏହାକୁ ଶୁଖାଇବା ପରେ ଏହାକୁ ପେଷି ପାଲିସ ଭାବେ ଗୁଣ୍ଡ କରି ଦିଅନ୍ତୁ। ୨ଚାମଚ ବିଟ ଗୁଣ୍ଡରେ ୨ ଚାମଚ ବାଦାମ ତେଲକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣ ବା ପ୍ରସ୍ତୁତ ଲିପ ବାମକୁ ଛୋଟ କାଚ ବୋତଲରେ ଭର୍ତ୍ତି କରି ଫ୍ରିଜରେ ରଖନ୍ତୁ। ନିୟମିତ ଦିନ ସମୟରେ ୨ରୁ ୩ ଥର ଓ ରାତିରେ ଥରେ ଏହାକୁ ଲଗାଇ ଶୁଅନ୍ତୁ। ଏକ ମାସ ଲଗାଇବା ପରେ ଏହାର ଚମତ୍କାରିତା ଅନୁଭବ କରିପାରିବେ।

## ଫ୍ୟାଶନରେ ପିଙ୍କ୍ ଆଇ ଲାଇନର୍



କୁହାଯାଏ ହୃଦୟକୁ ପହଞ୍ଚିବାର ମାଧ୍ୟମ ହେଉଛି ଆଖି। ଏଣୁ ମେକ୍ଅପ ଦୁନିଆରେ ଆଖିକୁ ବା ଆଇ ମେକ୍ଅପକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଠିକ୍ ଭାବେ କରାଯାଇଥିବା ଆଇ ମେକ୍ଅପ୍ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱକୁ ବଦଳାଇଦେଇ ପାରେ। ଯଦି ଆପଣ ମଧ୍ୟ ଆଖିକୁ ସଜେଇବାକୁ ଭଲ ପାଆନ୍ତି ଆଉ ନିଜ ମେକ୍ଅପରେ କିଛି ଡ୍ରାମା ଭରିଦେବାକୁ ଚାହାନ୍ତି, ଏଇ ଆର୍ଟିକଲଟି ଆପଣଙ୍କ କାମରେ ଲାଗିପାରେ। ଯେପରି କି ମେକ୍ଅପ ପ୍ରେମୀମାନେ ଜାଣନ୍ତି ଯେ, ଠିକ୍ ଆଇ ମେକ୍ଅପ୍ ଆପଣଙ୍କ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ। କିନ୍ତୁ ଯେତେବେଳ ଡେଲି ମେକ୍ଅପ କଥା ଆସେ, ଆମେ ସେହି ରେଡ୍ ସେଡ୍ ଲିପଷ୍ଟିକ୍, ବ୍ଲାକ୍ ଲାଇନର୍, କାଜଲ୍, ଓ ମସ୍କାରା ଲଗାଇ ନିଅନ୍ତି। ଯଦି ଆପଣ ବି ଏଭଳି ନିତି ଦିନିଆ ମେକ୍ଅପରେ ବୋର୍ ହୋଇଗଲେଣି ତେବେ ଆଜି ପ୍ରସ୍ତୁତ ହୋଇଯାନ୍ତୁ ନିଜ ଆଖିରେ କିଛି ରଙ୍ଗ ମିଶାଇବାକୁ। ଲାଇଟ୍ ପିଙ୍କ୍ ବା ଡାର୍କ ପିଙ୍କ୍ ଆଏଲାଇନର୍ ସହ ନିଜ ମେକ୍ଅପ ଏକ୍ସପେରିମେଣ୍ଟ କରନ୍ତୁ। କେବଳ ବ୍ଲାକ୍ କାହିଁକି ବିଭିନ୍ନ କଲର୍ ସହ ଆପଣ ନିଜର ଆଇ ମେକ୍ଅପ୍ ଏକ୍ସପେରିମେଣ୍ଟ କରି ପାରିବେ। ହେଲେ ଆଜିକାଲି ଫ୍ୟାଶନ ଟ୍ରେଣ୍ଡରେ ଚାଲିଛି ଫିଙ୍କ୍ ସେଡ। ବ୍ଲାକ୍ ଡ୍ରାମା ଆଇ ଲାଇନର ସହ ପିଙ୍କ୍ ଲାଇନର୍ ମିଶାଇ ନିଜ ଆଇ ମେକ୍ଅପରେ ଟିକେ ଅଧିକା ଡ୍ରାମା ଭରିଦେଇପାରିବେ। ଏବେ ଗ୍ରୀଷ୍ମଋତୁ ଆରମ୍ଭ ହୋଇଯାଇଛି। ଏହି ସମୟରେ ଏଭଳି ଆଇ ମେକ୍ଅପ ଆଣଙ୍କୁ ଏକ ଗ୍ଲାମର୍ସ ଲୁକ୍ ଦେଇପାରିବ। ଟ୍ରାଏ କରନ୍ତୁ । ଚଳିତବର୍ଷ ପିଙ୍କ ସେଡ୍ ଆଏଲାଇନର୍ ଫ୍ୟାଶନରେ ଟ୍ରେଣ୍ଡ ହେଉଛି। ଆପଣ ନିଜ ତ୍ୱଚାର ସେଡ୍ ଅନୁସାରେ ପିଙ୍କ୍ ଆଇ ଲାଇନର୍ ସେଡ୍ ଚୟନ କରିପାରିବେ। ତେବେ ଫ୍ୟାଶନ୍ ଟ୍ରେଣ୍ଡରେ ଚାଲିଥିବାରୁ ଭିନ୍ନ ଭିନ୍ନ ବ୍ରାଣ୍ଡର ପିଙ୍କ୍ ଆଇ ଲାଇନର୍ ଅନଲାଇନ୍ ଓ ଅଫଲାଇନ୍ ମାର୍କେଟରେ ଆପଣ ପାଇପାରିବେ। ଯଦି ଆପଣଙ୍କୁ ଡାର୍କ ପିଙ୍କ୍ ସେଡ୍ ପସନ୍ଦ କିନ୍ତୁ ଆପଣ ଡବଲ କୋଟ୍ କରିବାକୁ ଚାହାନ୍ତି ନାହିଁ। ତା'ହେଲେ ସିଙ୍ଗଲ୍ କୋଟ୍ କରି ବ୍ଲୁ ସେଡ୍ କିମ୍ବା ବ୍ଲାକ୍ ସେଡ୍ ଜେଲ୍ ଆଇ ଲାଇନର୍ ସହ ମିଶାଇ ଆପଣ ନିଜ ଆଖିକୁ ଆକର୍ଷଣୀୟ ଲୁକ୍ ଦେଇପାରିବେୟ ପିଙ୍କ୍ ଏକ ସଫ୍ଟ କଲର୍ ହୋଇଥିବାରୁ ସମସ୍ତଙ୍କୁ ଭଲ ଲାଗିଥାଏ। ଏଣୁ ପିଙ୍କ୍ ଆଇ ଲାଇନର୍ ବ୍ୟବହାର କଲେ ଆପଣ ଗ୍ଲିଟରି ଆଏ ସେଡୋ ବ୍ୟବହାର କରିପାରିବେ କିମ୍ବା ନ୍ୟୁଡ୍ ସେଡ୍ ଆଏ ସେଡୋ ଲଗାଇ ଟିକେ ହାଇଲାଇଟର୍ ମିଶାଇଦେଲେ ଆପଣଙ୍କ ଲୁକ୍ ଟିକେ ହଟକେ ଦେଖାଯିବ। ତେବେ ଧ୍ୟାନ ରଖିବେ, ଏଭଳି ଆଇ ମେକ୍ଅପ କରୁଥିଲେ, ସବୁବେଳେ କନଟ୍ରାଷ୍ଟ କଲର୍ ଲିପଷ୍ଟିକ୍ ହିଁ ମାନିଥାଏ।



## ଗ୍ୟାସ ସଂରକ୍ଷଣ କରିବାର ଉପାୟ

■ ଗ୍ୟାସ ଲିକ

ଗ୍ୟାସ ପାଇପ ସବୁବେଳେ ଯାଞ୍ଚ କରନ୍ତୁ। ରୋଷେଇ ଆରମ୍ଭ ହେବା ପୂର୍ବରୁ ଏବଂ ରୋଷେଇ ସରିବା ପରେ ଥରେ ନିହାତି ଭାବେ ଚେକ କରି ନିଅନ୍ତୁ।



ଏଥିରୁ ଆପଣ ଜାଣିପାରିବେ , ଆପଣଙ୍କ ଗ୍ୟାସ ଲିକ ଅଛି କି ନାହିଁ। ଏହା ଏଲପିଜି ଗ୍ୟାସ ସଂରକ୍ଷଣର ସବୁଠାରୁ ଭଲ ଉପାୟ।

■ ପ୍ୟାନକୁ ଶୁଖାଇ ଗ୍ୟାସରେ ବସାନ୍ତୁ

ଏହା ଏକ ସରଳ ଓ ସୁବିଧା ଉପାୟ, ଯେଉଁଥିରେ ଆପଣ ବିନା ପରିଶ୍ରମରେ ରୋଷେଇ ଗ୍ୟାସକୁ ବଞ୍ଚାଇ ପାରିବେ । ଏଠାରେ ଆପଣ ଏଲପିଜି ଗ୍ୟାସର ବ୍ୟବହାର ବାସନ ଶୁଖାଇବା ପାଇଁ କରନ୍ତୁ ନାହିଁ । ବାସନ ଶୁଖାଇବା ପାଇଁ ରୋଷେଇ ଘର ଟାୱେଲ ବ୍ୟବହାର କରନ୍ତୁ ।

■ ଓଭରକୁକିଂ

ଏହା ଅଯଥା ଏଲପିଜି ଖର୍ଚ୍ଚ ହେବାର ସବୁଠାରୁ ବଡ଼ କାରଣ । ତେଣୁ ଯଦି ଆପଣ ଖାଦ୍ୟ ରାନ୍ଧୁଛନ୍ତି, ତା'ହେଲେ ରାନ୍ଧିବା ସମୟ ଉପରେ ନଜର ରଖନ୍ତୁ। ସବୁ ପରିବା ଅତି ସିଝିବା ଜରୁରୀ କି ନୁହେଁ, ତାହା ଦେଖନ୍ତୁ। ଭୋଜନରେ ସାଲାଡ଼,ଦହି ଆଦି ସାମିଲ କରନ୍ତୁ। କାରଣ, ଏଗୁଡ଼ିକୁ ସିଝାଇବାକୁ ପଡ଼ି ନଥାଏ। ସେହିପରି ଛୋଟ ଛୋଟ ସବଜିକୁ ଆପଣ ଚାହିଁଲେ ମାଇକ୍ରୋୱେଭରେ ସିଝାଇପାରିବେ ।

■ ଢାଙ୍କୁଣୀ ବ୍ୟବହାର କରନ୍ତୁ

ସବୁବେଳେ ଖାଦ୍ୟ ରାନ୍ଧିବା ବେଳେ ଢାଙ୍କୁଣୀ ବ୍ୟବହାର କରନ୍ତୁ। କାରଣ,ଏମିତି କଲେ, ବାମ୍ପ ଭିତରେ ରହିଥାଏ । ଏହା ଖାଦ୍ୟକୁ ଶୀଘ୍ର ରାନ୍ଧିବାରେ ସହାୟକ ହୋଇଥାଏ ।

■ ଥର୍ମୋପ୍ଲାସ

ଯଦି ଅଧିକାଂଶ ବ୍ୟଞ୍ଜନ ରାନ୍ଧିବା ପୂର୍ବରୁ ଆପଣଙ୍କୁ ଗରମ ପାଣିରେ ଆବଶ୍ୟକ ପଡ଼ିଥାଏ, ତା'ହେଲେ ଥର୍ମୋପ୍ଲାସ ବ୍ୟବହାର କରନ୍ତୁ। ଗ୍ୟାସରେ ଥରେ ପାଣି ଗରମ କରନ୍ତୁ। ଗ୍ୟାସରେ ଥରେ ପାଣି ଗରମ କରନ୍ତୁ ଏବଂ ଏହାକୁ ଥର୍ମୋପ୍ଲାସରେ ରଖିଦିଅନ୍ତୁ।

# ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିର ମୂଳଦୁଆ ୟୁଆଇଡି

**ଭୁବନେଶ୍ୱର,୯।୪ (ମହାଭାରତ):** ଭାରତୀୟ ଏକକ ପରିଚୟପତ୍ର ପ୍ରାଧିକରଣ (ୟୁଆଇଡିଏଆଇ) ପକ୍ଷରୁ ନୂଆଦିଲ୍ଲୀରେ ଏକ ଦିନିକିଆ ଅଂଶୀଦାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ ଓ ରାଜ୍ୟଗୁଡ଼ିକର ଅଂଶୀଦାର ଏବଂ ଇକୋସିଷ୍ଟମ ସହଭାଗୀମାନେ ଯୋଗ ଦେଇ ଆଧାର ବ୍ୟବହାର ଦ୍ୱାରା ସେବା ବିତରଣରେ ସୁଧାର ଆଣିବା ଲାଗି ଆଲୋଚନା କରିଥିଲେ ଏବଂ ବିଚାର ବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀକୁ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା, ରେଳ ଓ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉଦଘାଟନ କରିଥିଲେ। ପ୍ରାୟ ୭୫୦ ଜଣ ବରିଷ୍ଠ ନୀତି ନିର୍ମାତା, ବିଶେଷଜ୍ଞ, ଟେକ୍ନୋକ୍ରାଟ୍, ସମ୍ପୃକ୍ତ କ୍ଷେତ୍ରର ନେତୃବର୍ଗ ଓ ପେସାଦାରମାନେ ଯୋଗ ଦେଇ ଆଧାର ସମ୍ବାଦ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ମନ୍ତ୍ରୀ ତାଙ୍କର ଉଦଘାଟନୀ ବକ୍ତବ୍ୟରେ କହିଥିଲେ, କୃତ୍ରିମ ବୁଦ୍ଧିମତା ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏକ ନୂଆ ଶିଳ୍ପ ବିପ୍ଳବ ଆଣିଛି ସେ କହିଥିଲେ, ଆଧାର ଅନେକ ପ୍ରୟାସର ଆଧାର ଏବଂ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ)ର ମୂଳଦୁଆ




ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ସହିତ ଏଆଇକୁ ଯୋଡ଼ିବା ଉପରେ ବିଚାର ବ୍ୟକ୍ତ କରିବା ଲାଗି ଅଂଶୀଦାରମାନଙ୍କୁ ସେ ପରାମର୍ଶ ଦେଇଥିଲେ। କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ସହଜ ଜୀବନଧାରଣରେ ଆହୁରି ଉନ୍ନତି ଆଣିବା ଉପରେ କେନ୍ଦ୍ର ସରକାର ପ୍ରାଥମିକତା ଦେଉଛନ୍ତି। ସେ ଏହି ସନ୍ଦର୍ଭରେ ଆଧାର ଫେସ୍ ଅଥେଣ୍ଟିକେସନ୍ ବା ମୁଖମଣ୍ଡଳ ପ୍ରମାଣୀକରଣର ଉଦାହରଣ ଦେଇଥିଲେ ଏବଂ ଏହା କିପରି ଏକ ସକ୍ଷମକାରୀ ପାଲଟିଛି ତାହା ବର୍ଣ୍ଣନା କରିଥିଲେ। ଅଂଶୀଦାରମାନଙ୍କୁ ସମ୍ବୋଧିତ କରି ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ସଚିବ ଏସ୍. କ୍ରିଷ୍ଣନ କହିଥିଲେ, ଆଧାର ଅନ୍ତର୍ଭୁକ୍ତୀକରଣକୁ ତ୍ୱରାନ୍ୱିତ କରୁଛି ଏବଂ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେଉଛି। ସେ କହିଥିଲେ ଯେ ଆଧାର ହେଉଛି ଏକ ଅତ୍ୟାଧୁନିକ ବ୍ୟବସ୍ଥା ଯାହା ଗୋପନୀୟତାକୁ ସୁରକ୍ଷିତ ରଖେ ଏବଂ ପରିଚୟକୁ ପ୍ରମାଣିତ କରିଥାଏ।

ଏହି ବୈଠକକୁ ସମ୍ବୋଧିତ କରି ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ସଚିବ ଡ. ସୌରଭ ଗର୍ଗ ଆଧାର ବ୍ୟବହାରର ସମ୍ପ୍ରସାରଣକୁ ସକ୍ଷମ କରିଥିବାରୁ ୟୁଆଇଡିଏଆଇକୁ ପ୍ରଶଂସା କରିଥିଲେ। ଏବଂ ଆଧାର ପ୍ରମାଣୀକରଣର ଦ୍ରୁତ ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ। ବିକାଶ ପାଇଁ ତଥ୍ୟ କିପରି ତାହା ଉପରେ ଡ. ଗର୍ଗ ଆଲୋକପାତ କରିଥିଲେ। ୟୁଆଇଡିଏଆଇର ଅଧ୍ୟକ୍ଷ ନୀଳକଣ୍ଠ ମିଶ୍ର ଡିପିଆଇ ଗୁଡ଼ିକର ସମ୍ପ୍ରସାରଣରେ ଆଧାରର ଭୂମିକା ବିଷୟରେ ଆଲୋଚନା କରିଥିଲେ ୟୁଆଇଡିଏଆଇ ଏବଂ ଆଧାର ବହୁତ କିଛି ହାସଲ କରିଛନ୍ତି ଏବଂ ଆହୁରି ଅନେକ କିଛି କରିବାର ଅଛି ବୋଲି ସେ କହିଥିଲେ। ସେ କହିଥିଲେ ଯେ ଫେସ୍ ଅଥେଣ୍ଟିକେସନ ଅତ୍ୟନ୍ତ ସହାୟକ ହେଉଛି ଏବଂ ଏହା ଅଧିକରୁ ଅଧିକ ସୁଦୃଢ଼ ହେବାରେ ଲାଗିଛି। ୟୁଆଇଡିଏଆଇର ସିଇଓ ଭୁବନେଶ୍ୱର କୁମାର କହିଥିଲେ ଯେ, ଆଧାର ମୁଖମଣ୍ଡଳ ପ୍ରମାଣୀକରଣ ପରିଦୃଶ୍ୟର ପରିଚୟ ପାଲଟିଛି।

# ୟୁଆଇଡିଏଆଇ ପକ୍ଷରୁ ଓକାକକୁ ଦୁଇ ସମ୍ମାନଜନକ ପୁରସ୍କାର

**ଭୁବନେଶ୍ୱର,୯।୪ (ମହାଭାରତ):** ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ବୈଷୟିକ ଶାଖା ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (ଓକାକ) କୁ ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ଆଧାର ସମ୍ବାଦ ୨୦୨୫ କାର୍ଯ୍ୟକ୍ରମରେ ଦୁଇଟି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ରେଜିଷ୍ଟ୍ରାର ଭାବେ ଆଧାର ପଞ୍ଜୀକରଣରେ ବିଶେଷ ଉପଲବ୍ଧି ହାସଲ କରିଥିବାରୁ ଓକାକକୁ ପ୍ରଥମ ପୁରସ୍କାରଟି ପ୍ରଦାନ କରାଯାଇଥିଲା। ସମଗ୍ର ଓଡ଼ିଶାରେ ୟୁଆଇଡିଏଆଇ ସ୍ଥିରୀକୃତ ମାନଦଣ୍ଡ ଅନୁଯାୟୀ ତ୍ରୁଟିମୁକ୍ତ ଏବଂ ନାଗରିକ ଅନୁକୂଳ ପଞ୍ଜିକରଣ ସେବା ଓ ସୁବିଧା ସୁନିଶ୍ଚିତ କରି ଓକାକ ଏହି ସ୍ୱୀକୃତି ପାଇପାରିଛି। ଦ୍ୱିତୀୟ ପୁରସ୍କାର ରାଜ୍ୟ ପ୍ରମାଣୀକରଣ ଉପଭୋକ୍ତା ଏଜେନ୍ସି (ଏୟୁଏ) ଭାବରେ ଓକାକର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି। ଓକାକ ପ୍ରକୃତ ସମୟ ଆଧାର ପ୍ରମାଣୀକରଣ ପାଇଁ ଏକ ସୁରକ୍ଷିତ, ଦକ୍ଷ ଏବଂ ବିଶ୍ୱସନୀୟ ପ୍ଲାଟଫର୍ମର ସୁବିଧା ପ୍ରଦାନ କରିଆସିଛି। ବିଭିନ୍ନ ସରକାରୀ ସେବାଗୁଡିକର ନିରବଚ୍ଛିନ୍ନ ବିତରଣକୁ ଓକାକ ସକ୍ଷମ କରିଆସିଛି। ସମୟର ଆବଶ୍ୟକତା ଅନୁଯାୟୀ ବୈଷୟିକ ଉଦ୍ଭାବନ, ସର୍ବୋତ୍ତମ ପ୍ରୟାସ ଏବଂ ୟୁଆଇଡିଏଆଇ ସହ ନିରନ୍ତର ସହଯୋଗ ମାଧ୍ୟମରେ ଓଡ଼ିଶାରେ ଆଧାର ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଓକାକ ସହ ସମ୍ପୃକ୍ତ ସମସ୍ତଙ୍କର ନିରନ୍ତର ଓ ଉତ୍ସର୍ଗୀକୃତ ପ୍ରୟାସକୁ ଏହି ସମ୍ମାନଗୁଡିକ ପ୍ରତିଫଳିତ କରୁଛି।

# ପିଏନ୍ କଲେଜରେ ରକ୍ତଦାନ ଶିବିର



**ଭୁବନେଶ୍ୱର,୯।୪ (ମହାଭାରତ):** ଆଜି ପୂର୍ବାହ୍ନରେ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳରେ ଜିଲାସଂସ୍କୃତି ବିଭାଗ ପକ୍ଷରୁ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ ପାଳନର ଆଜି ଅଷ୍ଟମ ଦିବସରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ବିଦୁଶ୍ରୀ ମିଶ୍ର ଉଦ୍ଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଶୁଭେନ୍ଦୁ କୁମାର ମହାନ୍ତି, ପ୍ରାଧ୍ୟାପକ ପ୍ରିୟବ୍ରତ ମହାନ୍ତି, ପ୍ରାଧ୍ୟାପକ ପୂର୍ଣ୍ଣ ଚନ୍ଦ୍ର ବୈଶାଖ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଖୋର୍ଦ୍ଧା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ସୌରଭ ସୁନ୍ଦର ରାୟ, ଅରୁଣ କୁମାର ସାହୁ, ଶ୍ରୀକାନ୍ତ କୁମାର ସାମାନ୍ତାସିଂହାର, ଝୁନୁଲତା ସାହୁ, ଲକ୍ଷ୍ମୀପ୍ରିୟା ପ୍ରଧାନ ଉପସ୍ଥିତ ରହି ରକ୍ତଦାନରେ ସହଯୋଗ ପ୍ରଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ ୬୫ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଯୁବ ରେଡ଼କ୍ରସ ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନେ ରକ୍ତଦାନ କରିଥିଲେ। ପ୍ରାଧ୍ୟାପକ ଗଦାଧର ସାହୁ, ଅଧ୍ୟାପକ ସୁବୋଧ କୁମାର ଜଗଦେବ, ଅଧ୍ୟାପିକା ଅଲିଭା ବେହୁରା ଶିବିର ପରିଚାଳନା କାଟିଥିଲେ। ରକ୍ତଦାନ ଶିବିରଟି ସକାଳ ୯ଘଟିକାରୁ ଆରମ୍ଭ ହୋଇଥିବା ବେଳେ ଅନ୍ୟପଟେ ମଧ ଓଡ଼ିଆ। ପକ୍ଷ ପାଳନ ଉପଲକ୍ଷେ ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ମୁଖ୍ୟ ଚିକିତ୍ସଳ। ସମ୍ମିଳନୀ କକ୍ଷରେ ଏକ ରକ୍ତ ଦାନ ଶିବିର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ଅନୁଷ୍ଠିତ ହୋଇଥିଲା।

# ତଥ୍ୟ ପରିଚାଳନା ଓ ବିଶ୍ଲେଷଣ ଅଧ୍ୟୟନ ସମୀକ୍ଷା

**ଭୁବନେଶ୍ୱର,୯।୪ (ମହାଭାରତ):** ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଡାଟା, ପଲିସି ଏବଂ ଇନୋଭେସନ ସେଣ୍ଟର (ଡିପିଆଇସି) ଦ୍ୱାରା ଡାଟା ସାମର୍ଥ୍ୟ ଆକଳନ ସମ୍ପର୍କିତ ଏକ ବୈଠକ ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରାରମ୍ଭରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଶାସନ ଓ ପ୍ରମାଣ ଭିତ୍ତିକ ନୀତିନିର୍ଦ୍ଧାରଣ ପାଇଁ ତଥ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ତଥ୍ୟ ସଂଗ୍ରହ, ବିଶ୍ଳେଷଣ ଏବଂ ପ୍ରଶାସନିକ ତଥ୍ୟ ପ୍ରଦାନରେ ଅତ୍ୟାଧୁନିକ ଜ୍ଞାନକୌଶଳକୁ ଗ୍ରହଣ କରିବା ଏବଂ ନିଷ୍ପତ୍ତି ନେବା ପାଇଁ ଉନ୍ନତ ବିଶ୍ଳେଷଣ ଉପକରଣର ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏକ ସାଧାରଣ ଏବଂ ମାନକ ପଦ୍ଧତି ମାଧ୍ୟମରେ ସମସ୍ତ ବିଭାଗରେ ଡାଟାଗଭର୍ଣ୍ଣାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଏହି ଆଲୋଚନାରେ ସୂଚନା ଓ ପ୍ରଯୁକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଉଚ୍ଚ




ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ, ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓଡିପିଆଇସିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଡିପିଆଇସି ତରଫରୁ ଶ୍ରୀମତୀ ଉର୍ମିଳା ଚଟାର୍ଜୀ ଡାଟା ପରିଚାଳନା, ଡାଟା ଆନାଲିଟିକ୍ସ ଏବଂ ଦକ୍ଷତାରେ ଉନ୍ନତି ଆଣିବା କ୍ଷେତ୍ରରେ ବିଭାଗଗୁଡିକର ସାମର୍ଥ୍ୟକୁ ନେଇ ଡିପିଆଇସି ଦ୍ୱାରା କରାଯାଇଥିବା ତ୍ୱରିତ ଆକଳନ ଉପସ୍ଥାପନ କରିଥିଲେ। ବିଭାଗଗୁଡ଼ିକ ମଧ୍ୟରେ ଡାଟା ଆଦାନପ୍ରଦାନ, ତଥ୍ୟ ଉପଲବ୍ଧତାରେ ସୁରକ୍ଷା, ତଥ୍ୟ ସଂରକ୍ଷଣ, ବ୍ୟାକଅପ୍ ଏବଂ ଡାଟା ଗୁଣବତ୍ତା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ତଥ୍ୟ ପରିଚାଳନାରେ ସୁଦୃଢ ଓ ସୁରକ୍ଷିତ ଭିତ୍ତିଭୂମି, ବ୍ୟାକଅପ୍, ବିପର୍ଯ୍ୟୟ ପୁନରୁଦ୍ଧାର ପ୍ରୋଟୋକଲ୍, ମାନକ ଫର୍ମାଟର ବ୍ୟବହାର, ରହିଥିବା ସିଷ୍ଟମ୍ ଏବଂ ବିଭାଗ ଗୁଡ଼ିକ ପରସ୍ପରକୁ ତଥ୍ୟ ଆଦାନ ପ୍ରଦାନ ପରିଚାଳନା ଆବଶ୍ୟକତା ଉପରେ ଉପସ୍ଥାପନାରେ ଆଲୋକପାତ କରା ଯାଇଥିଲା। କାର୍ଯ୍ୟଦକ୍ଷତା ଟ୍ରାକିଂ, ପୂର୍ବାନୁମାନ ଏବଂ ଅବଗତ ନିଷ୍ପତ୍ତି ନେବାପାଇଁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ଗୁଣାତ୍ମକ ଡାଟା ବିଶ୍ଳେଷଣ ଉପକରଣର ଆବଶ୍ୟକତା ଉପରେ ମଧ ଗୁରୁତ୍ୱାରୋପ କରାଯାଇଥିଲା। ବିଭାଗୀୟ ଅଧିକାରୀ ମାନଙ୍କୁ ଡାଟାଆନାଲିଟିକ୍ସ ଉପରେ ଡିପିଆଇସି ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ ଏକାଡେମିକ୍, ବୈଜ୍ଞାନିକ ଏବଂ ଗବେଷଣା ଅନୁଷ୍ଠାନ ଗୁଡ଼ିକ ସହିତ ଭାଗିଦାରିତା ସମ୍ପର୍କରେ ପ୍ରସ୍ତାବ ଦିଆଯାଇଥିଲା। ସୁଶାସନ ପାଇଁ ତଥ୍ୟରଗୁଣାତ୍ମକ ଉପଲବ୍ଧତା ପାଇଁ ରୂପାନ୍ତରଣ ଜରୁରୀ ବୋଲି ସହମତି ପ୍ରକାଶ ପାଇଥିଲା। ଉନ୍ନୟନ କମିଶନର-ତଥା -ଅତିରିକ୍ତ ମୁଖ୍ୟ ଶାସନ ସଚିବପରବର୍ତ୍ତୀ ସମସ୍ତ ସଚିବସ୍ତରୀୟ ବୈଠକରେଚିହ୍ନଟହୋଇଥିବା କ୍ଷେତ୍ରରେ ସରକାରୀ ବିଭାଗଗୁଡ଼ିକର ଡାଟା ପରିଚାଳନା ଏବଂ ବିଶ୍ଳେଷଣ କ୍ଷମତା ଉପରେ ଅଧ୍ୟୟନର ଅନୁସନ୍ଧାନଉପସ୍ଥାପନ କରିବାକୁ ଡିପିଆଇସିକୁ ପରାମର୍ଶ ଦେଇଥିଲେ।

# ଓଡିଆ ପକ୍ଷ ପାଳନ ଅବସରରେ ରକ୍ତଦାନ

**ଭୁବନେଶ୍ୱର,୯।୪ (ମହାଭାରତ):** ରାଜ୍ୟ ସରକାରଙ୍କ ଦ୍ୱାରା ଚଳିତ ମାସ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ୱକୀୟ ଉତ୍କୃଷ୍ଟ ଭାଷା-ଭୂଷଣ, ଭୋଜନ-ଆୟୋଜନ, ଆଚାର- ବିଚାର, ଦାନ-ବିଧାନକୁ ନେଇ ସାରା ରାଜ୍ୟରେ ଓଡିଆ




ପକ୍ଷ ପାଳନ କରାଯାଉଅଛି। ଏହି ଅବସରରେ ଆଜି ରକ୍ତଦାନ ଦିବସ ପାଳନ କରାଯାଇଛି। ସଦର ମହକୁମାରେ ଅବସ୍ଥିତ ମହାବିଦ୍ୟାଳୟ ଏବଂ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ / ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ / କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱରର ଅଧୀନରେ ଥିବା ରକ୍ତ ଭଣ୍ଡାର ଗୁଡିକରେ ଏବଂ ରାଜଧାନୀର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରେ ଶିକ୍ଷାର୍ଥୀ ଓ ସ୍ଥାନୀୟ ଯୁବାବର୍ଗ ଏବଂ ଅନ୍ୟାନ୍ୟ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କ ଠାରୁ ରକ୍ତ ସଂଗ୍ରହ କରାଯାଇଥିଲା। ଓଡିଆ ପକ୍ଷ ପାଳନ ଅବସରରେ ରକ୍ତଦାନ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଲୋକ ମାନଙ୍କୁ ସଚେତନ କରିବା ସହିତ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ୱେଚ୍ଛାକୃତ ରକ୍ତଦାନ ନିମନ୍ତେ ଶିକ୍ଷାର୍ଥୀ ଏବଂ ଆଗ୍ରହୀ ବ୍ୟକ୍ତିମାନଙ୍କୁ ଆହ୍ୱାନ କରାଯାଇଥିଲା। ଏହି ଆହ୍ୱାନକୁ ସ୍ୱୀକାର କରି କାର୍ଯ୍ୟକ୍ରମରେ ଶିକ୍ଷାର୍ଥୀମାନେ ବହୁ ମାତ୍ରାରେ ଯୋଗ ଦାନ କରି ରକ୍ତଦାନ କରିଥିଲେ। ତେଣୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ରକ୍ତଦାତାମାନଙ୍କୁ ସାଧୁବାଦ ଜଣାଇବା ସହ ଜଣାଶୁଣା ଲୋକଙ୍କୁ ରକ୍ତଦାନର ମହତ୍ୱ ସମ୍ପର୍କରେ ଅବଗତ କରି ତାଙ୍କ ମଧ୍ୟରେ ପ୍ରେରଣା ସୃଷ୍ଟି କରିବା ପାଇଁ ଅନୁରୋଧ କରିଛନ୍ତି। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ / ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ / କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱରରେ ଅନୁଷ୍ଠିତ ୮୮ଟି ରକ୍ତଦାନ ଶିବିର ଗୁଡିକରେ ସମୁଦାୟ ୩୭୬୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଭୁବନେଶ୍ୱର ରେଡ କ୍ରସ ବ୍ଲଡ଼ ବ୍ୟାଙ୍କ ଦ୍ୱାରା ରାଜଧାନୀ ମହାବିଦ୍ୟାଳୟରୁ ୪୩ ୟୁନିଟ୍, ସାକ୍ଷୀଗୋପାଳ ମହାବିଦ୍ୟାଳୟରୁ ୨୫ ୟୁନିଟ୍, ଭୁବନେଶ୍ୱର ରେଡ କ୍ରସ ବ୍ଲଡ଼ ବ୍ୟାଙ୍କରୁ ୪୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ଲିଙ୍ଗରାଜ ମହୋତ୍ସବ : ନୃତ୍ୟରେ ବିମୋହିତ କଲେ କଳାକାର

**ଭୁବନେଶ୍ୱର,୯।୪ (ମହାଭାରତ):** ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ନୃତ୍ୟରେ ବିମୋହିତ କରିଥିଲେ କଳାକାରମାନେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚିତ୍ତାକର୍ଷକ ନୃତ୍ୟକୁ ଦେଖି ଦର୍ଶକ ବିମୁଗ୍ଧ ହୋଇଥିଲେ। ପ୍ରଥମେ ଗୁରୁ ପ୍ରତିଭା ପଣ୍ଡାଙ୍କ ଦଳ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ବିହାରସ୍ଥିତ ସାକର କଳାକୀର୍ତ୍ତି ଇଷ୍ଟର୍ଣ୍ଣଜୋନ କଲଚରାଲ ସେଣ୍ଟର ପକ୍ଷରୁ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ପରେ ପରେ ରିତେଶ ବାବୁ ଓ ଦଳ ଦ୍ୱାରା ଭଲାଇ ଡ୍ରାମା ଓ ନୃତ୍ୟ ପରିବେଷଣ ହୋଇଥିଲା। ମଣିପୁର ନୃତ୍ୟ ପରିବେଷଣ କରିଥିଲେ ଶାନ୍ତିନିକେତନର କଳାକାରମାନେ।




ଶୁଭଶ୍ରୀ କଳାନିକେତନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, କଟକ ନୃତ୍ୟମ ଅନୁଷ୍ଠାନ ପକ୍ଷରୁ କ୍ରିଏଟିଭ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନମୁଗ୍ଧ କରିଥିଲା। କାର୍ଯ୍ୟକ୍ରମକୁ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ପ୍ରତିଭା ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାସୁଦେବ ନାଥ ସଂଯୋଜନା କରିଥିଲେ। ଏଥିରେ ଅତିଥି ଭାବରେ ପଦ୍ମଶ୍ରୀ ପ୍ରଭାକର ମହାରଣା, ବିଜେପି ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ସମାଜର ଭୁବନେଶ୍ୱର ମୁଖ୍ୟ ଗୋପୀନାଥ ବାରିକ, ହାସ୍ୟ ଅଭିନେତା ହରିହର ମହାପାତ୍ର, ପିପିଏଲ୍ କର୍ପୋରେଟ ମୁଖ୍ୟ ସୁଧୀ ରଞ୍ଜନ ମିଶ୍ର, ରଶ୍ମି ମହାପାତ୍ର, ଦୁର୍ଗା ସାମନ୍ତରାୟ, ବିରଞ୍ଚି ନରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ସନତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାସୁଦେବ ନାଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିରେ ଅନୁଷ୍ଠାନର କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ନେତୃତ୍ୱ ପରିବର୍ତ୍ତନ ଦ୍ୱାରା ଗୋଷ୍ଠୀ ଭିତ୍ତିକ ଅନୁଷ୍ଠାନର ପୁନର୍ଗଠନ

**ଭୁବନେଶ୍ୱର,୯।୪ (ମହାଭାରତ):** ଉପ- ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀଭିତ୍ତିକ ଅନୁଷ୍ଠାନଗୁଡିକର ପୁନର୍ଗଠନ କରିବା ପାଇଁ ରାଜ୍ୟ ସରକାର, କେନ୍ଦ୍ର ସରକାରଙ୍କ ଗ୍ରାମୀଣ ବିକାଶ ବିଭାଗଙ୍କ ପ୍ରଦ ନିର୍ଦ୍ଦେଶାବଳୀ ଅନୁଯାୟୀ ପଦକ୍ଷେପ ନେଇଛନ୍ତି। ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକାରେ ସମନ୍ୱୟ ରକ୍ଷା କରାଯାଇ ନୂତନ ମାର୍ଗଦର୍ଶିକା ପ୍ରଣୟନ କରାଯାଇଅଛି। ଏଥିପାଇଁ ଏହି ଗୋଷ୍ଠୀଭିତ୍ତିକ ଅନୁଷ୍ଠାନମାନଙ୍କରେ ବର୍ତ୍ତମାନ ଗଣତାନ୍ତ୍ରିକ ପଦ୍ଧତିରେ ନେତୃତ୍ୱ ପରିବର୍ତ୍ତନର ଆବଶ୍ୟକତାକୁ ପୂରଣ କରାଯାଉଛି। ଏହାଦ୍ୱାରା ରାଜ୍ୟରେ ଏସଏଚଜି ମହିଳାମାନେ ସେମାନଙ୍କ ଅନୁଷ୍ଠାନରେ ନେତୃତ୍ୱ ପରିବର୍ତ୍ତନ ପ୍ରକ୍ରିୟାରେ ସକ୍ରିୟ ଅଂଶ ଗ୍ରହଣ କରିବା ସହିତ ନିଜର ଦକ୍ଷତା ମାଧ୍ୟମରେ ନେତୃତ୍ୱ ହାସଲ କରିବାର ସୁଯୋଗ ପାଇ ପାରିବେ। ଏହି ପଦକ୍ଷେପ ଏସଏଚଜି ମାମାନଙ୍କର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ସହିତ ସେମାନଙ୍କର ଆତ୍ମବିଶ୍ୱାସର ବୃଦ୍ଧି କରାଇବ। ଏହି ପରିବର୍ତ୍ତନ,



ଗୋଷ୍ଠୀର ସମସ୍ତ ସଦସ୍ୟାମାନଙ୍କୁ ସଶକ୍ତିକରଣ ପ୍ରକ୍ରିୟାରେ ସମାନ ଭାଗୀଦାର ବୃଦ୍ଧି ଗୋଷ୍ଠୀ ଗୁଡିକ ଅଧିକ ସକ୍ରିୟ ହେବାରେ ସହାୟକ ହେବ। ଏଥିସହିତ ସହରାଞ୍ଚଳ ଏସଏଚଜି ଓ ଏହାର ମହାସଂଘମାନଙ୍କର ସୁଦୃଢ଼ୀକରଣ ତଥା ତ୍ୱରିତ ବିକାଶ ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ। କେନ୍ଦ୍ରସରକାରଙ୍କର ଜାତୀୟ ସହରାଞ୍ଚଳ ଜୀବିକା ମିଶନରୁ ବାଦପଡିଥିବା ସହରାଞ୍ଚଳ ଏସଏଚଜିମାନଙ୍କୁ ଅତିଶୀଘ୍ର ଅନ୍ତର୍ଭୂକ୍ତି କରାଇବା ସହିତ ସେମାନଙ୍କର ବିଭିନ୍ନ ମହାସଂଘ ଯଥା Area Level Federation (ALF) ଓ City Level Federation (CLF) ଗୁଡିକର ଗଠନ ଓ ପୁନର୍ଗଠନପାଇଁ ଅତିଶୀଘ୍ର ନିର୍ଦ୍ଦେଶାବଳୀ ପ୍ରଣୟନ କରାଯାଉଛି। ଏହି ପରିବର୍ତ୍ତନ ପ୍ରକ୍ରିୟା ଦ୍ୱାରା ଏସଏଚଜି ସ୍ତରରେ ୧୨,୪୨,୯୪୦ ଜଣ ନୂତନ ପଦାଧିକାରୀ ଆଞ୍ଚଳିକ ମଞ୍ଚସ୍ତରରେ ୧୧,୫୮,୦୦୦ ଜଣ ସଦସ୍ୟା ସହିତ ସର୍ବମୋଟ ୩୫ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ସଦସ୍ୟା ନୂତନ ଭାବରେ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ପଦପଦବୀରେ ରହି ନେତୃ ନେଇପାରିବେ। ବର୍ତ୍ତମାନର ନିଷ୍ପତ୍ତି ଅନୁସାରେ ପ୍ରତି ତିନି ବର୍ଷରେ ଥରେ ଏହି ନେତୃ ପରିବର୍ତ୍ତନ କାର୍ଯ୍ୟକ୍ରମ ଆଗକୁ ଚାଲୁ ରହିବ ଓ କୌଣସି ସଦସ୍ୟ କ୍ରମାଗତ ଭାବେ ଦୁଇ ଥରରୁ ଅଧିକ ରହିପାରିବେ ନାହିଁ। ବର୍ତ୍ତମାନ ଏହି ପ୍ରକ୍ରିୟା ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳ ମାନଙ୍କର ତତ୍ତ୍ୱାବଧାନରେ ଆରମ୍ଭ ହେଇ ସାରିଛି। ଆସନ୍ତା ଏକ ମାସ ମଧ୍ୟରେ ସମସ୍ତ ଏସଏଚଜି ମାନଙ୍କରେ ନେତୃତ୍ୱ ପରିବର୍ତ୍ତନ କାର୍ଯ୍ୟ କାର୍ଯ୍ୟକ୍ରମ ସାରିବାକୁ ନିଷ୍ପତ୍ତି ନିଆଯାଇଛି। କ୍ରମାନ୍ୱୟରେ ଦ୍ୱିତୀୟ ଓ ତୃତୀୟ ମାସରେ ଯଥାକ୍ରମେ ଆଞ୍ଚଳିକ ମଞ୍ଚ ଓ ଗ୍ରାମ ପଂଚାୟତସ୍ତରୀୟ ସଂଘ ଏବଂ ଚତୁର୍ଥ ମାସରେ ବ୍ଲକସ୍ତରୀୟ ମହାସଂଘ ଓ ଜିଲ୍ଲାସ୍ତରୀୟ ମହାସଂଘ ରେ ଏହି କାର୍ଯ୍ୟକ୍ରମ ଶେଷ କରାଯିବ।

# ହିରୋ ମୋଟୋକର୍ପ ଏଫୱାଇ'୨୫ରେ ବହୁ ଉର୍ଦ୍ଧ୍ୱକୁ ଉଠିଛି

**ଭୁବନେଶ୍ୱର,୯।୪ (ମହାଭାରତ):** ହିରୋ ମୋଟୋକର୍ପ, ମୋଟରସାଇକେଲ ଏବଂ ସ୍କୁଟରର ବିଶ୍ୱ ସ୍ତରର ସର୍ବବୃହତ୍ ଉତ୍ପାଦକ, ଏକ ସଙ୍ଗଠିତ ଦୃଢ଼ ଟିପ୍ପଣୀକୁ ନେଇ ଏହାର ବଜାର ନେତୃତ୍ୱକୁ ଏଫୱାଇ'୨୫ ଶେଷ ବେଳକୁ ଅଧିକ ସଶକ୍ତ କରିବାକୁ ଯାଉଛି, ଯାହାକି ଉଭୟ ଖୁଚୁରା ଏବଂ ହୋଲସେଲ ସେଗମେଂଟର ଦୁଇଚକିଆ ଯାନର ଶିଳ୍ପକୁ ନେତୃତ୍ୱ ଦେଇପାରିବ।

ଫେଡ଼େରେସନ ଅଫ ଅଟୋମୋବାଇଲ ଡ଼ିଲର୍ସ ଆସୋସିଏସନ (ଏଫଏଡ଼ିଏ)ର ଖୁଚୁରା ତଥ୍ୟ ମୁତାବକ ହିରୋ ମୋଟୋକର୍ପ ଏହାର ମାର୍କେଟ ନେତୃତ୍ୱାଧିନକୁ କ୍ରମାନ୍ୱୟରେ ୨୪ ବର୍ଷ ପାଇଁ ବ୍ୟାପକ କରିବା ସହିତ ଏହାର ସମୁଦାୟ ଖୁଚୁରା ବିକ୍ରୟ ଏଫୱାଇ ୨୦୨୪-୨୫ ପାଇଁ ୫୪,୪୫,୨୫୧ ୟୁନିଟ୍‌ର ପଞ୍ଜିକରଣ କରିଛି। କମ୍ପାନୀ ମଧ୍ୟ ମାର୍ଚ୍ଚ ୨୦୨୫ରେ ଏହାର ଖୁଚୁରା ବ୍ୟବସାୟର ବଜାର ନେତୃତ୍ୱ ସହିତ ବିକ୍ରୟକୁ ୪,୩୫,୮୨୮ ୟୁନିଟ୍‌କୁ ଆଣିପାରିଛି। ଇଭି କ୍ଷେତ୍ରରେ କମ୍ପାନୀ ଏଫୱାଇ ୨୦୨୪-୨୫ରେ ଏହାର ଭିଡ଼ା ଭି୨ର ଖୁଚୁରା ବିକ୍ରୟ ୪୮,୬୭୪ ୟୁନିଟ୍‌ର ରେକର୍ଡ଼ କରିଛି, ଯାହାକି ପୂର୍ବ ଆର୍ଥିକରେ ବିକ୍ରି ହୋଇଥିବା ୧୭,୭୨୦ ୟୁନିଟ୍ ଠାରୁ ଏକ ମହତ୍ୱପୂର୍ଣ୍ଣ ବୃଦ୍ଧିକୁ ଚିହ୍ନିତ କରିପାରିଛି - ଯାହାକି ବର୍ଷ-କୁ-ବର୍ଷ ଅଭିବୃଦ୍ଧି ହାରର ୧୭୪%ର ଏକ ମଜବୁତ୍ ପଞ୍ଜିକରଣ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମାର୍ଚ୍ଚ ୨୦୨୫ରେ ଭିଡ଼ା ଭି୨ର ଖୁଚୁରା ବିକ୍ରୟ ୭,୯୮୨ ୟୁନିଟ୍ ଦେଖିବାକୁ ମିଳିଛି, ଯାହାକି ମାର୍ଚ୍ଚ ୨୦୨୪ର ଖୁଚୁରା ବିକ୍ରୟ ୪୦୮୫ୟୁନିଟ୍ ତୁଳନାରେ ୯୫% ଅଭିବୃଦ୍ଧିର ପ୍ରତିନିଧିତ୍ୱ କରିପାରିଛି। କେବଳ ଖୁଚୁରା ବ୍ୟବସାୟ ନୁହେଁ ହୋଲସେଲ କ୍ଷେତ୍ରରେ ମଧ୍ୟ ହିରୋ ମୋଟୋକର୍ପ ଏଫୱାଇ'୨୫ରେ ୫,୮୯୯,୧୮୭ (୫.୯ ମିଲିୟନ) ୟୁନିଟ୍‌କୁ ଛୁଇଁ ପାରିଛି ତଥା ପୁନର୍ବାର ଏକ ଆହୁରି କଠିନ ନେତୃତ୍ୱର ସ୍ଥିତିକୁ ଆୟତ କରିପାରିଛି।

## ଭୟଙ୍କର ଭୂମିକମ୍ପ

ମିଆଁମାର ଓ ଥାଇଲାଣ୍ଡରେ ହୋଇଥିବା ବଡ଼ ଧରଣର ଭୂମିକମ୍ପରେ ହଜାରେରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ମିଆଁମାର ଓ ଥାଇଲାଣ୍ଡରେ ଏତେ ବଡ଼ ଭୂକମ୍ପ ହେଲା ଯେ, ତାହାର ପ୍ରଭାବ ଭାରତ, ବାଂଲାଦେଶ, ଚୀନ ଏବଂ ଭିଏତନାମରେ ମଧ୍ୟ ଅନୁଭୂତ ହୋଇଛି । ଭୂମିକମ୍ପ ଏତେ ଭୟଙ୍କର ଥିଲା ଯେ, ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ ଏବଂ ମିଆଁମାରର ବଡ଼ ବଡ଼ କୋଠାମାନ ତାସଘର ପରି ଭୁଶୁଡ଼ି ପଡ଼ିଛି । ସୋସିଆଲ ମିଡିଆରେ ଏହି ଦୃଶ୍ୟ ଭାଇରାଲ ହୋଇଛି । ବହୁତଳ ବିଶିଷ୍ଟ କୋଠାର ଭଗ୍ନାବଶେଷ ତଳେ ଅନେକ ଏବେ ବି ଫସି ରହିଥିବା ସନ୍ଦେହ କରାଯାଉଛି । ତେଣୁ ମୃତ୍ୟୁ ସଂଖ୍ୟା ବହୁ ଅଧିକ ହୋଇପାରେ । ଭୂମିକମ୍ପର କେନ୍ଦ୍ର ଥିଲା ମିଆଁମାର । ତେଣୁ ଏଠାରେ ଭୂକମ୍ପର ପ୍ରଭାବ ଅଧିକ ରହିବା ସ୍ୱାଭାବିକ । ତେବେ ମିଆଁମାର ଏକ ଅନୁନ୍ନତ ରାଷ୍ଟ୍ର । ତେଣୁ ଏଠାରେ ସେଭଳି ବଡ଼ ବଡ଼ କୋଠା ନାହିଁ ଯାହା ବ୍ୟାଙ୍କକରେ ରହିଛି । ତେଣୁ ମିଆଁଭାରରେ ଯେଭଳି କ୍ଷୟକ୍ଷତି ହେବା କଥା ଏବଂ ଯେତେ ଲୋକ ପ୍ରାଣ ହରାଇବା କଥା ତାହା ଅପେକ୍ଷାକୃତ କମ ରହିଛି । ଯଦି ସିଙ୍ଗାପୁର କିମ୍ବା ହଂକଂ ଭଳି ସ୍ଥାନରେ ଏଭଳି ଭୂମିକମ୍ପ ହୋଇଥାଆନ୍ତା ତେବେ କେତେ ମରିଥାନ୍ତେ ତାହା ଆକଳନ କରାଯାଇପାରିବ ନାହିଁ । କିନ୍ତୁ ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ ହେଉଛଇ ବିଶ୍ୱର ଏକ ବଡ଼ ପର୍ଯ୍ୟଟନ କ୍ଷେତ୍ର ଏବଂ ଏହା ଏକ ଜନବହୁଳ ସହର । ଏଠାରେ ଭୂକମ୍ପ ଜନିତ ମୃତ୍ୟୁ ସଂଖ୍ୟା ଅଧିକ ହେବା ସ୍ୱାଭାବିକ । ଯଦି ଥାଇଲାଣ୍ଡରେ ଭୂକମ୍ପର କେନ୍ଦ୍ର ହୋଇଥାଆନ୍ତା ତେବେ ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ହୋଇଥାଆନ୍ତା । ମିଆଁମାର ଏକ ଭୂକମ୍ପ ପ୍ରବଣ ଅଞ୍ଚଳ ଏବଂ ଏହା ବଡ଼ ଭୂକମ୍ପ ଆଶଙ୍କା ଥିବା ଜୋନରେ ଯାଉଛି । ତେଣୁ ଏଠାରେ ନିୟମିତ ଛୋଟ ବଡ଼ ଭୂକମ୍ପ ହୋଇଥାଏ । ଏହାକୁ କେହି ରୋକିପାରିବେ ନାହିଁ । କିନ୍ତୁ ଭୂକମ୍ପରେ ଯେପରି ଅଧିକ କ୍ଷୟକ୍ଷତି ନହୁଏ ସେଥିପାଇଁ ପଦକ୍ଷେପ ନିଆଯାଇପାରେ । ଭାରତର ଗୁଜରାଟ, ଉତ୍ତରାଖଣ୍ଡ ହେଉଛି ସର୍ବାଧିକ ଭୂକମ୍ପ ପ୍ରବଣ ଅଞ୍ଚଳ । ଅତୀତରେ ଏଠାରେ ଅନେକ ବଡ଼ ବଡ଼ ଭୂକମ୍ପ ହେବାର ନଜିର ରହିଛି । ଭୂମିକମ୍ପରେ ଅଧିକ ଲୋକ ପ୍ରାଣ ହରାଇବା ଏବଂ ବ୍ୟାପକ କ୍ଷୟକ୍ଷତି ହେବାର ମୁଖ୍ୟ କାରଣ ହେଲା ବଡ଼ ବଡ଼ ବହୁତଳ ବିଶିଷ୍ଟ କୋଠା । ଗୁଜରାଟ ଭୂମିକମ୍ପରେ ଏଥିପାଇଁ ମୃତ୍ୟୁ ସଂଖ୍ୟା ବହୁ ଅଧିକ ହୋଇଥିଲା । ତେଣୁ ଅଧିକ ଭୂକମ୍ପ ପ୍ରବଣ ଅଞ୍ଚଳରେ ବହୁ ତଳ ବିଶିଷ୍ଟ କୋଠା ନିର୍ମାଣକୁ ବାରଣ କରାଯିବା ଉଚିତ । ଯାହା ବି କୋଠା ନିର୍ମାଣ ହେଉଛି ତାହା କିପରି ଭୂମିକମ୍ପ ସହନଶୀଳ ହୋଇପାରିବ ଏବଂ ବଡ଼ ଭୂମିକମ୍ପ ହେଲେ ମଧ୍ୟ ଏହା ଭୁଶୁଡ଼ି ପଡ଼ିବ ନାହିଁ ସେଥିଲାଗି ପଦକ୍ଷେପ ନିଆଯିବା ଉଚିତ । ଅତ୍ୟାଧୁନୀକ ଜ୍ଞାନ କୌଶଳ ପ୍ରୟୋଗ କରି କୋଠା ନିର୍ମାଣ କରାଯିବା ଉଚିତ । ଏଥିନେଇ ଜାପାନ ବିଶେଷଜ୍ଞମାନଙ୍କ ସହ ପରାମର୍ଶ କରାଯିବା ଉଚିତ । ମିଆଁମାର ଓ ଥାଇଲାଣ୍ଡରେ ଭୂମିକମ୍ପ ଜନିତ କ୍ଷୟକ୍ଷତି ଅକଳ୍ପନୀୟ । ଏହା ପୂର୍ବରୁ ତୁର୍କୀର ମଧ୍ୟ ଏଭଳି ବଡ଼ ଧରଣର ଭୂମିକମ୍ପ ଏବଂ କ୍ଷୟକ୍ଷତି ହୋଇଥିଲା । କିନ୍ତୁ ମିଆଁମାର ଏବଂ ଥାଇଲାଣ୍ଡ ତୁଳନାରେ ତୁର୍କୀର ଆର୍ଥିକ ସ୍ଥିତି ବହୁତ ଭଲ । ସେମାନେ ଏହାକୁ ସମ୍ଭାଳିନେଲେ । କିନ୍ତୁ ମିଆଁମାର ଭଳି ଏକ ଗରିବ ଦେଶ ଏତେ ବଡ଼ କ୍ଷତିକୁ ସମ୍ଭାଳିବା ଏବଂ ପୁନର୍ଗଠନ କରିବା କଷ୍ଟକର । ଏଥିଲାଗି ସାରା ବିଶ୍ୱରୁ ସହାୟତା ମିଳିବା ଉଚିତ । ପଡ଼ୋଶୀ ଦେଶ ଭାବେ ଭାରତର ଦାୟିତ୍ୱ ଏବଂ କର୍ତ୍ତବ୍ୟ ମଧ୍ୟ ରହିଛି । ମିଆଁମାରକୁ ସହାୟତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଛନ୍ତି ।

## ଜୀବସତ୍ତା ଓ ପାବନା ଆଶ୍ରମର କାହାଣୀ


॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥


କିଛି ବର୍ଷ ତଳର କଥା ପାବନା ଆଶ୍ରମର ପଦ୍ମାତୀରର ବାଲିଚରରେ ଗୋଟିଏ ଘଟଣା ଘଟେ । ସେତେବେଳେ ଅଳ୍ପ ଅଳ୍ପ ଶୀତ ଅଛି । ପଦ୍ମାନଦୀର ପାଣି କମିଯାଇଛି । ସମ୍ମୁଖରେ ବିସ୍ତୀର୍ଣ୍ଣ ଚର ପଡ଼ିଛି । ଦୁଇଟି ଚକୁଆ-ଚକୋଇ ପଦ୍ମାର ଚର ଉପର ଦେଇ ଉଡିଯାଉଥିଲେ । ଅତର୍କିତ ଭାବରେ ଗୋଟିଏ ଶିକାରୀ ପକ୍ଷୀ ଦୁଇଟିକୁ ଲକ୍ଷ୍ୟ କରି ଗୁଳି ଛାଡ଼ିଲା । ଗୁଳି ଡେଣାରେ ବାଜିଲେ ମଧ ପକ୍ଷୀ ଦୁଇଟି ଉଡିଯାଇ ଚରର ଗୋଟିଏ ଜାଗାରେ ବସିଲେ । ସେତେବେଳେ ଶ୍ରୀ ଶ୍ରୀ ଠାକୁର ଆଶ୍ରମ ପ୍ରାଙ୍ଗଣର କୁଟୀର ବାରଣ୍ଡାରେ ଥିଲେ । ଗୁଳି ଶବ୍ଦ ଶୁଣି ସେ କହି ଉଠିଲେ, ହାୟ ! ପକ୍ଷୀ ଦୁଇଟିକୁ ମାରିଲା ବୋଧହୁଏ । ମୁଁ ଏପରି ଅସହାୟ ! ମୁଁ କ'ଣ କରିପାରିବି ? – ଏୟ କହି କୁଟୀରରୁ ତଳକୁ ଓହ୍ଲେଇ ଆସି ବନ୍ଧ କଡ଼େ କଡ଼େ ଆଗେଇ ଆସିଲେ ଏବଂ ଚର ଆଡ଼କୁ ଚାହିଁ ବ୍ୟାକୁଳ ଭାବେ ଦଉଡାଦଉଡି କରିବାକୁ ଲାଗିଲେ । ଏହା ମଧରେ ପକ୍ଷୀ ଦୁଇଟି ପ୍ରତି ସେଇ ଶିକାରୀ ଦ୍ୱିତୀୟବାର ଗୁଳି ଛାଡ଼ିଲା । ଏଥିରେ ଶ୍ରୀ ଶ୍ରୀ ଠାକୁର ଅତ୍ୟନ୍ତ ଶୋକାର୍ତ୍ତ ହୋଇ 'ହାୟ, ହାୟ ପକ୍ଷୀ ଦୁଇଟି ମଲେ ।' କହି ଆର୍ତ୍ତନାଦ କରି ଉଠିଲେ । ତାଙ୍କ ନିଜ ବକ୍ଷରେ ଯେପରି ଗୁଳିବିଦ୍ଧ ହୋଇଛି ଏହିପରି ଅନୁଭବ କରି ତୀବ୍ର ଯନ୍ତ୍ରଣାରେ ଛଟପଟ ହୋଇ ମାଟିରେ ପଡ଼ି ଆହା ଉହୁ କରିବାକୁ ଲାଗିଲେ । ତାଙ୍କର ଏଇ ଯନ୍ତ୍ରଣା ଦେଖି ଉପସ୍ଥିତ କେହି ହେଲେ ଅଶ୍ରୁ ସମ୍ବରଣ କରିପାରିଲେ ନାହିଁ । ସର୍ବଜୀବ ସହିତ ଏକାତ୍ମତା ଶ୍ରୀ ଶ୍ରୀ ଠାକୁରଙ୍କ ଧାରଣାରେ ଏପରି ସୁପ୍ରତିଷ୍ଠିତ ଯେ ତାଙ୍କ ସମ୍ମୁଖରେ କୌଣସି ପ୍ରାଣୀକୁ ଆଘାତ କଲେ ସେଇ ଆଘାତର ଚିହ୍ନ ତାଙ୍କ ଶରୀରରେ ପରିସ୍ଫୁଟ ହୋଇ ଦେଖାଯାଇଛି । ଏଇ ଘଟଣାଟି ଘଟିଥିଲା ମୁଁ ଶ୍ରୀ ଶ୍ରୀ ଠାକୁରଙ୍କ ସଂସ୍ପର୍ଶରେ ଆସିବାର ଅବ୍ୟବହିତ ପୂର୍ବେ । ଦିନେ ସେ ଘୋଡ଼ା ଗାଡ଼ିରେ ବସି କୁଷ୍ଟିୟାକୁ ବାରାଦି ଗାଁକୁ ଡାକ୍ତର ଗୋପେନ୍ଦ୍ରଚନ୍ଦ୍ର ସାହାଙ୍କ ଘରକୁ ଯାଉଥିଲେ । ଘୋଡ଼ାଗାଡ଼ିରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଚାରିଜଣ ଆରୋହୀ ଥିଲେ । ସେମାନଙ୍କ ମଧରେ ଥିଲେ ଡାକ୍ତର ସତୀଶଚନ୍ଦ୍ର ଜୋୟାରଦାର, ବୀରେନ୍ଦ୍ରନାଥ ରାୟ (ମୁକ୍ତାର) ଓ ଡାକ୍ତର ଗୋକୁଳଚନ୍ଦ୍ର ମଣ୍ଡଳ । ଘୋଡ଼ାଟି ଥିଲା ଅପେକ୍ଷାକୃତ ଦୁର୍ବଳ । ତେଣୁ ଶୀଘ୍ର ଚାଲି ନପାରିବାରୁ କୋଚମ୍ୟାନ ପାଏଁ ପାଏଁ ତିନି ପାହାର ଚାବୁକା ମାରେ ଘୋଡ଼ା ପିଠିରେ । ଚାବୁକ ମାରିବା ମାତ୍ରେ ହିଁ ଶ୍ରୀ ଶ୍ରୀ ଠାକୁର ଗାଡ଼ିରୁ ଓହ୍ଲେଇ ପଡ଼ିଲେ ଏବଂ ଘୋଡ଼ାର ଖୁବ୍ କଷ୍ଟ ହେଉଛି – ଆସନ୍ତୁ ଆମେ ଚାଲି ଚାଲି ଯିବା । ଏହା କହି ସମସ୍ତଙ୍କୁ ଗାଡ଼ିରୁ ଓହ୍ଲେଇ ପଡ଼ିବାକୁ କହିଲେ । ତାପରେ ଘୋଡ଼ାଗାଡ଼ିଟିକୁ ବିଦାୟ ଦେଇ ସେମାନେ ଚାଲି ଚାଲି ବାରାଦି ଗାଁରେ ପହଞ୍ଚିଲେ । ସେଠାରେ ଯାଇ କିଛି ସମୟ ବିଶ୍ରାମ ନେଇ ଶ୍ରୀ ଶ୍ରୀ ଠାକୁର ହାତମୁହଁ ଧୋଇ ଦେହରୁ ଜାମା ଓ ଚାଦର ଖୋଲି ଶଯ୍ୟାରେ ବିଶ୍ରାମ କରିବାକୁ ଲାଗିଲେ । ତାଙ୍କର ଜଣେ ସଙ୍ଗୀ ତାଙ୍କର ପଦସେବା କରୁ କରୁ ତାଙ୍କ ପିଠିରେ ଚାବୁକ ପାହାରର ତିନୋଟି ଆଘାତର ଚିହ୍ନ ଦେଖି ଚମକିତ ହୋଇ କହିଉଠିଲେ – ଇଏ କ'ଣ ! ଆପଣଙ୍କ ପିଠିରେ ତିନୋଟି ଚାବୁକ ମାଡ଼ର ଦାଗ ଆସିଲା କିପରି ?

ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ । ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ – ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା । ତାହା ମୋତେ ବଡ଼ କଷ୍ଟ ଦେଇଥିଲା । ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ । ସଙ୍ଗୀଟି ସେତେବେଳେ ଆଶ୍ଚାର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ – ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି । କିନ୍ତୁ ସେଇ ଦାଗ ଆପଣଙ୍କ ଦେହରେ କିପରି ସୃଷ୍ଟି ହେଲା, ତାହା ତ ବୁଝିପାରୁନାହିଁ । ସେତେବେଳେ ସେ କହିଲେ – ଘୋଡ଼ାର କଷ୍ଟଟା ଠିକ୍ ନିଜର କଷ୍ଟ ବୋଲି ଅନୁଭବ କରିଥିଲି ବୋଲି ସମ୍ଭବତଃ ନିଜ ଦେହରେ ସେଇପରି ଚିହ୍ନ ବସିଯାଇଥିବ । ଏହି କଥାଟି ଯେତେବେଳେ ସେଇ ସଙ୍ଗୀଟିର ନିଜ ମୁହଁରୁ ଶୁଣିଥିଲି ସେତେବେଳେ ମୁଁ ନିଜେ ବି ବିଶ୍ୱାସ ସ୍ଥାପନ କରିପାରିନି । କାରଣ, ଏପରି ଘଟଣାର ବାସ୍ତବ ଅଭିଜ୍ଞତା ମୋର ନଥିଲା । ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କର ଆଉ ଦୁଇଜଣ ସହଯାତ୍ରୀଙ୍କୁ ଏବଂ ବାରାଦିର ଡାକ୍ତର ଗୋପେନ୍‌ବାବୁ – ଯାହାଙ୍କ ଘରକୁ ଏମାନେ ଯାଇଥିଲେ – ସେମାନଙ୍କୁ ଅଲଗା ଅଲଗା ଭାବେ ଏହି ବିଷୟରେ ପଚାରିଲି । ସେ ତିନିଜଣ ଯାକ ସମସ୍ତେ କହିଲେ ଯେ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ତିନିଟି ଚାବୁକ୍‌ର ଦାଗ ସେମାନେ ଦେଖିଛନ୍ତି – ଏ କଥା ଧ୍ରୁବ ସତ୍ୟ । କିନ୍ତୁ ଘୋଡ଼ାକୁ ମାରିବା ଚାବୁକର ଦାଗ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ପ୍ରକଟ ହେଲା କିପରି – ଏକଥା ସେମାନଙ୍କ ବୁଦ୍ଧିର ଅଗମ୍ୟ ବା ଏଭଳି ଘଟଣାର ନଜିର କେଉଁଠି ହେଲେ ଅଛି କି ନା ତାହା ସେମାନେ କହିବାକୁ ଅକ୍ଷମ । ମୁଁ ସେତେବେଳେ ସେମାନଙ୍କୁ କହିଥିଲି ଯେ ଏପରି ଘଟଣା ନିଜେ ନ ଦେଖିଲେ ମଧ ପୃଥିବୀ ଇତିହାସରେ ଏପରି ନଜିର ଅଛି । କଥିତ ଅଛି ଯେ ଭଗବାନ ରାମକୃଷ୍ଣ ଦେବ ଯେତେବେଳେ ସ୍ତ୍ରୀଭାବେ ସାଧନା କରୁଥିଲେ ସେତେବେଳେ ତାଙ୍କର ପୁରୁଷ ଦେହରେ ସ୍ତ୍ରୀଅଙ୍ଗର ସମସ୍ତ ଲକ୍ଷଣ ପ୍ରକାଶିତ ହୋଇଥିଲା । ପରେ ପାଶ୍ଚାତ୍ୟ ଜଗତର ଖ୍ରୀଷ୍ଟଧର୍ମର ଇତିହାସ ଆଲୋଚନା ବେଳେ ଜାଣିଛି ଯେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କ ସମ୍ବନ୍ଧରେ ଗଭୀର ଭାବେ ଚିନ୍ତା କରିବା ଫଳରେ କୌଣସି ଖ୍ରୀଷ୍ଟଭକ୍ତଙ୍କ ଦେହରେ ଅନୁରୂପ କ୍ଷତଚିହ୍ନ ଓ ରକ୍ତ କ୍ଷରଣ ପରିଲକ୍ଷିତ ହୋଇଥିଲା । ଏଇ ବିଂଶ ଶତାବ୍ଦୀରେ ହିଁ ୧୯୬୨ ମସିହାରେ ଜର୍ମାନୀର ଅନ୍ତର୍ଗତ ବ୍ୟାଭେରିୟାର କୋନାର – ସେରିଭୟ ଗ୍ରାମରେ ଥେରେସା ନିଉମ୍ୟାନ ନାମରେ ଜଣେ କ୍ୟାଥଲିକ୍ ମହିଳାର ମଥା, ଛାତି ଓ ପାଦରେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କର ଚିନ୍ତା କରୁ କରୁ ଅନୁରୂପ କ୍ଷତର ସୃଷ୍ଟି ହୁଏ ଏବଂ କ୍ଷତସ୍ଥାନରୁ ଏତେ ପରିମାଣରେ ରକ୍ତପାତ ହୁଏ ଯେ ତାଙ୍କ ଶରୀରର ଓଜନ ଦଶ ପାଉଣ୍ଡ କମିଯାଏ । ଡାକ୍ତର ଫ୍ରିଜ ଜାରଲିକ୍ ନାମରେ ଗୋଟିଏ ଜର୍ମାନ ପତ୍ରିକାର ସମ୍ପାଦକ ଏହା ଏକ ବିରାଟ ଧପ୍‌ପାବାଜି ବୋଲି ମନେକରି ସେଇ ମହିଳାଙ୍କୁ ପରୀକ୍ଷା କରିବାକୁ ଯାନ୍ତି । ସେ ସବୁ ଦେଖିଶୁଣି ଓ ପରୀକ୍ଷା କରି ସନ୍ଦେହମୁକ୍ତ ହୋଇ ଉକ୍ତ ମହିଳାର ଜଣେ ଭକ୍ତ ହୋଇଉଠନ୍ତି ଏବଂ ସ୍ୱୟଂ ସେଇ ମହିଳାର ଜୀବନୀ ଲେଖନ୍ତି । ବାରାଦି ଗ୍ରାମର ଉକ୍ତ ଘଟଣା ସଂଘଟିତ ହେବା ପୂର୍ବରୁ ଅନୁରୂପ ଆଉ ଗୋଟିଏ ଘଟଣା ଘଟେ ହିମାଇତପୁରେ । ଶ୍ରୀ ଶ୍ରୀ ଠାକୁର କିଶୋରୀମୋହନ ଦାସଙ୍କ ହିମାଇତପୁର ଶ୍ମଶାନର କଡ଼ ଦେଇ ଯାଉଥିଲେ । ଗୋଟାଏ ଗୋରୁ ସେଠାରେ ଦଉଡିରେ ବନ୍ଧା ହୋଇଥିଲା । ଗୋରୁଟା ଚରୁ ଚରୁ ବେକରେ ଦଉଡି ଲାଗିଥିବା ଅବସ୍ଥାରେ ପଦ୍ମାନଦୀର ପଠାରୁ ତଳକୁ ପଡ଼ିଯାଏ ଏବଂ ଦଉଡିରେ ନଟକି ରହିଥାଏ ଆଉ ପ୍ରାଣପଣେ ଡାକ ଛାଡୁଥାଏ । ତାର ଏଇ ଆର୍ତ୍ତନାଦ ଶୁଣି କିଶୋରୀଦା ଓ ଶ୍ରୀ ଶ୍ରୀ ଠାକୁର ଦୌଡ଼ିଯାଇ ଗୋରୁଟାକୁ ଏଇ ଅବସ୍ଥାରେ ଦେଖନ୍ତି । ଶ୍ରୀ ଶ୍ରୀ ଠାକୁରଙ୍କ ଇଙ୍ଗିତରେ କିଶୋରୀଦା ତଡ଼ିତ ବେଗରେ ଲମ୍ଫଦେଇ ତଳେ ପଡ଼ିଲେ ଓ ଗୋରୁଟାର ପଛରୁ ଧରି ଖୁବ୍ ଜୋରରେ ଉପରକୁ ଠେଲୁଥାନ୍ତି ଆଉ ଶ୍ରୀ ଶ୍ରୀ ଠାକୁର ଉପରୁ ସେଇ ଦଉଡି ଧରି ଟାଣୁଥାନ୍ତି । ଏହିପରି କରି ଅତି କଷ୍ଟରେ ଗୋରୁଟାକୁ ଉପରକୁ ଟେକାହୁଏ । ଖୁବ୍ ଜୋରରେ ଦଉଡି ଭିଡ଼ି ହୋଇଯାଇଥିବାରୁ ଗୋରୁଟିର ବେକରେ ଦଉଡିର ଦାଗର ଚିହ୍ନ ସ୍ପଷ୍ଟ ଦେଖାଯାଏ । ଗୋରୁଟାକୁ ଏହିପରି ଭାବେ ମରଣ ହାତରୁ ରକ୍ଷା କରିବା ପରେ କିଶୋରୀଦାଙ୍କର ଅଲକ୍ଷ୍ୟରେ ଶ୍ରୀ ଶ୍ରୀ ଠାକୁର ଲୁଗାର ଖୋସାଣି ଖୋଲି ସଙ୍ଗେ ସଙ୍ଗେ ନିଜ ବେକରେ ଗୁଡ଼ାଇଲେ ଏବଂ ଦୁହେଁ ଆଶ୍ରମକୁ ଫେରିଆସିଲେ । ଆଶ୍ରମକୁ ଫେରିଆସି ଶ୍ରୀ ଶ୍ରୀ ଠାକୁର ବେକରେ ଗୁଡ଼ାଇଥିବା ଲୁଗା ଖୋଲିବା ମାତ୍ରେ କିଶୋରୀଦା ଦେଖିପାରିଲେ – ବେକରେ ଦଉଡି ଦେଇ ଜୋର କରି ବାନ୍ଧିଲେ ଯେପରି ଚିହ୍ନ ପଡ଼ିଯାଏ ଶ୍ରୀ ଶ୍ରୀ ଠାକୁରଙ୍କ ବେକରେ ଅନୁରୂପ ଚିହ୍ନ ପ୍ରକାଶ ପାଉଛି । ସେ ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କୁ ପଚାରିଲେ ଆପଣଙ୍କ ବେକରେ ଏପରି ଦାଗ ଆଗରୁ ତ କେବେ ଦେଖିନି । ଏ ଦାଗ ଆସିଲା କେଉଁଠୁ ? ଶ୍ରୀ ଶ୍ରୀ ଠାକୁର – ଗୋରୁଟାର ବେକରେ ଖୁବ୍ ଜୋରରେ ଦଉଡି ଟଣାର ଦାଗ ପଡ଼ିଯାଇଥିଲା । ତେଣୁ ମୋ ବେକରେ ବି ସେହିପରି ଦାଗ ହୋଇଛି । କିଶୋରୀଦା ଶ୍ରୀ ଶ୍ରୀ ଠାକୁରଙ୍କ ପାଖରୁ ଏଇ କଥା ଶୁଣି ହତଭମ୍ବ ହୋଇଗଲେ । ଭାବିବାକୁ ଲାଗିଲେ – ଏହା କିପରି ସମ୍ଭବ ? ତା ହେଲେ କ'ଣ କହିବାକୁ ହେବ ଯେ ସେ ପ୍ରତ୍ୟେକ ଜୀବର ସତ୍ତା ସହ ଓତପ୍ରୋତ ଭାବେ ଜଡ଼ିତ ? ସେମାନଙ୍କର ସୁଖଦୁଃଖ କଣ ନିଜର ସୁଖଦୁଃଖ ବୋଲି ଅନୁଭବ କରନ୍ତି ? ଉପରୋକ୍ତ ଘଟଣାଟି ଶ୍ରଦ୍ଧେୟ କିଶୋରୀଦାଙ୍କ ପାଖରୁ ଅବଗତ ହେବାପରେ ଶ୍ରୀ ଶ୍ରୀ ଠାକୁରଙ୍କୁ ମୁଁ ନିଜେ ପଚାରି ଏ ବିଷୟରେ ସମ୍ପୂର୍ଣ୍ଣ ନିଃସନ୍ଦେହ ହୋଇଛି ।


ସହ-ପ୍ରତିରତ୍ୱିକ ଓ ପୂର୍ବତନ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭



ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ । ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ - ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା । ତାହା ମୋତେ ବଡ଼ କଷ୍ଟ ଦେଇଥିଲା । ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ । ସଙ୍ଗୀଟି ସେତେବେଳେ ଆଶ୍ଚାର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି ।


## ବାସ୍ତବ ସତ୍ୟର ଅନୁସନ୍ଧାନ


॥ ପଙ୍କଜ କୁମାର ପାଣିଗ୍ରାହୀ ॥


ନମସ୍କାର । ବାସ୍ତବ ସତ୍ୟର ଅନୁସନ୍ଧାନ- ଅଷ୍ଟମ ଅଧ୍ୟାୟରେ ଆଜି ଆଲୋଚନା କରିବା ଯେ ମଣିଷର ସୃଜନଶୀଳତା ସୃଷ୍ଟି ହେବ କେମିତି ଏବଂ ତଦ୍ୱାରା ମଣିଷ ସତ୍ୟର ଅନୁସନ୍ଧାନ କରି ମନର ଭୟ ଦୂର କରିବ କିପରି ? ସୃଜନଶୀଳ ମଣିଷ ଯେ ନିର୍ଭିକ ହୋଇଥାନ୍ତି ତାହା କେବଳ ପ୍ରତ୍ୟେକ ବିଷୟର ସତ୍ୟ ଅସତ୍ୟକୁ ବୁଝିବାରେ ସେମାନଙ୍କ ସକ୍ଷମତା କାରଣରୁ । ତା' ଛଡା ସେମାନେ ଜୀବନ ପଥର ପ୍ରତ୍ୟେକ ମୁହୂର୍ତ୍ତକୁ ନିଜସ୍ୱ ଚେତନାରେ ତଉଲି ଏକ ସ୍ୱଚ୍ଛ ମାନବବାଦୀ ମଣିଷର ପରିଚୟ ପ୍ରଦାନ କରିବାରେ ସମର୍ଥ ହୋଇଥାନ୍ତି। ବର୍ତ୍ତମାନ ବିଚାର କରିବା ଯେ ସୃଜନଶୀଳତା କ'ଣ ଏବଂ ତାହା ମଣିଷ ମସ୍ତିଷ୍କରେ କେମିତି ସୃଷ୍ଟି ସଂଚାର ହୋଇ ପାରିବ । ସୃଜନଶୀଳ ଅର୍ଥ ନିଜର ସଚେତନ ସମୀକ୍ଷା ଜ୍ଞାନ ସହିତ ନୂତନ ଚେତନାର ଅନୁସନ୍ଧାନ ଓ ଅଭିବୃଦ୍ଧି । ସଚେତନ ଅର୍ଥାତ ଜୀବନର ପ୍ରତ୍ୟେକ ମୁହୂର୍ତ୍ତର ସବୁ ବିଷୟ ଗୁଡିକୁ ସମୀକ୍ଷା କରି ସତ୍ୟକୁ ଜାଣି ଅବାସ୍ତବକୁ ପ୍ରତ୍ୟାଖ୍ୟାନ କରିବା । ଇଂରାଜୀରେ ତାକୁ କୁହାଯାଏ କ୍ରିଏଟିଭିଟି, ଅର୍ଥ ନିଜେ ନୂତନତ୍ୱ ସୃଷ୍ଟି କରିବା । ନିଜର ଜ୍ଞାନ ବିକାଶ ତଥା କୌଣସି ବିଷୟ ହେଉ କିମ୍ବା ବସ୍ତୁ ଗୁଡିକ ଉପରେ ଯଥେଷ୍ଟ ସ୍ୱଜ୍ଞାନ ଅର୍ଜନ କରିବା ଏବଂ ନୂତନ ଜ୍ଞାନର ସନ୍ଧାନ ସଂଚାର କରିବା ହେଉଛି କ୍ରିଏଟିଭିଟି ବା ସୃଜନଶୀଳତା ।

ନିଜସ୍ୱ ବିଶ୍ଲେଷଣାତ୍ମକ ଭାବନା ଶକ୍ତି ବଳରେ ମଣିଷ କୌଣସି ବିଷୟର ସମୀକ୍ଷା କରିବାକୁ ଚେଷ୍ଟା କରିବା ଦ୍ୱାରା ପ୍ରତି ମୁହୂର୍ତ୍ତରେ ସବୁ କଥାର ସତ୍ୟତାର ସନ୍ଧାନ ବାରିବା ସମ୍ଭବ ହୋଇଥାଏ । ମିଥ୍ୟାଭରା ସମାଜରେ ପ୍ରେତ୍ୟେକ ସମୟରେ ଜଣେ ଆଉ ଜଣକୁ ମିଛ କହି ଅଯୌକ୍ତିକ ଅଲୌକିକ ସମୃଦ୍ଧିର ସମ୍ଭାର ଦେଖାଇ ନିଜର ସ୍ୱାର୍ଥ ହାସଲ କରିବାକୁ ଚେଷ୍ଟା କରୁଥିବା ବୁଝିଛନ୍ତି ଆଜି କେତେଜଣ ? ! କିନ୍ତୁ ଗୋଟିଏ ଉଦାହରଣ ନେଇ ଆମେ ପ୍ରଥମେ ଦେଖିବା ଯେ ଆମେ ଯେଉଁ ସମାଜରେ ବଂଚୁଛେ ସେ ସମାଜର ଦ୍ୱିତୀୟ ବ୍ୟକ୍ତିଟି କିଏ ଏବଂ ତା ପରବର୍ତ୍ତୀ ଅନ୍ୟାନ୍ୟ ସମସ୍ତେ ଆମ ପ୍ରତି କ'ଣ ଉଦ୍ଦେଶ୍ୟ ରଖି ସମ୍ପର୍କ ସ୍ଥାପନ କରି ଗଢ଼ି ଉଠିଛି ଆମ ମଣିଷ ସମାଜ । ଜନ୍ମଦାତ୍ରୀ ମା' ଏବଂ ତା'ପରେ ବାପା ବ୍ୟତୀତ ଗୋଟିଏ ସ୍ଥାନରୁ ଉତ୍ପତ୍ତି ଭାଇ ଭଉଣୀ ସମୂହ ହେଉଛନ୍ତି ଆମ ଜୀବନର ପ୍ରତ୍ୟକ୍ଷ ଆଙ୍ଗିକ ଅଂଶ ବିଶେଷର ସମ୍ପର୍କିତ ଚେହେରା । ତାପରେ ଆହୁରି ଅନେକ ଅନ୍ୟାନ୍ୟ ସମ୍ପର୍କିତ ଚେହେରା ରହିଥାନ୍ତି ଯେଉଁମାନେ ପରୋକ୍ଷ ଆଙ୍ଗିକ ସମ୍ପର୍କିତ ମଣିଷ ଗୁଡିଏ ଯାହାଙ୍କୁ ଆମେ ଆମ ପରିବାର ବନ୍ଧୁବର୍ଗ ବୋଲି ଜାଣିଥାଉ । ତା' ପରେ ଆହୁରି ଅନେକ ପ୍ରକାର ସମ୍ପର୍କ । ବର୍ତ୍ତମାନ ଦେଖିବା ଯେ ଆମେ ଯାହାଙ୍କୁ ନେଇ ନିଜର ପରିବାର କିମ୍ବା ଅନ୍ୟାନ୍ୟ ଯେ କୌଣସି ସମ୍ପର୍କିତ ମଣିଷ ବୋଲି ଗର୍ବିତ ସେମାନଙ୍କ ଆମ ପ୍ରତି ଆ'ନ୍ତରିକ ଭାବ କେତେ ? ସେମାନେ ନିଜ ନିଜ ସ୍ୱାର୍ଥ ପାଇଁ ଅନେକ ସମୟରେ ଆମକୁ ମିଛ କହନ୍ତି କି ନାହିଁ ?

ନିଶ୍ଚିତ ଭାବେ ଆମ ସମସ୍ତଙ୍କ ଅଳ୍ପ ବହୁତେ କିଛି ଅଭିଜ୍ଞତା ରହିଛି ଯେ ମା', ବାପାଙ୍କ ବ୍ୟତୀତ ଦୁନିଆର ଆଉ ଯେତେ ସବୁ ସମ୍ପର୍କ ରହିଛି ହୁଏତ ସେମାନେ ନିଜର ସ୍ୱାର୍ଥ ପାଇଁ ଆମକୁ ଅନେକ ସମୟରେ ମିଛ କହିଥାନ୍ତି ତ ଆଉ କେତେବେଳେ ଅହେତୁକ ହିଂସାତ୍ମକ ଆକ୍ରୋଶ ଭାବ ମଧ୍ୟ ପ୍ରଦର୍ଶନ କରିଥାନ୍ତି। ଆଉ ଯାହାକୁ ଆମେ ନିକଟରୁ ଜାଣିନାହେଁ ସେମାନେ ଯେ ଆମକୁ ସବୁବେଳେ ସତ୍ୟ ବଚନ କହିବେ କିମ୍ବା ଆମ ଭଲ କାମନା କରିବେ ବୋଲି ଭାବିବା ଆମର ସଂକୀର୍ଣ୍ଣ ମାନସିକତା ଜନିତ ଏକ ଦୁର୍ବଳତା ଛଡା ଆଉ କିଛି ନୁହେଁ । ପ୍ରେତ୍ୟେକ ମଣିଷ ତାଙ୍କ ଜୀବନରେ ଏସବୁ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି ଆଜି ସମୟରେ । ଆମ ପାଇଁ ଜୀବନର ପ୍ରଥମ ମଣିଷ ମା' ଏବଂ ଦ୍ୱିତୀୟ ବ୍ୟକ୍ତି ବାପାଙ୍କ ବ୍ୟତୀତ ତୃତୀୟ ମଣିଷଟି ଆମର ଭାଇ କିମ୍ବା ଭଉଣୀ ଠାରୁ ମଧ୍ୟ ଅନେକ ସମୟରେ ଅହେତୁକ ଭାବେ ଆଶାତୀତ ମିଥ୍ୟା ବଚନ ଶୁଣିବାକୁ ମିଳିଥାଏ ଯେତେବେଳେ ବିଷୟ ରହିଥାଏ ବ୍ୟକ୍ତିଗତ ସ୍ୱାର୍ଥରେ । ଆଉ ତା ପରେ ଯେ ଚତୁର୍ଥ ସମ୍ପର୍କ ଗୁଡିକ ଠାରୁ ଆରମ୍ଭ କରି ଅଜ୍ଞାତ ମଣିଷ ପର୍ଯ୍ୟନ୍ତ ମିଥ୍ୟାବାଦୀତାର ସୀମା ନାହିଁ ଅହରହ ଲୁଣ୍ଠନ କରିବା ପାଇଁ ! ଏ କଥା ହୁଏତ ସମସ୍ତେ ସଠିକ୍ ଭାବେ ଆକଳନ କରି ପାରୁ ନଥିବେ ! କିନ୍ତୁ ଶାନ୍ତ ସରଳ ଚିତ୍ତରେ ତାହାର ସମୀକ୍ଷା କରି ଦେଖନ୍ତୁ ଜାଣିପାରିବେ ଯେ ଆମ ଜୀବନର ଜଟିଳତା କେବଳ ସୀମିତି ସେହି ଅମଣିଷଙ୍କ ମିଥ୍ୟାଭରା ପ୍ରରୋଚନା ପାଇଁ ଯାହାର କୌଣସି ପ୍ରାକୃତିକ ସଂଯୋଜନା ନାହିଁ ଯିଏ ଆମକୁ ଜନ୍ମ ଦେଇଛନ୍ତି ଏହି ପ୍ରକୃତି କୋଳରେ । ଅତଏବ ସଂସାରର ସମସ୍ତ ମନୁଷ୍ୟକୃତ କୁହେଳିକା, ପ୍ରହେଳିକା, ବିଷୟ ଏବଂ ବସ୍ତୁ ଗୁଡିକୁ ସନ୍ତୁଳିତ ଢଙ୍ଗରେ ପରଖି ସେଗୁଡିକର ମିଥ୍ୟା ଓ ସତ୍ୟତାର ସନ୍ଧାନ କରିବା ଏବଂ ପ୍ରାକୃତିକ ସତ୍ୟକୁ ଜାଣିବା ପାଇଁ ପ୍ରୟାସ କରିବା ହେଉଛି ସୃଜନଶୀଳତା । ସେଗୁଡିକର ଉପଯୁକ୍ତ ଜ୍ଞାନ ଆହରଣ କରି ଯଥାସାଧ ତାହାର ସଦୁପଯୋଗ କରୁଥିବା ମଣିଷକୁ ସୃଜନଶୀଳ ମଣିଷ ବୋଲି କୁହାଯାଏ । ଜଣେ ସୃଜନଶୀଳ ମଣିଷ ଚେତନାର ଚରମ ଶୀର୍ଷରେ ପହଂଚିବା ପରେ ମନୁଷ୍ୟକୃତ ଭୟ ଗୁଡିକର କୌଣସି ପ୍ରକୋପ, ପ୍ରଭାବ ଏବଂ ବାସ୍ତବତା ନଥିବା ଜାଣିପାରନ୍ତି । ତେଣୁ ସେମାନେ ସମାଜରେ ପ୍ରଚଳିତ କୁହେଳିକା, ପ୍ରହେଳିକା ଗୁଡିକୁ ଭୂକ୍ଷେପ ନକରି ନିର୍ଭିକ ଜୀବନ ଯାପନ କରିବାରେ ସମର୍ଥ ହୋଇଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ଗୁଡିକୁ କିନ୍ତୁ ସେମାନେ ଯଥେଷ୍ଟ ସଜାଗ ଢଙ୍ଗରେ ନେଇଥାନ୍ତି କାରଣ ତାହାର ପ୍ରଭାବ, ପ୍ରକୋପ ଓ ଭୟାବହତା ଉପରେ ଯଥେଷ୍ଟ ଜ୍ଞାନ ରହିଥାଏ ସେମାନଙ୍କର । ଅଜ୍ଞାନ ନିର୍ବୋଧ ମଣିଷ କିନ୍ତୁ ସଚେତନ ସୃଜନଙ୍କ ବିପରୀତରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିବ ଅନୁଧାନ କଲେ । ଅସଚେତନ ନିର୍ବୋଧ ମଣିଷ ସବୁବେଳେ ସାମାଜିକ ମିଥ୍ୟା କୁହେଳିକାରେ ନିଜକୁ ଭୀତତ୍ରସ୍ତ କରୁଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟ ଗୁଡିକ ପ୍ରତି ସେମାନଙ୍କ ସଚେତନ ଭାବ ଆଦୌ ରହିନଥାଏ । କାରଣ ସେମାନେ ବୁଝିପାରନ୍ତି ନାହିଁ ଯେ ମନୁଷ୍ୟକୃତ କୁହେଳିକା, ପ୍ରହେଳିକା ଜନିତ ଭୟାବହତାର କୌଣସି ପ୍ରତ୍ୟକ୍ଷ ପ୍ରଭାବ ଆଉ କିଛି ରହିନଥାଏ କେବଳ ଏକ ମାନସିକ ବିଚଳିତତା ବ୍ୟତୀତ । କିନ୍ତୁ ପ୍ରାକୃତିକ ଭୟାବହତାର ଭୀଷଣତ୍ୱ ସେମାନଙ୍କୁ କୌଣସି ପ୍ରଭାବ ପକାଇ ନଥାଏ ଯାହା ସମୟ କ୍ରମରେ ଏକ ସାଙ୍ଘାତିକ ପରିସ୍ଥିତି ସୃଷ୍ଟି କରିପାରେ । ଉଦାହରଣ ସ୍ୱରୂପ ବର୍ତ୍ତମାନର ବିଶ୍ୱ ଉତ୍ତାପ ବୃଦ୍ଧି, ଭୂତଳ ଜଳସ୍ତର କ୍ଷୀଣ ହେବା, ପାତାଳ, ପାର୍ବତ୍ୟ ହିମ ତରଳିବା ଭଳି ଆହୁରି ଅନେକ ପ୍ରାକୃତିକ ବିପର୍ଯ୍ୟୟ ଯାହା ଆଗକୁ ସାଙ୍ଘାତିକ ବିପର୍ଯ୍ୟୟ ସୃଷ୍ଟି କରିବା ତଥା ମଣିଷ ସମାଜକୁ ଭୂପୃଷ୍ଠରୁ ବିଲୁପ୍ତ କରିବାକୁ ଯାଉଅଛି । ସେଗୁଡିକ ଉପରେ ସାଧାରଣରେ କାହାର ଚେତନା ସଚେତନତା କିମ୍ବା ଜାଗ୍ରତ ଭାବ ଦେଖିବାକୁ ମିଳୁନାହିଁ । କିନ୍ତୁ ମନୁଷ୍ୟକୃତ ଭୟାବହତା ତଥା ନିଜର ଆର୍ଥିକ ଭବିଷ୍ୟତ, ଶାରୀରିକ ରୋଗ ଯନ୍ତ୍ରଣା ଜନିତ ମୃତ୍ୟୁ ତଥା ସାମାଜିକ ସମ୍ମାନ ଭଳି ଆହୁରି ଅନେକ ଅପ୍ରାକୃତିକ ବିଷୟ ଉପରେ ପ୍ରାୟ ସମସ୍ତଙ୍କ ବିପରୀତମୁଖୀ ଜ୍ଞାନ ଯଥେଷ୍ଟ ବୃଦ୍ଧି ହେଉଥିବା ଅସ୍ୱୀକାର କରିହେବ ନାହିଁ । ଅତଏବ କହିବାକୁ ଗଲେ ନିଜକୁ ନିଜେ ଜଣେ ମଣିଷ ସୃଜନଶୀଳ କରିବା ପାଇଁ ଆଜିଠାରୁ ଚେଷ୍ଟା ଆରମ୍ଭ କଲେ କେତେ ଦିନ, ବର୍ଷ ଲାଗିବ ତାହା ପାଇବା ପାଇଁ, ନିର୍ଭର କରୁଛି ସମ୍ପୃକ୍ତ ମଣିଷର ଜନ୍ମଗତ ଗୁଣ, ଧର୍ମ, ମାନସିକ ସ୍ଥିତି ଉପରେ । କିନ୍ତୁ ଯେତେ ବର୍ଷ ଲାଗିଲେ ମଧ ଯେ ନିଜର ମୃତ୍ୟୁ ଟି ଅତ୍ୟନ୍ତ ସୁଖ ଦାୟକ ହୋଇ ପାରିବ ସେଇଥିରେ କୌଣସି ସନ୍ଦେହ ନାହିଁ । ଆଉ ଜୀବନରେ ଜଣେ ନିର୍ଭିକ ମଣିଷ ଭଳି ଆନନ୍ଦରେ ବଂଚିବା ମଧ ସମ୍ଭବ ହୋଇପାରିବ ଯାହା ହୁଏତ ଆଜି କାହାକୁ ବୁଝା ପଡୁନାହିଁ । କିନ୍ତୁ ଏହା ସତ୍ୟ ! ଅଧିକ ଜାଣିବା ପାଇଁ ଆଗ୍ରହୀ ମଣିଷ ମାନେ ଆମ ସହିତ ଏଠାରେ କିମ୍ବା ଅନ୍ୟ ଯେକୌଣସି ଉପାୟରେ ପ୍ରଶ୍ନୋତ୍ତର କରିପାରିବେ । ନିସ୍ୱାର୍ଥପର ଭାବେ ସମସ୍ତଙ୍କୁ ସଠିକ୍ ମାର୍ଗ ଦେଖାଇ ବ୍ୟକ୍ତିଗତ ସୃଜନଶୀଳତା ସୃଷ୍ଟିକରି ସାଧାରଣ ଲୋକଙ୍କ ମଙ୍ଗଳ କାମନା କରିବା ଆମର ବିଚାର ।

## ଦାନ କରନ୍ତୁ


॥ ଅଜୟ କୁମାର ବେହେରା ॥


ସଂସାର ବଡ଼ଦାନୀ କିଏ ? ଏକଥା ଅନୁସନ୍ଧାନ କଲେ ଆମେ ନିଶ୍ଚେ ସୂର୍ଯ୍ୟଙ୍କୁ, ବାୟୁ ଦେବତା, ପୃଥିମାତା, ଗଙ୍ଗାମାତା ଏମିତି କେତେ ଧାଡ଼ିରେ ଦାନୀମାନେ ଆସିଯିବେ । ମନୁଷ୍ୟ ଏମାନଙ୍କ ବିନା ବଞ୍ଚିବା କେବେ ସମ୍ଭବ ନୁହେଁ । ଦାନ ନେଇ ଦାନ ଦେବା ଦ୍ୱାରା ତିନିପୁରରେ ଜିତାପଟ କରାଇଥାଏ । ମାତ୍ର ଏବେ ଦାନର ମର୍ଯ୍ୟାଦା କେହି ରଖିବାକୁ ଚାହୁଁ ନାହାନ୍ତି । ଆପଣା ପେଟପୁରା ଭୋଜନ ସୁନ୍ଦର ପୋଷାକ ପରିଛନ୍ନ ଅଳଙ୍କାର ଧାରଣ ଉତ୍ତମ ଘର ଜାଗା ଜମି ଯାନ ବାହାନ ଇତ୍ୟାଦି ସମସ୍ତେ ମଜଗୁଲ ଭଲ ଚାକିରୀ ପାଇଁ ଉଦ୍ୟମୀ, ଏସବୁରେ ସବୁ ବ୍ୟକ୍ତିଙ୍କର ଆଖି ଜଣେ ଜଣେ ଅନେକ ରୋଜଗାର କରି ତାଙ୍କର ସମ୍ପତ୍ତି ବଢ଼ାଇ ଚାଲିଛି ଓ ନଶ୍ୱର ଶରୀରକୁ ଚରିନ୍ତନୀ ଲୀଳାରେ ଜଡ଼ିତ କରି ଅନେକ ସ୍ୱପ୍ନ ଦେଖୁଛନ୍ତି କିନ୍ତୁ ଘଟ ଛୁଟିଲେ ତୋତେ ବୋଲି ଭୂତ ଏ ଉକ୍ତି ସେମାନେ ଭୁଲିଯାଉଛନ୍ତି । ଗୁରୁ ଗୋବିନ୍ଦ ନାମ ତୁଣ୍ଡରେ ଧରନ୍ତି ନାହିଁ । ବିଦ୍ୟାଗୁରୁ ମଧରେ ଅକ୍ଷର ଶିକ୍ଷାଦାତା କଥା କୁହାଇବା ଶିକ୍ଷା ଦାତାଙ୍କୁ ଅଣଦେଖା କରି ବିଦ୍ୟାର୍ଜନର ଶେଷକାଳ ଶିକ୍ଷକଙ୍କୁ ସମସ୍ତେ ମନେରଖନ୍ତି । ଗୋବିନ୍ଦ କିଏ ? ଏକଥା ବୁଝିବାକୁ ତର ନାହିଁ ।

ନାରାୟଣ ଅଛନ୍ତି, ନର ରୂପୀ ନାରାୟଣ ଭଗବାନ ବାମନ ରୂପରେ ଦାନର୍ଥି ଥିଲେ । ବାମନଙ୍କୁ ଦେଖିବେ କେଉଁଠି ରଥେରୁଢ଼ ବାମନ ଦୃଷ୍ଟା ପୁନର୍ଜନ୍ମ ନବିଦ୍ୟତେ । ଏ ବାମନ ଅବତାର ଆସିଥିଲେ ଲୋକେ ଯେତେବେଳେ କାମ ନକରି ରାଜଧନକୁ କେବଳ ଆଶ୍ରା କରୁଥିଲେ ସେତିକିବେଳେ ବାମନ ଆସିଥିଲେ ସେ ତିନିପାଦ ଭୂମି ମାଗିଥିଲେ । ପାଦର ଚୌଡ଼ା ଲମ୍ଭା ଅଛି ଏମିତିବା ଭୂମି ଖଣ୍ଡିଏ କଣ ହେବ ? ଏପରି ଭାବନା ମନରେ ଆସିବା ସ୍ୱାଭାବିକ ହେଲେ ଅସଲ ରହସ୍ୟ ନାନୋପଦ୍ଧତି ସବୁଠାରୁ ଦରକାରୀ ଆବଶ୍ୟକକୁ ଛୋଟେଇ ଆକାଂକ୍ଷା କଲେ ଯାଇଁ ଜଗତରେ ତିଷ୍ଟି ହେବ । ଏଇଟା ବାମନଙ୍କ ଶିକ୍ଷାଦାନ । ଅନେକ ଆଶ୍ରମରେ ଭଣ୍ଡାରା ହେଉଛି, ମୋଫତ ଖାଦ୍ୟ ଦିଆ ଯାଉଛି, କିନ୍ତୁ ଆଶ୍ରମରେ ଅର୍ଥ ଅର୍ଜନ ଭିକ୍ଷା ମାଧୁକରୀରେ ହିଁ ହୁଏ । ଭିକ୍ଷା କରି ସେମାନେ ଅନ୍ୟକୁ ଖୁଆନ୍ତି ଏହା ନାରାୟଣ ପୂଜା ଅନ୍ନ ଅଛି ଅନ୍ନପୂର୍ଣ୍ଣାଙ୍କ ହାତରେ ଅନ୍ନପୂର୍ଣ୍ଣା କାଶିରେ ପାର୍ବତିମାଙ୍କ ନାମ ଭଗବାନ ଶଙ୍କର ଝୋଲି ପାତି ଅନ୍ନପୂର୍ଣ୍ଣାଙ୍କ ଠାରୁ ଅନ୍ନଭିକ୍ଷା କରିବା ଛବି କାଶୀରେ ବଜାରରେ ବିକ୍ରୀ ହୁଏ । ଆମ ଓଡ଼ିଶାରେ ଖୋଜ କଲେ ମିଳେ । ଶଙ୍କରଙ୍କ ଅବତାର ଗୁରୁ ଗୋରଖନାଥ ତାଙ୍କର ଗୁରୁ ମଛିନ୍ଦ୍ରନାଥ ଓ ତାଙ୍କର ଗୁରୁ ଏଇ ଶଙ୍କରଙ୍କ ରୂପ ଆଦିନାଥ, ତାଙ୍କର ପ୍ରବର୍ତ୍ତିତ ମାର୍ଗ ନାଥଧର୍ମ । ନାଥମାନେ ଭିକ୍ଷାଥାଳ ଧରି ଘରେ ଘରେ ଭିକ୍ଷାକରି ତାଙ୍କର ଭୋଜନ ସଂଗ୍ରହ କରନ୍ତି । ଆମ ରାଜ୍ୟରେ ମହିମା ଧର୍ମର ଉପାସକମାନେ କାହାରି ଘରେ ଅନ୍ନଭିକ୍ଷା କଲେ ଗୃହସ୍ଥର ଆଭ୍ୟନ୍ତର ଗୃହକୁ ନଯାଇ ପଦାରେ ବାହାରେ ଭୋଜନ ମାତ୍ର ଏକଥର କରନ୍ତି । କେତେବେଳେ ଦ୍ୱିତୀୟ ଥର କେବେ ଭୋଜନକୁ ରହନ୍ତି ନାହିଁ । ବୌଦ୍ଧ ଧର୍ମର ଭିକ୍ଷୁମାନେ ଗୃହସ୍ଥ ଦ୍ୱାରକୁ ଗଲେ ଭିକ୍ଷା ମାଗିବା ସହିତ ଦାକୁ ଭିକ୍ଷାଦାନ କାଳରେ ତାଙ୍କ ଆଖିକୁ ଆସିଥିବା ତତ୍କାଳ ପରିସ୍ଥିତିରେ କିଛି ବ୍ୟତିକ୍ରମ ଉପରେ ଉପଦେଶ ଦିଅନ୍ତି । ଧର୍ମମାସରେ ଆସେ ବୈଶାଖ, କାର୍ତ୍ତିକ, ମାଘ ଓ ଆଷାଢ଼ ମାସ । ଏ ମାସ ଗୁଡ଼ିକ ସଂକ୍ଷିପ୍ତରେ ଆକାମାବୈ, କ୍ରମରେ ରହିଛି । ଆଷାଢ଼ ମାସରେ ବର୍ଷା, ଝଡ଼ତୋଫାନ ଏଥିରେ ପାଦରେ ଚାଲି ଚାଲି ଘର ବୁଲିବା ଏକ ପ୍ରକାର କଷ୍ଟ କାମ । ଏହାବାଦ ଅନ୍ୟ ତିନି ମାସରେ ପୁରୀ ଜିଲ୍ଲା କିଛି ବ୍ରାହ୍ମଣ ଶାସନରୁ କିଛି ଉପଦେଶ ଦେବା ବ୍ରାହ୍ମଣ ତାଙ୍କୁ ଚକ୍ରକୁ ଚକ ଭଳି ବୁଲିବା ପଣ୍ଡା (ପଣ୍ଡିତ)ମାନେ ଚକୁଳିଆ ପଣ୍ଡା ଭାବରେ ପରିଚିତ ସେମାନେ ଗୃହସ୍ଥଙ୍କ ଘର ସଂଲଗ୍ନ ରାସ୍ତା ରାସ୍ତାରେ କିଛି ଧର୍ମକଥା ଶୁଣାଇ ଶୁଣାଇ ଉପଦେଶ ଦେଇ ଦେଇ ସିଦ୍ଧା ଅନ୍ନ ପରିବା ଭିକ୍ଷା ରୂପେ ଗ୍ରହଣ କରନ୍ତି । ଏସବୁରେ ଗୃହସ୍ଥ ଦାନ ସହିତ ଅମୂଲ୍ୟ ଉପଦେଶମାନ ପାଆଁନ୍ତି । ଆମ ରାଜ୍ୟରେ ଯେକୌଣସି ମନ୍ଦିରକୁ ଦର୍ଶନ ପାଇଁ ଗଲେ ମନ୍ଦିର ପାଖ ସମ୍ମୁଖ ରାସ୍ତା ଭାଗରେ କିଛି ଭିକ୍ଷାର୍ଥୀ ବସିଥାନ୍ତି । ଏମାନେ ମନ୍ଦିର ପ୍ରବେଶ ବେଳକୁ କିଛି ମାଗନ୍ତି ନାହିଁ ମାତ୍ର ଦର୍ଶନ ସାରି ଫେରିବା ବେଳକୁ କିଛି ଦାନ ସଂଗ୍ରହ ପାଇଁ ମାଗୁଣି କରନ୍ତି । ପ୍ରକୃତରେ ଏମାନେ ପ୍ରାପ୍ତ ଦାନ ନେବାକୁ ଏ ପ୍ରକାର ବେଶରେ ଏଠାରେ ବସିଛନ୍ତି । ଯେଉଁମାନେ ରୋଜଗାରକୁ ଅକ୍ଷମ, ବିକଳାଙ୍ଗ ବା ଉପାୟ ଶୂନ୍ୟ । ମାତ୍ର ଏ ମଧରେ ଦଳେ ମାୟାବୀ ଠକ ବି ସାମିଲ ଏବେ ହେଲେଣି । ପ୍ରକୃତରେ ଏପରି ଆମାର ଦେବଭକ୍ତଙ୍କର ଏକ ଧର୍ବି ବିଶ୍ୱାସ ଯେ ଏମାନଙ୍କୁ ନିଜର ଅର୍ଜିତ ଆୟ ଦାନ କଲେ ପୂଣ୍ୟ ହୁଏ । ଏହା ଅନେକାଂଶରେ ଠିକ । ସେମାନଙ୍କୁ ବଞ୍ଚିବା ପାଇଁ ସହାୟକ ହେଲେ ଦାନ କରି ମଙ୍ଗଳ ହିଁ ହୁଏ । ମାତ୍ର ଠକଙ୍କୁ ନୁହେଁ, ଠକ ମାନେ ଦାନ ଅର୍ଥ ଅସଦ ବିନିଯୋଗ, ନିଶାପାଣିରେ ବୃଥା ମଜଲିସ କରିଥାନ୍ତି । ଡାକ୍ତରଖାନାରେ ଅନେକ ସାଂଘାତିକ ରୋଗୀଙ୍କର ଔଷଧ ବା ଚିକିତ୍ସା ପାଇଁ ଅର୍ଥ ନଥାଏ । ଏଠାରେ ରୋଗୀର ଲୋକ ବିକଳ ହୋଇ ଔଷଧ ଚିଠା ଦେଖାଇ ଭିକ୍ଷା ମାଗନ୍ତି । ଚିଠାରେ ଔଷଧ ନାମ ଡାକ୍ତରଙ୍କ ନାମ ଥାଏ ମାତ୍ର କେତେ ସ୍ଥଳରେ କିଛି ଠକ ଏମାନଙ୍କୁ ଆଗରେ ରଖି ଲୋକଙ୍କ ସହାନୁଭୂତିରେ ପ୍ରାପ୍ତ ଅର୍ଥକୁ ନିଜେ ଚଳୁକରନ୍ତି । ଏ ପାଇଁ ଭଲ କରି ଅନୁଧାନ କରି ଏମାନଙ୍କୁ ଅର୍ଥ ସହାୟକ ଆବଶ୍ୟକ । କ୍ୟାନସର ରୋଗୀ, ଥାଲାସେମିଆ ରୋଗୀ ଜାରୁରୀ ରକ୍ତ ଆବଶ୍ୟକ ପାଇଁ ବିକଳ, ମୁତ୍ରଯନ୍ତ୍ରର ଜଟିଳ ରୋଗୀ ଇତ୍ୟାଦିଙ୍କୁ ସହାୟ ନିହାତି ବିବେକୀ ଦାନ ଦେବା ଉଚିତ ।

## କାଳଷଣ୍ଡପୁର ଛକ ଠାରେ ଘରୋଇ ବସ ଚକା ତଳେ ଋପିହୋଇ ଜଣେ ମୃତ




ଆସିକା(ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ଥାନା କାଳଷଣ୍ଡପୁର ଛକ ଠାରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଗୋଟିଏ ଘରୋଇ ବସ ଚକା ତଳେ ଋପିହୋଇ ଜଣେ ଜଣେ ବ୍ୟକ୍ତି ର ମୃତ୍ୟୁ ହୋଇଛି । ମୃତ ବ୍ୟକ୍ତି ଜଣଙ୍କ ହେଲେ ଆସିକା ମଙ୍ଗଳପୁର ଗ୍ରାମର ଗୋପୀନାଥ ବେହେରା। ପ୍ରକାଶ ଥାଉକି ଗୋପୀ କାଳଷଣ୍ଡପୁର ଛକ ଗୋଟିଏ ହୋଟେଲ ରେ କାମ କରି ପରିବାର ପ୍ରତିପୋଷଣ କରିଥାଏ। ସେ ଆଜି ସକାଳୁ ଗାଧୋଇବାକୁ ଯିବା ପାଇଁ ରାସ୍ତା ପାର ହେବା ସମୟରେ ବ୍ରହ୍ମପୁର ଭଞ୍ଜନଗର ଅଭିମୁଖେ ଯାଉଥିବା ଓଡି ୦୭-ଏମ -୨୪୨୪ ନମ୍ବର ବିଶିଷ୍ଟ କାଳେଶ୍ୱରୀ ନାମକ ଏକ ଘରୋଇ ବସ ତାଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣା ରେ ଗୋପୀ ଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିବା ବେଳେ ରାସ୍ତା ଉପରେ ରକ୍ତ ଜୁଡୁବୁଡୁ ମୃତଦେହ ପଡି ରହିଥିଲାୟ ଖବରପାଇ ଆସିକା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରି ତଦନ୍ତ ଚଳାଇଛି । ଗୋପୀନାଥ ମୃତ୍ୟୁ ଖବର ପାଇ ମଙ୍ଗଳପୁର ଗ୍ରାମରେ ଶୋକର ଛାୟା ଖେଳି ଯାଇଛି। ପ୍ରକାଶ ଥାଉକି ଘରୋଇ ବସ ଗୁଡ଼ିକ ଦ୍ରୁତ ଓ ବେପରୁଆ ଗାଡି ଋଳଣା ଯୋଗୁଁ ବାରମ୍ବାର ଏହି ପରି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ସରକାର ଙ୍କ ପକ୍ଷରୁ ଗାଡିର ଗତି ନିୟନ୍ତ୍ରଣ ସକାଶେ କିଛି ନିୟମ ରହୁଥିବା ବେଳେ ଗାଡି ଋଳକ ଓ ମାଲିକ ମାନେ ନିୟମକୁ ଖୁଲମ ଖୁଲା ଉଲଘଂନ କରି। ଯୋଗୁଁ ବାରମ୍ବାର ଏହି ପରି ଦୁର୍ଘଟଣା ଘଟୁଥିବା ଲକ୍ଷ କରାଯାଉଛି।

## ଭାରତ ହିନ୍ଦୁ ରାଷ୍ଟ୍ର ସେନା ପକ୍ଷରୁ ଶୋଭାଯାତ୍ରା



ବ୍ୟାସନଗର (ମହାଭାରତ): ବ୍ୟାସନଗର ଚକ୍ଷନ୍ଦ୍ରମା ପଡିଆ ରେ ରବିବାର ରାମ ନବମୀ ଦିନ ଠାରୁ ଭାରତ ହିନ୍ଦୁ ରାଷ୍ଟ୍ର ସେନା ପକ୍ଷରୁ ତିନି ଦିନ ଧରି ରାମଚରିତ ମାନସ ପାଠ କରିବା ସହ ଭଜନ ସଂଧ୍ୟା କରାଯାଇଥିଲା । ମଙ୍ଗଳବାର ଦିନ ଅପରାହ୍ଣ ରେ ସୁଶିଲ କୁମାର ମଲ୍ଲିକ ଙ୍କ ନେତୃତ୍ବରେ ପଡିଆ ରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଥିଲା । ଏହି ଶୋଭାଯାତ୍ରା କୁ ଯାଜପୁର ପୌରପରିଷଦ ର ପୂର୍ବତନ ଅଧକ୍ଷ ତଥା ଅଶୋକ ଦାସ ପ୍ରତିଷ୍ଠାନ ର ମୁଖ୍ୟ ସଚିବ ଭବପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରା କୁ ପତାକା ଦେଖେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଥିଲେ। ଏହି ଶୋଭାଯାତ୍ରା ରେ ବ୍ୟାସନଗର ସମେତ କୋରେଇ ଅଞ୍ଚଳ ରୁ ବହୁ ଯୁବକ ସାମିଲ ହୋଇଥିଲେ । ବ୍ୟାସନଗର ସହର ଚକ୍ଷନ୍ଦମା ପଡିଆ ରୁ ଚୋରଦା, ନାହକା, ଦଳା, ଝଟିଆସାହି, ମୁଣ୍ଡମାଳ ଦେଇ ସହର ପରିକ୍ରମଣ କରିଥିଲେ । ଏହି ଶୋଭାଯାତ୍ରା ରେ ସମ୍ମାନିତ ଅତିଥି ଭାବେ ମୃତ୍ୟୁଞ୍ଜୟ ଦେଓ, ସୁରେଶ ମଲ୍ଲିକ ଯୋଗଦେଇ ଥିଲେ।

## ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ



ଅସ୍ତରଙ୍ଗ(ମହାଭାରତ) - ଆଜି ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଞ୍ଚାୟତ ଚକରପଡା ପ୍ରାଥମିକ ବିଦ୍ୟାଳୟ ରେ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି, ପ୍ରଥମ ରୁ ପ□ମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୨୦ ଜଣ ଛାତ୍ରଛାତ୍ରୀ ଙ୍କୁ ନେଇ ବିଦ୍ୟାଳୟ କର୍ତୃପକ୍ଷ ଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ମହାଆଡମ୍ବର ରେ ଅନୁଷ୍ଠିତ ହୋଇଥିବା ବେଳେ ପିଲା ମାନଙ୍କ ଭିତରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଛି, ଏହି କାର୍ଯ୍ୟକ୍ରମ ରେ ସଙ୍ଗୀତ, ଅଭିନୟ, କ୍ରୀଡା କାର୍ଯ୍ୟକ୍ରମ ପିଲା ମାନଙ୍କ ଭିତରେ କରାଯାଇ କୃତି । ପ୍ରତିଭା ସମ୍ପନ୍ନ ଛାତ୍ରଛାତ୍ରୀ ଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଛି, ବୌଦ୍ଧିକ ବିକାଶ ସହିତ ଶାରୀରିକ ଦକ୍ଷତା ଓ ମାନସିକ ସ୍ତର ରେ ପ୍ରାଥମିକ ସ୍ଥରରୁ ପିଲା ମାନଙ୍କ ର ସମସ୍ତ ବିକାଶ କରିବା ଓ ଏହି କାର୍ଯ୍ୟକ୍ରମ ମାଧ୍ୟମ ରେ ପିଲା ମାନଙ୍କୁ ବିଦ୍ୟା ଗ୍ରହଣ ପ୍ରତି ଆକର୍ଷଣ କରିବା ସରକାର ଙ୍କର ମୁଖ୍ୟ ଉଦ୍ଦେଶ୍ୟ କୁ ପ୍ରତିପାଦନ କରାଯାଇ ପିଲା ମାନଙ୍କ ଉତ୍ତମ ଶିକ୍ଷା ବ୍ୟବସ୍ଥା କୁ ପ୍ରାଧାନ୍ୟ ଦିଆଯାଇଛି, ଏହି କାର୍ଯ୍ୟକ୍ରମ ରେ ପ୍ରଧାନଶିକ୍ଷକ ଜୟକୃଷ୍ଣ କର, ମାଣ୍ଡୁକି ସରପଞ୍ଚ ରୋଜିନା ଜେନା, ଅସ୍ତରଙ୍ଗ ବ୍ଲକ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସୁଧାଂଶୁବାଳା ଶତପଥୀ, ବିପିନ ବିହାରୀ ମହାନ୍ତି, ସିଆରସିସି ବିପିନ ବିହାରି ମହାନ୍ତି, ୱାର୍ଡ ସଭ୍ୟ ସୁନାକର ମୁରୁଣୀ, ସସ୍ମିତା ମହାନ୍ତି ଅତିଥି ରୂପେ ରହିଥିବା ବେଳେ ବିଦ୍ୟାଧର ନାୟକ ସମସ୍ତ କାର୍ଯ୍ୟ ପରିଋଳନା କରିଥିଲେ।

### ବ୍ୟବସ୍ଥା ନ କରି ଘୋଷଣା କରିଦେଲେ

## ହାଇସ୍କୁଲରେ ଆରମ୍ଭ ହୋଇପାରୁନି ମଧ୍ୟାହ୍ନଭୋଜନ

ନୟାଗଡ଼, ( ମହାଭାରତ ) : ପିଏମ୍ ପୋଷଣ କାର୍ଯ୍ୟକ୍ରମ ଅନ୍ତର୍ଗତ ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କୁ ଚଳିତ ଶିକ୍ଷା ବର୍ଷ ଆରମ୍ଭରୁ ମଧ୍ୟାହ୍ନ ଭୋଜନ ଦେବା ପାଇଁ ସରକାର ନିର୍ଦ୍ଦେଶନାମା ଜାରି କରିଥିଲେୟ ମାତ୍ର ଏହାକୁ ଏବେ ଜିଲ୍ଲା ସ୍ତରରେ କାର୍ଯ୍ୟକାରୀ କରିବା ମୁସ୍କିଲ ହୋଇପଡ଼ିଛି। ଯେହେତୁ ଉଚ୍ଚ ବିଦ୍ୟାଳୟ ଗୁଡ଼ିକରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ନଥିଲାୟ ସେଥିପାଇଁ ଏହାକୁ ହଠାତ୍ କାର୍ଯ୍ୟକାରୀ କରାଇବା ସମ୍ଭବ ହେଉନାହିଁ। ଫଳରେ ଜିଲ୍ଲାର ଅଧାରୁ ଅଧିକ ସ୍ଥାନରେ ଏବେ ମଧ୍ୟାହ୍ନଭୋଜନ ଆରମ୍ଭ ହୋଇପାରୁନି। ଜିଲ୍ଲାରେ ମୋଟ୍ ୨୩୫ଟି ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି। ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରିବାକୁ ହେଲେ ଆବଶ୍ୟକ ସାମଗ୍ରୀ ଏବେ ବି ଏହି ସ୍କୁଲ ସବୁରେ ପହଞ୍ଚିପାରୁ ନାହିଁ। କେବଳ ସେତିକି ନୁହେଁ, ରୋଷେୟା ଓ ସହାୟକ ନିଯୁକ୍ତି ଦିଆଯାଇନାହିଁ। ରୋଷେଇ କରିବା ପାଇଁ ଘର ମଧ ନାହିଁ। ଯେଉଁ ଉଚ୍ଚ ବିଦ୍ୟାଳୟ ନିକଟରେ ମଧଇଂରାଜୀ ବିଦ୍ୟାଳୟ ରହୁଛି, ସେଠାରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯାଇପାରୁଛି। ମାତ୍ର ଯେଉଁଠି ଉଚ୍ଚ ବିଦ୍ୟାଳୟଠାରୁ ପ୍ରାଥମିକ ହେଉ ଅବା ମଧ ଇଂରାଜୀ ବିଦ୍ୟାଳୟ ଦୂରରେ ରହୁଛି। ସେଠାରେ ମଧ୍ୟାହ୍ନ ଭୋଜନକୁ ନେଇ ସମସ୍ୟା ସୃଷ୍ଟି ହୋଇଛି। ଦୂରକୁ ଋଲି ଋଲି ନବମ ଓ ଦଶମ ଛାତ୍ରଛାତ୍ରୀମାନେ ଖାଇବାକୁ ଯିବା ଅସମ୍ଭବ ହୋଇଥିବା ବେଳେ ସେଠାରୁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରି ଆଣିବାରେ ମଧ ସମସ୍ୟା ସୃଷ୍ଟି ହୋଇଛି। ଫଳରେ ସରକାରଙ୍କ ଏହି ନିୟମ କାର୍ଯ୍ୟ କରିବା ଅସମ୍ଭବ ହୋଇପଡ଼ିଛି। ସ୍କୁଲ ଖୋଲିବାର ପ୍ରଥମ ଦିନ ଏକାଧିକ ସ୍ଥାନରୁ ଏପରି ଅଭିଯୋଗ ଆସିଥିଲା ନୟାଗଡ଼ ବ୍ଲକ୍ ଅନ୍ତର୍ଗତ ସମସ୍ତ ଉଚ୍ଚ ବିଦ୍ୟାଳୟରେ ଅଧିକାଂଶ ସ୍ଥାନରେ ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟାହ୍ନ ଭୋଜନ ପରିବେଷଣ କରାଯାଇଥିଲା। ତେବେ ଏହି ବ୍ଲକ୍ ଅନ୍ତର୍ଗତ ଗମ୍ଭାରୀତିହି ଉଚ୍ଚ ବିଦ୍ୟାଳୟ ଏବଂ ବିରୁଡ଼ା କାଳନ୍ଦୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ଆଦୌ ଦିଆଯାଇନଥିବା ଅଭିଯୋଗ ହୋଇଛି । ଗମ୍ଭାରୀତିହି ହାଇସ୍କୁଲରେ ୬୯ ଜଣ ଛାତ୍ରଛାତ୍ରୀ ଏବଂ ବିରୁଡ଼ା ହାଇସ୍କୁଲରେ ୭୪ ଜଣ ଅଧ୍ୟୟନ କରୁଥିବା ବେଳେ ସମସ୍ତେ ମଧ୍ୟାହ୍ନ ଭୋଜନରୁ ବଞ୍ଚିତ ହୋଇଛନ୍ତି। କେବଳ ସେତିକି ନୁହେଁ ନବଘନପୁର ଉଚ୍ଚ ବିଦ୍ୟାଳୟରେ ମଧ ସମାନ ଅବସ୍ଥା ଏଣୁ ଜିଲ୍ଲା ଶିକ୍ଷା ବିଭାଗ ଏ ଦିଗରେ ପଦକ୍ଷେପ ନେବା ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଦାବି କରିଛନ୍ତି। ଏ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଚି□ରଂଜନ ପାଣ୍ଡେ କୁହନ୍ତି ଯେ, ସମସ୍ତ ଯୋଜନା ନୂତନ ଭାବେ ଆରମ୍ଭ କରିବା ସମୟରେ କିଛି ସମସ୍ୟା ସୃଷ୍ଟି ହୁଏ । ଏହାର ସମାଧାନ କରିବା ପାଇଁ ପ୍ରୟାସ କରାଯାଉଛି। ଆଜିଠାରୁ ସମସ୍ତ ଉଚ୍ଚ ବିଦ୍ୟାଳୟକୁ ଋଉଳ ଯୋଗାଇବା ଆରମ୍ଭ ହୋଇଛି। ଏହା ସହ ରୋଷେୟା ଓ ସହାୟକଙ୍କୁ ନିଯୁକ୍ତି ଦେବା ପାଇଁ ସ୍କୁଲ କମିଟି ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ସପ୍ତାହ ମଧରେ ଏ ସମସ୍ତ ସମସ୍ୟାର ସମାଧାନ କରାଯାଇ ସ୍କୁଲଗୁଡ଼ିକରେ ମଧ୍ୟାହ୍ନ ଭୋଜନ ପ୍ରକ୍ରିୟା ବ୍ୟବସ୍ଥିତ ହୋଇଯାଇଥିବ।



## ଇଣ୍ଡିଆନ୍ ଅଏଲ୍ ପାରଦୀପ ରିଫାଇନରୀରେ ଲେବଲ - ୨ ଅନ୍ ସାଇଟ୍ ଡିଜାଷ୍ଟର ଡ୍ରିଲ୍

ପାରାଦୀପ(ମହାଭାରତ): ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାର ରେ ମଙ୍ଗଳବାର ଦିନ ଏକ ଦ୍ୱିତୀୟ ପର୍ଯ୍ୟାୟ ଅପାତକାଳୀନ ଅଭ୍ୟାସ କୌଶଳ ବା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି । ଯେଉଁଥିରେ ବିଶୋଧନାଗାର ତାହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ପରୀକ୍ଷଣ କରିଥିଲା । ଜରୁରୀକାଳୀନ ପରିସ୍ଥିତି ଓ ପ୍ରସ୍ତୁତି ଯୋଜନା ଅନୁଯାୟୀ ଏହି ଡ୍ରିଲ କରାଯାଇଥିଲା । ଏହି ଅଭ୍ୟାସରେ ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ପାରାଦୀପ ରିଫାଇନରୀର ଏକ ଟ୍ୟାଙ୍କର ପୃଷ୍ଠରେ ବଜ୍ରପାତ ଘଟି ସମ୍ପୂର୍ଣ ଟ୍ୟାଙ୍କ ପୃଷ୍ଠରେ ନିଆଁ ଲାଗିଲେ, ତାହାକୁ ସଫଳତାର ସହିତ କିପରି ମୁକାବିଲା କରାଯିବ ସେହି ବିଷୟବସ୍ତୁ ଉପରେ ମକଡ୍ରିଲ୍ ଟି ଆଧାରିତ ଥିଲା। ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଋଳନା ଯୋଜନାର ପ୍ରୋଟୋକଲ୍ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ ସଠିକ୍ ଭାବରେ ସମନ୍ୱିତ କରାଯାଇଥିଲା ଯାହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ। ଏହି ଡ୍ରିଲ୍ ପରେ ପାରାଦୀପ ରିଫାଇନରୀର ମୁଖ୍ୟ ମହାପ୍ରବନ୍ଧକ (ଇ ଏସ୍, ଇନସ୍ପେକସନ୍, ଏମ ଆଣ୍ଡ ସି), ତ୍ରିନାଥସାହୁଙ୍କ ଅଧକ୍ଷତାରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା ।



## ଓଡ଼ିଆ ପକ୍ଷ ପାଳନ ଅବସରରେ ନବରଙ୍ଗପୁର ଠାରେ କାର୍ଯ୍ୟକ୍ରମ

ନବରଙ୍ଗପୁର (ମହାଭାରତ): ଆଜି ସ୍ଥାନୀୟ ନବରଙ୍ଗପୁର ମହାବିଦ୍ୟାଳୟ ଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ନବମ ଦିବସରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ମହାବିଦ୍ୟାଳୟ ଅଧକ୍ଷ ବି ଗୋବିନ୍ଦ ରାଓ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପାଧକ୍ଷ ତଥା ଅଧ୍ୟାପିକା ସଂଗୀତା ତ୍ରିପାଠୀ , ଓଡିଆ ବିଭାଗ ମୁଖ୍ୟ ନନ୍ଦିତା ମିଶ୍ର, ଅର୍ଥନୀତି ବିଭାଗ ମୁଖ୍ୟ ଦିଲ୍ଲୀପ ହୋତା,ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା,ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ଗଣ ନିଜ ନିଜ ବକ୍ତବ୍ୟରେ ଓଡିଆ ଭାଷା ,ସାହିତ୍ୟ , ସଂସ୍କୃତି କୁ ବ□ାଇବାକୁ ହେଲେ ନିହାତି ଭାବେ ବହି ଟିଏ କିଣିବା ଓ ପଢ଼ିବା ଉପରେ କହିଥିଲେ। ଆଜିଠାରୁ ପୁସ୍ତକ ପଠନ ଏକ ଦୈନନ୍ଦିନ ଅଭ୍ୟାସ ରୂପେ ଗ୍ରହଣ କଲେ ଆମେ ନିଶ୍ଚିତ ଭାବେ ଆହୁରି କାଳଜୟୀ ଉପନ୍ୟାସ,ଗଳ୍ପ,କବିତା ପଢ଼ିବା ଓ ସ୍ରଷ୍ଟା ଙ୍କୁ ଉତ୍ସାହିତ କରିପାରିବା ବୋଲି ମତ ପ୍ରକାଶ ପାଇଥିଲା।ଉପସ୍ଥିତ ଛାତ୍ର ଛାତ୍ରୀ ଙ୍କୁ ଅତିଥି ମାନେ ଓଡ଼ିଆ ଜାତିର ମହାନ୍ ଲେଖକ ଙ୍କର ରଚିତ ପୁସ୍ତକ , ମହାପୁରୁଷ ଙ୍କ ଜୀବନୀ ପୁସ୍ତକ ଗୁଡ଼ିକ ପ୍ରଦାନ କରିଥିଲେୟସେଭଳି ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟ ରେ ଅନୁଷ୍ଠିତ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ,ଅଧ୍ୟାପକ ଅଧ୍ୟାପିକା ଭାଗ ନେଇ ଓଡ଼ିଶା ର ପୁସ୍ତକ, ଭାଷା,ସଂସ୍କୃତିକୁ ସମୃଦ୍ଧ କରିବାର ଲକ୍ଷ୍ୟ ନେଇ ଓଡ଼ିଆ ପୁସ୍ତକ କିଣିବା ଏବଂ ପଢ଼ିବା ପାଇଁ ସଂକଳ୍ପ କରିଥିଲେ।

## ଓଡ଼ିଆ ପକ୍ଷ ଉପଲକ୍ଷେ ଆର୍. ଡି. ଏସ୍. କଲେଜର ରକ୍ତଦାନ ଶିବିର ଅନୁଷ୍ଠିତ

କପ୍ତିପଦା /ଉଦଳା -(ମହାଭାରତ ): - କୁଣ୍ଡାବାଇ ସ୍ଥିତ ଆର୍.ଡି.ଏସ୍. ଡିଗ୍ରୀ ମହାବିଦ୍ୟାଳୟରେ ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ୍ ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ମହାବିଦ୍ୟାଳୟର ଅଧକ୍ଷ ଡ. ପ୍ରଦୀପ କୁମାର ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ମୁଖ୍ୟ ଅତିଥି ଭାବେ ଉଦଳାର ମାନ୍ୟବର ବିଧାୟକ ଭାସ୍କର ମଢ଼େଇ ଯୋଗ ଦେଇ ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ସନ୍ତୋଷ ବାଛିନୀ, ବିଜୟ ସେନାପତି ମଧ ଉପସ୍ଥିତ ଥିଲେ ।ଏହି ରକ୍ତଦାନ ଶିବିରରେ ମୋଟ ୨୫ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା, । ଉକ୍ତ ଶିବିରକୁ ଏନ୍ ଏସ୍ ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଓମ ପ୍ରକାଶ ଶତପଥୀ, ଯାଜ୍ଞସେନୀ ବେହେରା, ଯୁବ ରେଡ୍ କ୍ରସ ସଂଯୋଜକ ଅଧ୍ୟାପକ ରାଜେଶ କୁମାର ରାଉତରାୟ ଓ ଡ. ଦିବ୍ୟାରାଣୀ ତ୍ରିପାଠୀ ପ୍ରମୁଖ ପରିଋଳନା କରିଥିଲେ । ଏହି ଶିବିରରେ ଉଦଳା ରକ୍ତ ଭଣ୍ଡାରର ଡ଼ା ରାଜେଶ ନନ୍ଦ, ଲାବୋରଟୋରୀ ଟେକ୍ନିସିଆନ୍ କୃଷ୍ଣ ଚନ୍ଦ୍ର ମାର୍ଣ୍ଡି, ଶ୍ରବଣ କୁମାର ବେହେରା, ଅବିନାଶ କର, ଅଜିତ କୁମାର ସିଂ, ଆଟେଣ୍ଡା□ ମାନସ ରଞ୍ଜନ ମହାନ୍ତି ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣ କର୍ମଋରୀ, ଛାତ୍ରଛାତ୍ରୀ, ଯୁବ ରେଡ୍ କ୍ରସ୍ ଓ ଏନ୍ ଏସ୍ ଏସ୍ ସ୍ୱେଚ୍ଛାସେବୀ ସାମିଲ ହୋଇ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ଅଷ୍ଟ ଦଣ୍ଡ ମହାମିଳନରେ ପ୍ରକମ୍ପିତ ହେଲା ସନ୍ଧି ନୂଆପଲ୍ଲୀ ଗ୍ରାମ

ଆସିକା (ମହାଭାରତ):ଆସିକା ବ୍ଲକର ଖରିଆ ପଞ୍ଚାୟତ ସରପଞ୍ଚ ଜୟନ୍ତୀ ସାହୁ ଓ ତାଙ୍କ ସ୍ୱାମୀ ସମାଜସେବୀ ଭଗବାନ ସାହୁ ଓ ସାହୁ ପରିବାର ର ଗୋବିନ୍ଦ ସାହୁ, ଶିବରାମ ସାହୁ ସଞ୍ଜୁଲତା ସାହୁ,ଗଣେଶ ସାହୁ, କାର୍ତିକ ସାହୁ, ସୁରଜ ସାହୁ ତାଙ୍କ ପରିବାର ପକ୍ଷରୁ ସାଇବଗଡ଼ ଗ୍ରାମରେ ଆଜି ଅଷ୍ଟ ଦଣ୍ଡ ମହା ମିଳନ ଆଧକ୍ଷମ୍ବିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅଷ୍ଟ ଦଣ୍ଡ ମଧରେ ଗହଂଗୁ, ଖୁକୁଣ୍ଡିଆ, ଦହିମୁଣ୍ଡୁଳି, ଭ୍ୟାମଶିଆଳି, ଗୋଲିଆ, ଗୁଣ୍ଡପଡା( ଏ ),କବିସୂର୍ଯ୍ୟନଗର ପରିଡା ପାର୍ଟି,ଓ ମୋରାବାଈ ର ଦଣ୍ଡକାଳୀ ଦଳ ଯୋଗ ଦେଇଥିଲେ। ସାଇବଗଡ଼ ସାହୁ ପରିବାର ଏବଂ ଖରିଆ ପଂଋୟତ ର ଲୋକ ମାନଙ୍କ ସହଯୋଗ ରେ ଏହି ଦଣ୍ଡ ନାଚ ଶୃଙ୍ଖଳିତ ଭାବେ ଶେଷ ହୋଇଛି । ପ୍ରଭାତରୁ ଦଣ୍ଡ ଦଳ ଗୁଡ଼ିକୁ ଗ୍ରାମବାସୀ ମାନେ ନିମନ୍ତ୍ରଣ ଓ ଆବାହନ ପରେ କାମନାଧାରୀଙ୍କ ଦ୍ୱାର ରେ ଦଣ୍ଡ ର ବୃତାନ୍ତ ଶ୍ରବଣ,ପୂର୍ବାହ୍ନର ଧୁ ଧୁ ଖରାରେ ଧୂଳି ଦଣ୍ଡ,ଅପରାହ୍ନ ରେ ପୋଖରୀ ତୋଠରେ ପାଣି ଦଣ୍ଡ ପରେ ଢୋଲ ବାଦ୍ୟରେ ସାରା ସାଇବଗଡ଼ ଗ୍ରାମ ପ୍ରକମ୍ପିତ ହୋଇଥିଲା, ଅଷ୍ଟଦଣ୍ଡ ମହା ମିଳନ,ସନ୍ଧ୍ୟାରେ ଆଳତି ପରେ ମଧ ରାତ୍ରରେ ଅଗ୍ନି ଦଣ୍ଡ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମାନସିକ ଧାରୀଙ୍କ ଘର ପାଖରେ କାଳସୀ ଉଭା ପରେ ବିଭିନ୍ନ ଦଣ୍ଡ ଦଳ ପକ୍ଷରୁ ରାତ୍ର ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଖରିଆ ପଂଋୟତ ର ସମସ୍ତ ଗ୍ରାମବାସୀ ଏଥିରେ ସମ୍ପୂର୍ଣ ସହଯୋଗ ପ୍ରଦାନ କରିଥିଲେ ।ଏହି ଅଷ୍ଟ ଦଣ୍ଡ ଦେଖିବାପାଇଁ ଅ□ଳର ହଜାର ହଜାର ଲୋକ ଭିଡ ରହିଥିଲା ।ସମିତି ସଭ୍ୟ ସୌଦାମିନୀ ନାହାକ, ଦିଲ୍ଲୀପ ନାହାକ,ଶଙ୍କର ସେଠି, ନାରାୟଣ ବେହେରା,ନାଏବ ସରପ□ ଦୁଃଖିଶ୍ୟାମ ଲେଙ୍କା, ପ୍ରମୁଖ ଉପସ୍ଥିତ ରହି ସହଯୋଗ ଜରିଥିଲେ।

## ରିଆମାଳ ସମବାୟ ବ୍ୟାଙ୍କରେ ଋଷୀଙ୍କୁ ଅଣଦେଖା

ଦେବଗଡ଼ (ମହା ଭାରତ)ସମବାୟ ବ୍ୟାଙ୍କରେ ଋଷୀଙ୍କୁ ଅଣଦେଖା, ଋଷୀ ମାନେ ଠିକ ସମୟରେ ଖାତାରୁ ଉଠାଇ ପାରୁନାହାନ୍ତି ଟଙ୍କା । ସୂଚନା ଅନୁଯାୟୀ, ଏପରି ଘଟଣା ଦେଖିବାକୁ ମିଳିଛି ଦେବଗଡ଼ ଜିଲ୍ଲା ରିଆମାଳ ସମବାୟ ବ୍ୟାଙ୍କ ଶାଖାରେ । ନିଜର ଝାଳବୁହା ଧନ ବ୍ୟାଙ୍କରୁ ଉଠାଇବାକୁ ହେଲେ ବ୍ୟାଙ୍କକୁ ବାରମ୍ବାର ଦଉଡିବାକୁ ପଡୁଛି ।ବ୍ୟାଙ୍କ ମ୍ୟାନେଜର ଋଷୀଙ୍କୁ ଟଙ୍କା ନଦେଇ ବିଭିନ୍ନ ସମୟରେ ହଇରାଣ କରୁଥିବା ଦେଖିବାକୁ ମିଳିଛି। ଧାନ ସବସିଡ଼ି, ଣ ଶୁଝିବା କିମ୍ବା ଚିକିତ୍ସା ପାଇଁ ହିତାଧିକାରୀ ୫୦ହଜାର ଟଙ୍କାରୁ ଅଧିକ ଉଠାଇବା ପାଇଁ ଚେକ ଲଗାଇଥିଲେ ତୃତୀୟ ହିତାଧିକାରୀ ୨୦ହଜାର ଟଙ୍କାରୁ ଅଧିକ ଦିଆଯିବ ନାହିଁ କହି ଶାଖା ପରିଋଳକ ଫେରାଇ ଦେଉଛନ୍ତି । ଏମିତି ଘଟଣା ଅନ୍ୟ ବ୍ୟାଙ୍କରେ ସମସ୍ୟା ଦେଖା ଯାଉନଥିବା ବେଳେ । ରିଆମାଳ ଶାଖା ପରିଋଳକ ଚେକ ମାଧ୍ୟମରେ ଅର୍ଥ ୨୦ହଜାରରୁ ଅଧିକ ଦେଉ ନାହାଁନ୍ତି । ଜଇଓ ଅଧୀନରେ ଯାଉଥିବା ସମସ୍ତ ବ୍ୟାଙ୍କ ପାଳନ କରୁଥିବାବେଳେ ରିଆମାଳ ଶାଖା ସମବାୟ ସମିତି ଅନୁପାଳନ କରୁନାହିଁ । ବ୍ୟାଙ୍କ ଅଧିକ ଅର୍ଥ ନଦେବା କାରଣରୁ ନିରୀହ ଋଷୀ ଅର୍ଥ ନପାଇ ହଇରାଣ ହେଉଛନ୍ତି । ଏମିତିକି କରଜ ଦାତା ଋଷୀ କରଜ ଠିକ ସମୟରେ ସୁଝି ନପାରିଲେ ଲାଞ୍ଛନା ସହିବାକୁ ପଡ଼ିବା ସହିତ ବିରକ୍ତ ହୋଇ ଅଧିକ ସୁଦ୍ଧ ଜୁଡୁଛନ୍ତି । ଯାହା ଫଳରେ ଋଷୀ ଓ ବ୍ୟାଙ୍କରେ ଖାତା ଖୋଲିଥିବା ହିତାଧିକାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୫୦ ହଜାର ଟଙ୍କାର ଚେକ ଏକାଥରକେ ଉଠାଇବାକୁ ଋହିଁଲେ ଟଙ୍କା ଦେବାକୁ ମନା କରୁଛନ୍ତି ମ୍ୟାନେଜର ବାବୁ । କହୁଛନ୍ତି ୨୦ ହଜାରରୁ ଅଧିକ ଟଙ୍କା ଉଠାଇ ପାରିବେ ନାହିଁ । ୨୦ ହଜାରରୁ ଅଧିକ ଟଙ୍କା ଉଠାଇବାକୁ ହେଲେ ଏଠାରେ ଖାତା ଖୁଲିବାକୁ ବାଧ୍ୟ କରୁଛନ୍ତି । ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ମନମାନି ଯୋଗୁଁ ଲୋକେ ବ୍ୟାଙ୍କରେ ଖାତା ଖୋଲିବା ଓ ପଇସା ରଖିବା ପାଇଁ ମନ ବଳାଉ ନାହାଁନ୍ତି । ଏହାର ସୁବିଋର ଶୀଘ୍ର ପ୍ରଶାସନ କରିବାକୁ ,ସ୍ଥାନୀୟ ଋଷୀକୁଳ ଗଣ ମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

## ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ସଚିବ ଙ୍କ ଦଶପଲ୍ଲା ଗସ୍ତ

ଦଶପଲ୍ଲା,(ମହାଭାରତ): ରାଜ୍ୟରେ ସରକାର ବଦଳିଲା। ଆଉ ବଦଳିଲା ସରକାରୀ ବାବୁ ଙ୍କ କାମ। ରାଜ୍ୟରେ ବିଜେପି ସରକାର ତଥା ମୋହନ ସରକାର ଆସିବା ପରେ ରାଜ୍ୟ ର ସମସ୍ତ ଅଫିସର ରୂପରେଖ ଓ କାର୍ଯ୍ୟ ଶୈଳୀ ବଦଳି ବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ମୋହନ ସରକାର ଙ୍କ ନିର୍ଦ୍ଦେଶ କ୍ରମେ ବଡ଼ ବଡ଼ ବାବୁ ବର୍ତ୍ତମାନ ବ୍ଲକ ଓ ପଂଋୟତ ମୁହାଁ। ବିଗତ ସରକାର ରେ ଅଫିସର ଙ୍କୁ ଦେଖିବାକୁ ସ୍ୱପ୍ନ ଭଳି ଲାଗୁଥିଲା। ଆଉ ଅଫିସର ରାଜ ଋଲିଛି ବୋଲି ଜନସାଧାରଣ ରେ ଚର୍ଚ୍ଚା ମଧ ହେଉଥିଲାୟ ସେ ଯାହା ହେଉ ମୋହନ ସରକାର ଙ୍କ ତାଗିଦ କ୍ରମେ ବର୍ତମାନ ବଡ଼ ବାବୁ ସବୁ ଗାଁ ମୁହାଁୟ ସମସ୍ତ ସରକାରୀ କାର୍ଯ୍ୟ ଗୁଡିକ ର ତଦାରଖ କରିବା ସହିତ ସବୁ ତଥ୍ୟ ସରକାର ଙ୍କ ପାଖରେ ପହଂଚିବା ପାଇଁ ନିର୍ଦ୍ଦେଶୟ ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ଦଶପଲ୍ଲା ଜନସାଧାରଣ ଙ୍କ ମଧରେ ଚର୍ଚ୍ଚା ଋଲିଛି। ତେବେ ଗତ ମଙ୍ଗଳବାର ଦିନ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ସଚିବ ସଞ୍ଜୟ କୁମାର ସିଂହ ଓ ନୟାଗଡ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଦଶପଲ୍ଲା ବ୍ଲକ ଓ ଦଶପଲ୍ଲା ଏନ ଏ ସି ର ବିଭିନ୍ନ କାର୍ଯ୍ୟ ର ତଦାରଖ ଓ ସମୀକ୍ଷା କରିଛନ୍ତି। ଅନ୍ତୋଦୟ ଗୃହ ଯୋଜନା ର ଅଗ୍ରଗତି,ଖମାର ସାହି ପଂଋୟତ ର ପାନୀୟ ଜଳ ଯୋଗାଣ, ଶିମିଳି ସାହି ପଂଋୟତ ଅନ୍ତର୍ଗତ ଦେଢ଼ସର ନିକଟ ସଙ୍ଗ,କପିଳେଶ୍ୱର ରେ ଥିବା ଛତୁଆ ଫ୍ୟାକ୍ଟ୍ରି,ଜଗାପୁର ଠାରେ ଥିବା କଲ୍ୟାଣୀ ମଣ୍ଡପ,ଆହାର କେନ୍ଦ୍ର, ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର, ଟାଙ୍ଗିଆପଲ୍ଲୀ ସେବାଶ୍ରାମ,ନାହାକପଡା। କଲ୍ୟାଣୀ ମଣ୍ଡପ ଆଦି କାର୍ଯ୍ୟ ଗୁଡିକ ର ଅଗ୍ରଗତି ବିଷୟ ରେ ସମୀକ୍ଷା କରିଥିଲେ। ସେମାନଙ୍କ ସହିତ ନୟାଗଡ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ପଞ୍ଚାୟତିରାଜ ବିଭାଗ ଅଧକାରୀ ଲଗ୍ନଜିତ ରାଉତ,ଏ ଡି ଏମ ରୋଜିନା ଦାସ, ଦଶପଲ୍ଲା ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ଏନ ଏ ସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ,ଅତିରିକ୍ତ ଗୋଷ୍ଠୀ ମଣ୍ଡଳ ଅଧିକାରୀ ସାରଦା ପ୍ରସନ୍ନ ମହାନ୍ତି,କାର୍ଯ୍ୟ ନିବାହୀ ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା, ର୍ନିବାହୀ ଅଧିକାରୀ ସୁବୋଧ କୁମାର ମାଝୀ, ଏନ ଏ ସି କାର୍ଯ୍ୟ ନିବାହୀ ଅଧିକାରୀ ଅବିନାଶ ମହାନ୍ତି ଓ ଅନ୍ୟ ସମସ୍ତ ବିଭାଗୀୟ କର୍ମଋରୀ ଉପସ୍ଥିତ ଥିଲେୟ ଏମିତି ଉପର ଅଧିକାରୀଙ୍କ ଗ୍ରସ୍ତ କୁ ନେଇ ବିଭାଗୀୟ ଅଧିକାରୀ ମାନେ ଅସ୍ତବ୍ୟସ୍ତ ହୋଇଗଲେଣି କାହିଁକି ନା ଆଉ ଅଫିସର ରାଜ ଋଲିବନିୟ ଦେଖ ଆଗକୁ କଣ ହେଉଛି, ତାହା ଦେଖିବାକୁ ବାକି ରହିଲା।



## ମଦ୍ୟପାନ ଡ୍ରାଇଭର ଯୋଗୁ ୧୦୨ ଜନନୀ ଏକ୍ସପ୍ରେସ ଆମ୍ବୁଲାନ୍ସ ତଳକୁ ଖସିଲା

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ କପୁଣ୍ଡି ଠାରେ ଏକ ୧୦୨ ଜନନୀ ଏକ୍ସପ୍ରେସ ଆମ୍ବୁଲାନ୍ସ ୮ଫୁଟ ତଳ କୁ ଖସିପଡିଛି। ସୂଚନା ରୁ ପ୍ରକାଶ ପାଟଣା ସ୍ୱାସ୍ଥ୍ୟ କେନ୍ଦ୍ର ରୁ ୧୦୨ ଜନନୀ ଏକ୍ସପ୍ରେସ ଏକ୍ସପ୍ରେସ ରୋଗୀ ନିମନ୍ତେ ଖଡ଼ିକାପଦା ଗ୍ରାମ କୁ ଖାଉଥିବା ବେଳେ କାପୁଣ୍ଡି ପଇଦାନାଳ ନିକଟରେ ତଳକୁ ଆମ୍ବୁଲାନ୍ସ ଖସିପଡିଛି। ସ୍ଥାନୀୟ ଲୋକେ ଦେଖି ସଙ୍ଗେ ସଙ୍ଗେ ପାଟଣା ପୋଲିସ କୁ ଖବର ଦେଇ ଥିଲେୟ ଖବର ପାଇ ପୋଲିସ ଘଟଣାସ୍ଥଳ ରେ ପହଞ୍ଚି ମଦ୍ୟପ ଡ୍ରାଇଭର କୁ ଉଦ୍ଧାର କରିବା ସହ ଘଟଣା ତଦନ୍ତ ଚଳାଇ ଛି। ମଦ୍ୟପ ଡ୍ରାଇଭର ଜଣକ ନା ଦୟାନିଧି ମହାନ୍ତ ବୋଲି ଜଣାପଡି ଛି। ଏପରି ମଦ୍ୟପାନ କରି ଦୁର୍ଘଟଣା ଘଟାଇ ଥିବା ମଦ୍ୟପ ଡ୍ରାଇଭର କୁ ଦୟାନିଧି ସେ ମେଡିକାଲ ପରୀକ୍ଷା କରିବାକୁ କହିଛନ୍ତି ।ଏପଟେ ପ୍ରତ୍ୟକ୍ଷଦର୍ଶୀ ଭାବେ ସ୍ଥାନୀୟ ଲୋକେ ମଦ୍ୟପାନ କରି ଗାଡ଼ି ଚଳାଉ ଥିବା ଡ୍ରାଇଭର ଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

## ଛେନାପୋଡ଼ ଦିବସ ପାଳନ କୁ ନେଇ ଦ୍ୱନ୍ଦ ଦୂର ହେଉ ଓ ସତ୍ୟ ର ଉନ୍ମୋଚନ ହେଉ




ଦଶପଲ୍ଲା (ମହାଭାରତ): ଦଶପଲ୍ଲା ର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଡିସେମ୍ବର ୩୧ତାରିଖ ଦିନ ବିଶ୍ୱ ଛେନାପୋଡ଼ ଦିବସ ରୂପେ ପାଳନ କରାଯାଉଛି। ଛେନାପୋଡ଼ ର ସ୍ରଷ୍ଟା ବିଦ୍ୟାଧର ସାହୁଙ୍କ ଶ୍ରାଦ୍ଧ ଦିବସ ଡିସେମ୍ବର ୩୧ତାରିଖ ଦିନକୁ ଛେନାପୋଡ଼ ଦିବସ ରୂପେ ପାଳନ କରିବାକୁ ପୂର୍ବରୁ ନିଷ୍ପତ୍ତି ହୋଇଥିଲା।ଏହି ଦିବସକୁ ନେଇ ବହୁ ବାଦ ବିବାଦ ଲାଗି ରହିଥିବା ବେଳେ ଏପ୍ରିଲ ୧୧ତାରିଖ ରେ କିଛି ଅନୁଷ୍ଠାନ ପାଳନ କରିଥିଲେ କିନ୍ତୁ ଏହାକୁ ଅନେକ ଅନୁଷ୍ଠାନ ବିରୋଧ କରିବା ସହ ଛେନାପୋଡ଼ ର ସ୍ରଷ୍ଟା ବିଦ୍ୟାଧର ସାହୁଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ଡିସେମ୍ବର ୩୧ତାରିଖ ଦିନ ପାଳନ କରିବା ପାଇଁ ନିଷ୍ପତି ନେଇଥିଲେ।ଦଶପଲ୍ଲା ସହିତ ଅନ୍ୟ ସମସ୍ତ ଜିଲ୍ଲାରେ ଥିବା ବିଭିଉ ଅନୁଷ୍ଠାନ ମାନଙ୍କରେ ଏହି ଦିବସ ପାଳନ ପୂର୍ବରୁ କରାଯାଇଥିଲା ଯବଡ଼କଥା ହେଲା ଦଶପଲ୍ଲା ର ଛେନାପୋଡ଼କୁ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ଦାବି ହେବାପରେ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରିବାକୁ ସରକାରୀ ସ୍ତରରେ ନିଷ୍ପତି ହୋଇଥିଲା।ମାତ୍ର ଏବେ ରାଜନୈତିକ ଛକାପଞ୍ଝା ମଧ୍ଯ ରେ ଏହି ଡିସେମ୍ବର ୩୧ ତାରିଖ କୁ ବଦଳାଇବା ପାଇଁ ଚକ୍ରାନ୍ତ ଚାଲିଥିବା ସୂଚନା ମିଳିଛି। ଯାହାକୁ ଦଶପଲ୍ଲା ବାସି ଘୋର ବିରୋଧ କରିବା ସହ ଆଗାମୀ ଦିନରେ ଆନ୍ଦୋଳନ ଓଲହାଇବା ସ୍ୱାଭାବିକ କଥା। ଯେ ହେତୁ ବିଦ୍ୟାଧର ସାହୁ ଏ ଛେନାପୋଡ଼ ର ସ୍ରଷ୍ଟା ତଥା ଦଶପଲ୍ଲା ର ଇତିହାସ କୁ ଜଳାଞ୍ଜଳି ଦିଆଯାଉଛି ତାହା କେତେ ଦୂର ଠିକ ତାହା ସରକାର ବିଚାର କୁ ନେବା ଆବଶ୍ୟକ। ବିଦ୍ୟାଧର ସାହୁ ଚ୍ୟାରିଟେବଲ ଟ୍ରଷ୍ଟ , ଦଶପଲ୍ଲା ର ସଦସ୍ୟମାନେ ସଠିକ ତଥ୍ୟ କୁ ଉନ୍ମୋଚନ କରାଯାଉ ବୋଲି ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିଥିଲେ। ଗଣ ମାଧ୍ୟମ ଦ୍ୱାରା ସରକାରଙ୍କ ନିକଟରେ ଖବର ପହଞ୍ଚିବା ନିମନ୍ତେ ସମ୍ମିଳନୀ କରାଯାଇଥିଲାଯସରକାର ଏଥିପ୍ରତି ଆନ୍ତରିକତାର ସହ ବିଚାର କରି ଡ଼ିସେମ୍ବର ୩୧ତାରିଖ ରେ ଛେନାପୋଡ଼ ର ସ୍ରଷ୍ଟା ବିଦ୍ୟାଧର ସାହୁଙ୍କ ଶ୍ରାଦ୍ଧ ବାର୍ଷିକୀରେ ଏହି ଦିବସ ପାଳନ କରିବା ପାଇଁ ନିଷ୍ପତି ନେବା ସହିତ ଏପ୍ରିଲ ୧୧ ତାରିଖକୁ ବାତିଲ କରାଯାଉ। ନଚେତ ଦଶପଲ୍ଲା ରେ ଏହାର ପ୍ରତିବାଦ କରାଯିବ ବୋଲି ଟ୍ରଷ୍ଟ ତରଫରୁ ସୂଚନା ଦିଆଯାଇଛି।

## ଓଡ଼ିଶା ମହୁଲ ଉପରେ ଛତିଶଗଡ଼ର ଆଖି

# ଓଡ଼ିଶା ସରକାରଙ୍କ ଆନ୍ତରିକତାର ଅଭାବ ପାଇଁ ଆଦିବାସୀଙ୍କୁ ମିଳୁନି ଉଚିତ ମୂଲ୍ୟ

ଦଶପଲ୍ଲା, ( ମହାଭାରତ ) : ଡହଡହ ଖରା ସାଙ୍ଗକୁ ଅସହ୍ୟ ଝାଞ୍ଜି ତାହାରି ମଧରେ ନିଜର ଜୀବିକା ବଞ୍ଚାଇ ରଖିବାକୁ ବଣଜଙ୍ଗଲକୁ ବାହାରି ଯାଉଛନ୍ତି ଆଦିବାସୀ। ଏ ଜଙ୍ଗଲରୁ ସେ ଜଙ୍ଗଲ ବୁଲିବୁଲି ସଂଗ୍ରହ କରୁଛନ୍ତି ମହୁଲ। ସଂଗୃହୀତ ମହୁଲକୁ ଗାଁ ଦାଣ୍ଡ ଓ ଘର ଅଗଣାରେ ଖରାରେ ଶୁଖାଇ ରଖୁଛନ୍ତି। ମହୁଲ ସଂଗ୍ରହ କରିବାକୁ ଆଦିବାସୀ ପରିବାର ଗୁଡ଼ିକୁ ବହୁ ସଂଗ୍ରାମ କରିବାକୁ ପଡୁଥିବା ବେଳେ ସେମାନଙ୍କୁ ମିଳୁନି ଉଚିତ ପ୍ରାପ୍ୟଯ ସରକାରୀ ସ୍ତରରେ ଆଦିବାସୀଙ୍କୁ ଉଚିତ ପ୍ରାପ୍ୟ ଦେଇ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରିବା ପାଇଁ କୌଣସି ସୁବିଧା ନଥିବା ହେତୁ ବାଧହୋଇ ଶାଗମାଛ ଦରରେ ସଂଗୃହୀତ ମହୁଲକୁ ବ୍ୟବସାୟୀଙ୍କ ହାତକୁ ଟେକି ଦେଉଛନ୍ତି ଆଦିବାସୀ। ବ୍ୟବସାୟୀ ମଧ କମ୍ ମୂଲ୍ୟରେ କ୍ରୟକରି ଓଡ଼ିଶା ବାହାରକୁ ଅଧିକ ମୂଲ୍ୟରେ ଏସବୁ ମହୁଲକୁ ବିକ୍ରୟ କରି ଫାଇଦା ଉଠାଉଥିବା ଦେଖିବାକୁ ମିଳିଛି। ଓଡ଼ିଶା ମହୁଲ ଉପରେ ଛତିଶଗଡ଼ର ଆଖି ରହୁଛି। ମୁଖ୍ୟତଃ ମହୁଲ ଫୁଲ, ଫଳ ଓ ମଞ୍ଜି ଆଦିବାସୀଙ୍କ ଜୀବନ ଜୀବିକାର ଏକ ପ୍ରମୁଖ ଉପାଦାନ। ସରକାର ମହୁଲ ଫୁଲ ସହ ସମୁଦାୟ ୧୬୯ ପ୍ରକାର ବନଜାତ ଦ୍ରବ୍ୟ ଉପରେ ଦର ର୍ନିଦ୍ଧାରଣ କରିଥାନ୍ତି। ଲଘୁ ବନଜାତ ଦ୍ରବ୍ୟ କ୍ରୟ ସମୟରେ ଆଦିବାସୀ ମାନେ ଯେଉଁଭଳି ଉଚିତ ପ୍ରାପ୍ୟ ପାଇପାରିବେ ସେ ଦିଗରେ ଗୁରୁତ୍ୱ ଦିଆଯାଇଥାଏ। ନୟାଗଡ଼ ଜିଲ୍ଲାର ଦଶପଲ୍ଲା ବ୍ଲକ୍ଟି ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଏହି ଅଞ୍ଚଳରୁ ପ୍ରତିବର୍ଷ ମହୁଲ ଫୁଲଠାରୁ ଆରମ୍ଭ କରି ନାନା ଲଘୁ ବନଜାତ ଦ୍ରବ୍ୟକୁ ଆଦିବାସୀ ମାନେ ସଂଗ୍ରହ କରିଥାନ୍ତି। ବଣ ଜଙ୍ଗଲ ଘେରା ଅଞ୍ଚଳ ମଧ୍ୟରେ ହଜାର ହଜାର ଆଦିବାସୀ ପରିବାରଙ୍କ ଏହା ହେଉଛି ମୁଖ୍ୟ ବ୍ୟବସାୟ। ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ଏହାକୁ ବିକ୍ରୟ କରି ବହୁ ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି। ଏସବୁ ମଧ୍ୟରେ ମହୁଲ ସଂଗ୍ରହ ପାଇଁ ବର୍ତ୍ତମାନ ହେଉଛି ପ୍ରକୃଷ୍ଟ ସମୟ ମହୁଲ ସଂଗ୍ରହ ପାଇଁ ଅନେକ ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଇ ସଫା କରିଥାନ୍ତି। ସକାଳୁ ସଞ୍ଜ ଯାଏଁ ଆଦିବାସୀ ପରିବାର ଗୁଡ଼ିକ ମହୁଲ ସଂଗ୍ରହ କରି ଘର ଅଗଣାରେ ଶୁଖାଇଥାନ୍ତି। ପ୍ରାୟ ୧୫ ରୁ ୨୦ ଦିନ



ପର୍ଯ୍ୟନ୍ତ ଖରାରେ ଏହାକୁ ଶୁଖାଇ ରଖାଯାଏ। ହେଲେ ଏତେସବୁ ପରିଶ୍ରମ ସତ୍ତ୍ୱେ ଆଦିବାସୀଙ୍କୁ ଉଚିତ ପ୍ରାପ୍ୟ ମିଳୁନିୟ ଟିଡିସିସି ଜରିଆରେ ଲଘୁ ବନଜାତ ଦ୍ରବ୍ୟ କ୍ରୟ କରିବାର ନିୟମ ରହିଥିବା ବେଳେ ପ୍ରତିବର୍ଷ ବ୍ୟବସାୟୀ ମାନେ ଗାଁ ଗହଳିରେ ପହଞ୍ଚି ଶାଗମାଛ ଦରରେ ଏହାକୁ କ୍ରୟ କରୁଛନ୍ତି। ବ୍ୟବସାୟୀମାନେ କିଲୋ ପ୍ରତି ୨୦ ରୁ ୩୦ ଟଙ୍କା ମୂଲ୍ୟରେ କ୍ରୟ କରୁଛନ୍ତି। ଅପରପକ୍ଷେ, ଅବକାରୀ ବିଭାଗଠାରୁ ଲାଇସେନ୍ସ ପାଇଥିବା ବ୍ୟବସାୟୀ ଏହାକୁ ସଂଗ୍ରହ କରିବା କଥା ହେଲେ ଦଶପଲ୍ଲା ଅବକାରୀ ବିଭାଗ ପକ୍ଷରୁ ଏଯାଏଁ କୌଣସି ବ୍ୟବସାୟୀଙ୍କୁ ଲାଇସେନ୍ସ ଦିଆଯାଇନଥିବା ବେଳେ ୨ ଜଣ କେବଳ ଆବେଦନ କରିଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ବ୍ୟବସାୟୀ ମାନେ ମହୁଲ ସଂଗ୍ରହ କରିବା ପରେ ଗୋଦାମରେ ମହଜୁଦ୍ କରି ରଖୁଛନ୍ତି। ଏହାପରେ ବ୍ରହ୍ମପୁରର ବ୍ୟବସାୟୀଙ୍କ ହାତକୁ ଟେକି ଦେବାପରେ ସେଠାରୁ ପ୍ରତିବର୍ଷ ଟ୍ରିପଟ୍ରିପ୍ ମହୁଲ ଛତିଶଗଡ଼ ଚାଲାଣ ହେଉଥିବା କିଛି ବ୍ୟବସାୟୀ କହିଛନ୍ତି। ଓଡ଼ିଶା ସରକାରଙ୍କ ଆନ୍ତରିକତାର ଅଭାବ ପାଇଁ ଏବେ ଓଡ଼ିଶା ମହୁଲର ଚାହିଦା ଛତିଶଗଡ଼ରେ ବଢୁଥିବା ବେଳେ ଆଦିବାସୀ ମାନେ ଶୋଷଣର ଶିକାର ହେଉଛନ୍ତି।

## ଦିଗାପୁର ପ୍ରସିଦ୍ଧ ମା ବୁଢ଼ୀ ଠାକୁରାଣୀ ଙ୍କ ୩ ଦିନିଆ ଘଟଯାତ୍ରା ହେଲା ଶେଷ

କୁନ୍ଦୁରା(ମହାଭାରତ)- କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଆନ୍ତର୍ଗତ ଦିଗାପୁର ପଞ୍ଚାୟତ ରେ ରହିଥିବା ପ୍ରସିଦ୍ଧ ମା ବୁଢ଼ୀ ଠାକୁରାଣୀ ଙ୍କ ୩ ଦିନିଆ ଘଟଯାତ୍ରା ସୁରୁଖୁରୁରେ ଶେଷ ହୋଇଛି ।ଚୈତ୍ର ମାସ ଶୁକ୍ଳ ପକ୍ଷ ପ୍ରତିପଦା ଦିନ ମା ନିଜର ଆଜ୍ଞାମାଳ ଦେଇ ଦୁଇଟି ମାଟି ଘଟ ପ୍ରତିମାରେ ମନ୍ଦିରରୁ ବାହାରି ପାଦ ପାଦ କୁ ପୂଜା ପାଇ ଗାଁ ମଝିରେ ଥିବା ହୁଣ୍ଡୀ ମନ୍ଦିର କୁ ଆସି ବିରାଜମାନ ହୁଅନ୍ତି । ୭ଖଣ୍ଡ ଗାଁ ଦିଗାପୁର, ଖିଲପୁଟ, ନୁଆଁଗୁଡା, କଦମଗୁଡା, ନଡ଼ିଆଲପାଲି,ପ୍ରଧାନୀପୁଟ, ଝୋଲାଗୁଡା ଆଦି ଗାଁ ର ମୁଖ୍ୟ



ଯାତ୍ରା ଭାବେ ପାଳନ କରାଯାଉଥିବା ଏହି ଘଟଯାତ୍ରା ରେ ସମସ୍ତେ ଯୋଗ ଦେବା ସହ ସହଯୋଗ କରନ୍ତି । ପ୍ରଥମ ଦିନରେ ମୁଖ୍ୟ ଗାଁ ବୁଲି ଘର ଘର ମୁହଁରେ ଶୁକ୍ଳଭୋଗ ପାଇ ମା ଘରକୁ ଯାଇ ହୁଣ୍ଡୀ ମନ୍ଦିର ଫେରନ୍ତି । ଦ୍ୱିତୀୟ ଦିନ ରେ ୨ ଟି ଗାଁ ତୃତୀୟ ଦିନରେ ଆଉ ୨ ଟି ଗାଁ ବୁଲି ସକାଳ ପାଇବା ପୂର୍ବରୁ ମା ନିଜ ମନ୍ଦିର କୁ ପୁଣି ଫେରି ଯାଆନ୍ତି । ୩ଦିନ ଭିତରେ ୪ ଟି ପୌରାଣିକ ଲୋକ ନାଟକ ପରିବେଷଣ କରିବା ସହ ସହ ସହ ଦୋକାନ ବଜାର ଓ ହଜାର ହଜାର ଲୋକ ଯାତ୍ରା ଉପଭୋଗ କରନ୍ତି । ଯାତ୍ରା ରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଜୟପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରାର୍ଥ୍ୟ କଶ୍ୟପ ଙ୍କ ନେତୃତ୍ୱରେ ରେ ବୈପାରୀଗୁଡା ଥାନା ଅଧିକାରୀ ରଶ୍ମୀ ରଞ୍ଜନ ପ୍ରଧାନ ଙ୍କ ତ□ବଧାନ କ୍ରମେ କୋରାପୁଟ ରୁ ସ୍ୱତନ୍ତ୍ର ସୁରକ୍ଷା କର୍ମି ଙ୍କ ଦ୍ୱାରା ଯାତ୍ରା ସୁଚାରୁରୂପେ ସମ୍ପର୍ଣ୍ଣ ହୋଇଥିଲା । ଜୟପୁର ଏସ ଡି ପି ଓ - ପାର୍ଥ୍ୟ କଶ୍ୟପ, କୁନ୍ଦୁରା ବ୍ଲକ ତହସିଲଦାର-ବିନୋଦ ଚନ୍ଦ୍ର ନାୟକ, ବି ଡି ଓ - କପିଳେଶ୍ୱର ତାଣ୍ଡି ଆସି ମା ଙ୍କ ଦର୍ଶନ କରିବା ସହ ଯାତ୍ରା ପରିଚାଳନା ତଦାରଖ କରିଯାଇଥିଲେ କ୍ଷ ପ୍ରତେକ ବର୍ଷ ଆୟୋଜନ ହେଉଥିବା ପ୍ରତକ୍ଷ୍ୟ ମା ବୁଢ଼ୀ ଠାକୁରାଣୀ ଙ୍କ ଘଟଯାତ୍ରା ଚଳିତ ବର୍ଷ ଅତି ଆଡମ୍ବର ସହ ସମ୍ପର୍ଣ୍ଣ ହୋଇଥିଲା ।

## ରେଙ୍ଗାଲି ଆଇରନ ଟ୍ରାଙ୍ଗଲେ କମ୍ପାନୀ ଉପରେ ଦାଦାଗିରି, କାମ ବନ୍ଦ, ଥାନାରେ ଅଭିଯୋଗ !

ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ତରଫରୁ ରେଙ୍ଗାଲି ବାମ ପାର୍ଶ୍ୱ କେନାଲ କାମ ସୁକିନ୍ଦା ର୍ନିବାଚନ ମଣ୍ଡଳୀରେ ଚାଲିଛି। ଏହି କାମର ଫେଜ ୨ ରେ ଆଇରନ ଟ୍ରାଙ୍ଗଲ କମ୍ପାନୀ ନଡ଼ିଆ ଭଙ୍ଗା ପ□ାୟତ ଭିତରେ କାର୍ଯ୍ୟାଦେଶ ପାଇ ୧୦୦.୪୯୦ କିଲୋମିଟର ରୁ ୧୦୭.୫୦୦ କିଲୋମିଟର କାମ କରୁଅଛି,ଆଜି ଏହି ନଡ଼ିଆ ଭଙ୍ଗା ପଞ୍ଚାୟତର କିଛି ଯୁବକ ହଟାତ ଆସି କମ୍ପାନୀର କର୍ମଚାରୀ ମାନଙ୍କୁ ଗାଳି ଗୁଲଜ କରି କାମ ବନ୍ଦ କରିବାକୁ କହିଥିଲେ, ଏପରିକି କାହିଁକି କାମ ବନ୍ଦ କରୁଛ ବୋଲି ପଚାରିବାରୁ ଉପରୁ ନିର୍ଦ୍ଦେଶ ଅଛି କହି କିଛି କର୍ମଚାରୀଙ୍କୁ ଗଳା ଧକ୍କା ମାରିଥିଲେ, କାମ କରିବା ପାଇଁ ଆମକୁ ଦାଦା ଚାନ୍ଦା ଦେବାକୁ ପଡିବ ବୋଲି କହିଥିଲେ, ଏ ଘଟଣା ପରେ କମ୍ପାନୀର ପ୍ରୋଜେକ୍ଟ ମ୍ୟାନେଜର ରତ୍ନାକର ବାରିକ କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କିଛି ଯୁବକଙ୍କ ନାମରେ ଦେଇଛନ୍ତି, ସେମାନେ ହେଲେ ମୃତ୍ୟୁଞ୍ଜୟ ଦେଓ ( ମିଟୁଆ ) ଦୀପକ ରଞ୍ଜନ ଦେଓ,ଗୁଣ୍ଡିଚା ଦେଓ, ଅମର ଦେଓ, ସିପୁ ଦେଓ,ହେମନ୍ତ ମଲ୍ଲିକ, କୁଲୁ ଦେଓ, ବ୍ରଜ ଦେଓ, ପ୍ରତୀକ ଦେଓ ବୋଲି ଜଣା ପଡିଛି, କମ୍ପାନୀର କହିବା କଥା ସରକାରୀ କାର୍ଯ୍ୟ ରେ ର୍ନିଦ୍ଧିଷ୍ଟ ସମୟ ସୀମା ଅବଧି ଭିତରେ କାମ ସାରିବା ପାଇଁ ନିର୍ଦ୍ଦେଶ ଅଛି, ଏପରି ଯଦି ଦାଦାଗିରି କରି କାମ ବନ୍ଦ କରାଯାଏ ତାହେଲେ କାମ ସରିବ କିପରି, ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହାର ଉପଯୁକ୍ତ ତଦନ୍ତ କରି କାମ କରିବା ପାଇଁ ସହଯୋଗ କରନ୍ତୁ, କଳିଙ୍ଗନଗର ପୋଲିସ କେସ ନମ୍ବର ୧୦୯/୨୫ ରେ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଛି ।

## ପାରାଦୀପ ବନ୍ଦର ଓ ସାକ୍ଷରତା ସମିତି ପକ୍ଷରୁ ଲେମ୍ବୁ ଓ ଦହି ପାଣି ବଣ୍ଟନ କେନ୍ଦ୍ର ଉଦଘାଟିତ

ପାରାଦୀପ(ମହାଭାରତ): ପ୍ରବଳ ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଏହାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପାରାଦୀପ ସାକ୍ଷରତା ସମିତି ମିଳିତ ସହଯୋଗରେ ପଥଚାରୀ ଙ୍କ ଜଳକଷ୍ଟ ନିବାରଣ ନିମନ୍ତେ ଏକ ଲେମ୍ବୁ ଓ ଦହି ପାଣି ବ□ନ କେନ୍ଦ୍ର ବନ୍ଦର ପ୍ରଶାସନିକ ଭବନ ସମ୍ମୁଖ ସ୍ଥିତ ମୁଖ୍ୟ ରାସ୍ତା ପାର୍ଶ୍ୱରେ ମଙ୍ଗଳବାର ଦିନ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ର କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ସମ୍ମାନିତ ଅତିଥି ଏବଂ ବନ୍ଦର ଉପ ସରଂକ୍ଷକ କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ, ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ.ସୋନ୍ଧୀ, ସିଏମଇ ଏସ.ନାହାକ, ଡିଟିଏମ ଏ.କେ.ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏକ ମାସ ଧରି ଚାଲିବାକୁ ଥିବା ଏହି ପାନୀୟ ବ□ନ କେନ୍ଦ୍ର କୁ ପାରାଦୀପ ସାକ୍ଷରତା ସମିତି ର ସମ୍ପାଦକ ରାମ ଚନ୍ଦ୍ର ପ୍ରଧାନ ଓ ପ୍ରକଳ୍ପ ସଂଯୋଜକ ଅଶୋକ ମହାପାତ୍ର ଙ୍କ ତତ୍ତ୍ୱାବଧାନ ଓ ସ୍ୱେଚ୍ଛାସେବୀ ଙ୍କ ସହଯୋଗରେ ଚାଲିବ ।

## ମଙ୍ଗଳା ଙ୍କ ମନ୍ଦିରର ଭୂମି ପୂଜନ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ, ଶତାଧିକ ସାଧୁସନ୍ଥଙ୍କ ସମାବେଶ



ଦାନଗଦୀ :(ମହାଭାରତ)ପବିତ୍ର ଚୈତ୍ର ମାସ ଶେଷ ମଙ୍ଗଳବାର ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଚିତ୍ରୀ ସ୍ଥିତ ଚିତ୍ରକୁଟ ପାହାଡ଼ ପାଦଦେଶରେ ମା ମଙ୍ଗଳାଙ୍କର ନୂତନ ଦିବ୍ୟ ଭବ୍ୟ ମନ୍ଦିର ନିମନ୍ତେ ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ପୀଠରେ ଆଜି ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ସାଧୁ ସ୍ୟ, ମାତା ଙ୍କର ସମାଗମ ହୋଇଥିଲା, ପ୍ରତ୍ୟୁଷରୁ ପାଞ୍ଚ ସହ ରୁ ଉର୍ଦ୍ଧ କଳସଯାତ୍ରା ରେ ମହିଳା ଭକ୍ତା ଓ ନାଗା ସାଧୁଙ୍କ ଗହଣରେ ଗ୍ରାମର ପୁଷ୍କରଣୀରୁ ପୂଜାର୍ଚ୍ଚନା କରି ହୁଳହୁଳି, ଶଙ୍ଖଧ୍ୱନୀ ଓ ସଂକ୍ରିତନ ସହିତ ଗ୍ରାମ ପରିକ୍ରମା କରି ନୂତନ ମନ୍ଦିର ର୍ନିମାଣ ସ୍ଥଳୀରେ ପହଞ୍ଚିଥିଲେ, ଏକ ଆଧାମ୍ତିକ ପରିବେଶରେ ଆଜି ଏହି ପୁଣ୍ୟ ପବିତ୍ର କାର୍ଯ୍ୟରେ ଗାଁର ସମସ୍ତ ଅଧିବାସୀ ମାନେ ଏକତ୍ରିତ ହୋଇଥିଲେ, ପରେ ପରେ ସୂର୍ଯ୍ୟପୂଜା, ଗୋ ପୂଜା, ଧ୍ୱଜ ପୂଜା, ଭୂମି ପୂଜା ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା,ଏହି ଭୂମିପୂଜନ କାର୍ଯ୍ୟକ୍ରମରେ ହରିଦ୍ୱାର, ନାସିକ, ଉଜ୍ଜୟିନୀ, ପ୍ରୟାଗରାଜ ର ବିଭିଉ ଆଖଡ଼ା ରୁ ଦୁଇଶହ ରୁ ଉର୍ଦ୍ଧ ସାଧୁସ୍ୟ ମାନେ ଯୋଗ ଦେଇଥିଲେ, ଧର୍ମରକ୍ଷା, ଗୋ ରକ୍ଷା, ରାଷ୍ଟ୍ରରକ୍ଷା, ଆଧାମ୍ତିକବାଦୀ ହୋଇ ସୁସ୍ଥ ସମାଜ ଗଠନ କରିବା ଉଦେଶ୍ୟରେ ମାତୃଭାରତୀଙ୍କ ନିର୍ଦ୍ଦେଶରେ ଏପରି ସଚେତନତା କାର୍ଯ୍ୟକ୍ରମ ହେଉଛି ବୋଲି ସାଧୁମାନେ କହିଥିଲେ, ଏହି ଅବସରରେ ଆୟୋଜିତ ହୋଇଥିବା ଏକ ଧର୍ମସଭାରେ ସାଧୁ ସ୍ୟମାନେ ନୀତିବାଣୀ, ପ୍ରବଚନ ପ୍ରଦାନ କରିଥିଲେ, ଏହି ଭୂମି ପୂଜନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ବିଷ୍ଣୁଗିରି ମହାରାଜ ଶ୍ରୀ ପଞ୍ଚଦସନାମ ଜୁନା ଆଖଡ଼ାହରିଦ୍ୱାର ରୁ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ସୁଦର୍ଶନାନନ୍ଦ ସରସ୍ୱତୀ ମହାରାଜ, ହରିଦ୍ୱାର, ମନ୍ଦିର ପ୍ରତିଷ୍ଠାତା ପୁରନ୍ଦର ଭାରତୀ ପଞ୍ଚାୟତୀ ଆଖଡ଼ା ନିରଞ୍ଜନୀ, ଶ୍ରୀ ଗୁରୁ ଦିଗମ୍ବର ନାଗାସାଧୁ ଦିବାକର ଭାରତୀ, ମନ୍ଦିର ସଞ୍ଚାଳକ ଭୈରବାନନ୍ଦ ଭାରତୀ ମୌରୀ ଦରାଗ□ ପ୍ରୟାଗରାଜ ପ୍ରମୁଖ ଯୋଗ ଦେଇଥିଲେ, ଏହି ମାଙ୍କ ମନ୍ଦିର ଭୂମିପୂଜନ ଓ ସମସ୍ତକାର୍ଯ୍ୟକ୍ରମରେ ସ୍ଥାନୀୟ ପୁରେନ୍ଦ୍ର ଚୌଧୁରୀ, ପପୁ ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ହାଇଟେକ ମେଡିକାଲ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ର ଆୟୋଜନ ହୋଇଥିଲା, ଭଜନ କୀର୍ତ୍ତନ ସହ ହଜାର ହଜାର ଭକ୍ତ ଭକ୍ତା ଗଣ ଅଉଯଜ୍ଞ ରେ ଯୋଗ ଦେଇ ନାଗା ସାଧୁ ସ୍ୟ ଓ ମାତାଜୀ ମାନଙ୍କର ଆଶ୍ରିବାଦ ନେଇଥିବାର ଦେଖିବାକୁ ମିଳିଥିଲା।

## ଗୋଳାବାରୁଦ କାରଖାନାରେ ଅଗ୍ନିକାଣ୍ଡ, କର୍ମଚାରୀ ଗୁରୁତ୍ୱର



ଟିଟିଲାଗଡ (ମହାଭାରତ) ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକ ରେ ଥିବା ଗୋଳାବାରୁଦ କାରଖାନା ରେ ଅଗ୍ନିକାଣ୍ଡ। ସୂଚନା ଅନୁସାରେ କାରଖାନା ଭିତରେ ଥିବା ୟୁନିଟ ନମ୍ବର ୬ ରେ ଜଣେ କର୍ମଚାରୀ ଗୋଳାବାରୁଦ ର୍ନିମାଣ କରୁଥିବା ବେଳେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି ତେବେ କର୍ମଚାରୀ ଜଣକ ଗୁରୁତର ହୋଇଥିବା ମଧ୍ୟ ସୂଚନା ମିଳୁଛି ।ଗୁରୁତର କର୍ମଚାରୀ ଜଣକ ହେଲେ ଶିବଶଙ୍କର ଭୋଇ। ତାଙ୍କୁ ବଡ଼ମାଳ ସ୍ଥିତ ହସ୍ପିଟାଲକୁ ଅଣାଯାଇ ବର୍ତ୍ତମାନ ରାଉରକେଲା କୁ ସ୍ଥାନାନ୍ତରିତ କରାଯାଇଛି।

## ଓଡ଼ିଆ ପକ୍ଷ ପାଳନ ଅବସରରେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ରେ ଆସ ବହିଟିଏ କିଣିବା ଦିବସ

କଳାହାଣ୍ଡି/ମହାଭାରତ ଭବାନୀପାଟଣା: ଓଡ଼ିଆ ପକ୍ଷ ପାଳନ ଅବସରରେ ମା ମାଣିକେଶ୍ୱରୀ ବିଶ୍ ବିଦ୍ୟାଳୟର ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ପୃଷ୍ଠପୋଷକତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ,ଉପ କୁଳସଚିବ ଡ. ଜୟଦେବ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ପ୍ରୋଗ୍ରାମ ଅଫିସର ଅଂଶୁମାନ ବାବୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଓଡିଆ ପକ୍ଷ ପାଳନ ର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଓଡ଼ିଆ ପକ୍ଷ ପାଳନ ର ଦଶମ ଦିନରେ ଆସନ୍ତା କାଲି ତା ୧୦.୪.୨୦୨୫ ରିଖରେ ଲୋକକଳା ପାଇଁ ଦିନଟିଏ, ଏହି ଅବସରରେ ପୂର୍ବାହ୍ନ ୯.୩୦ ଘଟିକା ରେ କଳା ଗ୍ରାମ ଛୁରିଆଗଡ଼ ପରିଦର୍ଶନ, ବରିଷ୍ଠ କଳାକାର ମାନଙ୍କୁ ସମ୍ବର୍ଦ୍ଧନା ସ୍ଥାନୀୟ ଟାଉନ ହଲ ଠାରେ ଅପରାହ୍ନ ୫.୦୦ ଘଟିକା ରେ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ଅନୁଷ୍ଠିତ ହେବ। ସେହିପରି ତା ୧୧ ରିଖରେ ଯୁବ ଲେଖକ ସମ୍ମିଳନୀ ଓ ୧୨,ତାରିଖରେ ଓଡିଶାର ବରପୁତ୍ର ମାନଙ୍କ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏହି ସବୁ କାର୍ଯ୍ୟକ୍ରମ ରେ ଯୋଗଦାନ ପୂର୍ବକ ଏହି ସଚେତନତା କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ଅନୁରୋଧ କରାଯାଇଛି।



## କୁନ୍ଦୁରା ପୋଲିସ ଏବଂ ଅବକାରୀ ବିଭାଗର ମିଳିତ ଚଢ଼ାଉ

# ସାଢ଼େ ତିନି ହଜାର ଲିଟର ପୋଚ ନଷ୍ଟ ,ବାଇକ ଜବତ, ଜଣେ ଗିରଫ

କୁନ୍ଦୁରା(ମହାଭାରତ):- କୋରାପୁଟ ଜିଲ୍ଲା କୁନ୍ଦୁରା ପୁଲିସ୍ ଓ ଅବକାରୀ ବିଭାଗ ମିଳିତ ଚଡାଉ କରି ଦୁଇଟି ସ୍ଥାନରୁ ବିପୁଳ ପରିମାଣରେ ଦେଶୀ ଚୋରା ମଦ ରାନ୍ଧିବା ସମୟରେ ସାଢ଼େ ତିନି ହଜାର ଲିଟର ପୋଚ ନଷ୍ଟ କରାଯାଇଛି । ଥାନା ଅଧିକାରୀ ଅଶ୍ୱନୀ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଆଜି ସକାଳେ ଏସ୍ ଆଇ ସ୍ୱରୂପା ମଲ୍ଲିକ, ଏ ଏସ୍ ଆଇ ରବିନ୍ଦ୍ର କୁମାର ରଥ, ପୁରୁଷୋତ୍ତମ ରାୟ, ହାବିଲଦାର ରବି ନାରାୟଣ ପ୍ରଧାନ, ସସ୍ମିତା ଖୋସଲା ଏବଂ କୋରାପୁଟର ସ୍ୱତନ୍ତ୍ର ଫୋର୍ସଙ୍କ ଦ୍ୱାରା ଲିମା କୁଲ୍ଲୁ ନଦୀ କୂଳରେ ଚଢ଼ାଉ କରି ପ୍ରାୟ ସାଢେ ତିନି ହଜାର ଲିଟର ପୋଚ ନଷ୍ଟ କରାଯାଇଛି ।ଦୀର୍ଘ ଦିନ ଧରି ଚୋରାରେ ଦେଶୀ ମଦ ରାନ୍ଧୁଥିବା ଦିବାକର ବିଷୋୟୀଙ୍କୁ ଗିରଫ କରାଯାଇଛି । ଏଥି ସହ ଗୋଟିଏ ବାଇକ ଓଡି ୧୦ ଏଲ ୮୭୮୮ ଗାଡି ଜବତ କରି ୩୯/୨୫ ରେ ଏକ କେଶ ରୁଜୁ କରଯାଇଛି ଓ ଆସନ୍ତା କାଲି କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । କୁନ୍ଦୁରା ଥାନା ଅଞ୍ଚଳରେ ଦେଶୀ ମଦ ରନ୍ଧାରୀ ଓ ଦେଶୀ ମଦ ବ୍ୟାପାରିଙ୍କ ଭୁ ସ୍ୱର୍ଗ ପାଲଟି ଥିବା ଲିମା ଅଞ୍ଚଳରୁ ନବ ନିଯୁକ୍ତ ଥାନାଧିକାରୀଙ୍କ ଦାଇତ୍ୱ ନେବାର ଏକ ସପ୍ତାହ ମଧ୍ୟରେ ଦୁଇଟି ଚୋରା ମଦ ରନ୍ଧାଳିଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୁଲିସ୍ । କୁନ୍ଦୁରା ଥାନା ରେ ଦାୟିତ୍ୱ ନେବା ସଙ୍ଗେ ସଙ୍ଗେ ଥାନା ଅଧିକାରୀ ଏତେଦିନର ମଦ ରନ୍ଧା ଆଡ୍ଡା କୁ ଠାବ କରିପାରିଲେ କିନ୍ତୁ



ବୈପାରୀଗୁଡା ଓ କୁନ୍ଦୁରା ବ୍ଲକ ଦାଇତ୍ୱ ରେ ରହିଥିବା ଅବକାରୀ ଅଧିକାରୀ ଏବଂ କର୍ମଚାରୀ ମାନେ ଲକ୍ଷାଧିକ ଟଙ୍କା ଦରମା ପାଇ ମଧ ଧୃତରାଷ୍ଟ୍ର ଭଳି ହାତ ବାନ୍ଧି ବସି ରହୁଛି, କେବଳ ବିଦେଶୀ ମଦ ବ୍ୟାପାରିଙ୍କ ଇଂଗିତ ରେ ଅବକାରୀ ବିଭାଗ ପରିଚାଳିତ ହେଉଛି ବୋଲି କୁନ୍ଦୁରା ଅଞ୍ଚଳର ରାଜନୈତିଜ୍ଞ ଓ ସମାଜସେବୀ ମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଅବକାରୀ ବିଭାଗ ର ଏକର୍ମନ୍ୟତା ଯୋଗୁଁ ବୈପାରୀଗୁଡା ତଥା କୁନ୍ଦୁରା ବ୍ଲକ ଅଞ୍ଚଳ ରେ ମଦ ବ୍ୟବସାୟୀ ଙ୍କ ପ୍ରଦୁର୍ଭାବ ଓ କାର୍ଯ୍ୟକଳାପ ବଢ଼ି ଚାଲିଛି ବୋଲି ଅଞ୍ଚଳ ବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି ।

# ଦଳିତ ନେତାଙ୍କ ପୂଜାର୍ଚ୍ଚନା ପରେ ଗଙ୍ଗାଜଳ ଛିଞ୍ଚି ଶୁଦ୍ଧିକରଣ

**ନୂଆଦିଲ୍ଲୀ,୯।୪(ଏଜେନ୍ସି):** ରାଜସ୍ଥାନର ଦଳିତ କଂଗ୍ରେସ ନେତା ଟିକାରାମ ଜୁଲି ଅଲୱରର ଏକ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଭଗବାନଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ । ରାଜ୍ୟର ଶାସକ ବିଜେପି ନେତା ଜ୍ଞାନଦେବ ଆହୁଜା ଟିକାରାମ ଜୁଲି ମନ୍ଦିର ପରିଦର୍ଶନ କରିବା ପରେ ଗଙ୍ଗାଜଳ ଛିଞ୍ଚି ମନ୍ଦିରର ଶୁଦ୍ଧିକରଣ କରିଥିଲେ । ଏହି ପ୍ରସଙ୍ଗ ଏବେ ତୀବ୍ର ହୋଇଛି । କଂଗ୍ରେସ ମହାସଚିବ ଜୟରାମ ରମେଶ ଏହି କାର୍ଯ୍ୟକୁ ନେଇ କଡ଼ା ଆପତ୍ତି ପ୍ରକାଶ କରିଛନ୍ତି ଏବଂ ବିଜେପି ନେତୃତ୍ୱକୁ କ୍ଷମା ମାଗିବାକୁ ଅପିଲ୍ କରିଛନ୍ତି । ସେ ଏହି ଘଟଣାକୁ ବିଜେପି ଏବଂ ଆରଏସଏସର ଦଳିତ ବିରୋଧୀ ମାନସିକତାର ଖୋଲା ପ୍ରଦର୍ଶନ ବୋଲି ଅଭିଯୋଗ କରିଛନ୍ତି । କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ କହିଛନ୍ତି ଯେ, ସବ୍କା ସାଥ୍, ସବ୍କା ବିକାଶ ନେଇ ବିଜେପି କହୁଛି । ବିଜେପି ସମସ୍ତ ଧର୍ମ ଏବଂ ଜାତିକୁ ଏକାଠି ନେଇ ଆଗକୁ ବଢ଼ିବା ବିଷୟରେ କହୁଛି । କିନ୍ତୁ ଦଳର ପ୍ରକୃତ ଚେହେରା ଅନ୍ୟ କିଛି । ବିଜେପି ଯେ, ଦଳିତ ବିରୋଧୀ, ତାହା ରାଜସ୍ଥାନ ନେତା ଜ୍ଞାନଦେବ ଆହୁଜାଙ୍କ କାର୍ଯ୍ୟରୁ ସ୍ପଷ୍ଟ ହେଉଛି । ଜୟରାମ ରମେଶ ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି, ବିଜେପି ଏବଂ ଆରଏସଏସର ବିଚାରଧାରା ଦଳିତ ବିରୋଧୀ, ଭେଦଭାବ ଏବଂ ସଂକୀର୍ଣ୍ଣ ମାନସିକତାରେ ଗଭୀର ଭାବରେ ଜଡିତ । ଏହି ଚିନ୍ତାଧାରାର ତାଲିମ ନାଗପୁରରେ ଦିଆଯାଉଛି, ଯେଉଁଠାରେ ସମନ୍ୱୟର ଏକ ଛଳନା ରହିଛି, ଏବଂ ସେମାନଙ୍କର ଛଳନା ବାରମ୍ବାର ପ୍ରକାଶ ପାଉଛି । ଟିକାରାମ



ଜୁଲି ରାଜସ୍ଥାନ ବିଧାନସଭାର ବିରୋଧୀ ଦଳ ନେତା ଏବଂ ଦଳିତ ସମ୍ପ୍ରଦାୟର ଜଣେ ସମ୍ମାନିତ ନେତା । ରାମ ନବମୀରେ ମନ୍ଦିର ଦର୍ଶନ ପରେ ବିଜେପି ନେତା ଜ୍ଞାନଦେବ ଆହୁଜାଙ୍କ ଦ୍ୱାରା ଗଙ୍ଗାଜଳ ସହିତ ଶ୍ରୀରାମଙ୍କ ମନ୍ଦିରର ଶୁଦ୍ଧିକରଣ ବିଜେପି-ଆରଏସଏସର ଗଭୀର ଦଳିତ ବିରୋଧୀ ମାନସିକତାର ଏକ ଖୋଲା ପ୍ରଦର୍ଶନ । ସେ ଦାବି କରିଛନ୍ତି ଯେ, ଏହି ଆଚରଣ ପ୍ରଭୁ ଶ୍ରୀରାମଙ୍କ ମୌଳିକ ଆଦର୍ଶର ଘୋର ଅପମାନ । କଂଗ୍ରେସ ନେତା କହିଛନ୍ତି, ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକର ସାରା ଜୀବନ ଏପରି ମାନସିକତା ବିରୁଦ୍ଧରେ ଲଢ଼ିଥିଲେ । ସମ୍ବିଧାନ ମାଧ୍ୟମରେ, ସେ ଏପରି ଏକ ଭାରତ ଗଠନ କରିବାକୁ ଚାହୁଁଥିଲେ ଯେଉଁଠାରେ ଜାତିଭେଦର କୌଣସି ସ୍ଥାନ ନଥିବ । କିନ୍ତୁ ଆଜି ସେହି ସମ୍ବିଧାନର ଆତ୍ମାକୁ ବିଜେପି-ଆରଏସଏସ ଦଳ ନଷ୍ଟ କରୁଛି । ଜ୍ଞାନଦେବ ଆହୁଜାଙ୍କୁ ସମାଲୋଚନା କରି ସେ କହିଛନ୍ତି ଯେ, ପ୍ରଶ୍ନ ହେଉଛି, ଜ୍ଞାନଦେବ ଆହୁଜାଙ୍କ ଭଳି ନେତାମାନେ ଏତେ ଘୃଣ୍ୟ ଭାବରେ ଚିନ୍ତା କରିବା ଏବଂ ଏପରି ଘୃଣ୍ୟ ଆଚରଣ କରିବା ପାଇଁ ଶକ୍ତି କେଉଁଠାରୁ ପାଉଛନ୍ତି ? ମାତ୍ର ଏହାର ଉତ୍ତର ଅତି ସରଳ । ସେମାନେ ଏହି ଶକ୍ତି ଏପରି ଏକ ବିଚାରଧାରାରୁ ପାଇଛନ୍ତି ଯାହାର ପରମ୍ପରା ବହିଷ୍କାର ଏବଂ ଭେଦଭାବରୁ ଉତ୍ପନ୍ନ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଜ୍ଞାନଦେବ ଆହୁଜା ମଧ୍ୟ ଏହି ପରମ୍ପରାରେ ଆସିଥାନ୍ତି । ରମେଶ କହିଛନ୍ତି,ଏହା ଏକ ବ୍ୟତିକ୍ରମ ନୁହେଁ, ଏହା ସେମାନଙ୍କର ପରିଚୟ । ଏହି ଲଜ୍ଜାଜନକ ଘଟଣା ପାଇଁ ବିଜେପିର ଶୀର୍ଷ ନେତୃତ୍ୱ ସାର୍ବଜନୀନ ଭାବରେ କ୍ଷମା ମାଗିବା ଉଚିତ ବୋଲି ସେ କହିଛନ୍ତି।

# ଇପିଏଫ କ୍ଲେମ୍ ସେଟେଲମେଣ୍ଟ ହେବ ଆହୁରି ସରଳ

**ନୂଆଦିଲ୍ଲୀ,୯।୪(ଏଜେନ୍ସି):** ଇପିଏଫଓ ସଦସ୍ୟଙ୍କ ପାଇଁ ଖୁସି ଖବର । ଏଣିକି ଇପିଏଫ କ୍ଲେମ୍ ସେଟେଲମେଣ୍ଟ ହେବ ଆହୁରି ସରଳ । କେବଳ ଏତିକି ନୁହେଁ, ଖୁବ୍‌ଶୀଘ୍ର ଏଟିଏମରୁ ପ୍ରୋଭିଡେଣ୍ଟ ଫଣ୍ଡ ବା ପିଏଫ ଟଙ୍କା ଉଠାଇବାର ସୁବିଧା ମଧ୍ୟ ମିଳିବ । ଆଉ ଏଥିପାଇଁ ଆରମ୍ଭ ହୋଇଯାଇଛି କାମ । କୋଟି କୋଟି EPF ସଦସ୍ୟ ଏବଂ ନିଯୁକ୍ତିଦାତାଙ୍କ ପାଇଁ କ୍ଲେମ୍ ପ୍ରକ୍ରିୟାକୁ ସରଳ କରିବା ପାଇଁ ଦୁଇଟି ପ୍ରମୁଖ ପରିବର୍ତ୍ତନ କରାଯାଇଛି । ପ୍ରଥମତଃ ଚେକ୍ ପତ୍ର / ପ୍ରମାଣିତ ବ୍ୟାଙ୍କ ପାସବୁକର ଫଟୋ ଅପଲୋଡ୍ କରିବାର ବ୍ୟବସ୍ଥାକୁ ହଟାଇ ଦିଆଯାଇଛି । ପୂର୍ବରୁ, ଯଦି ଆପଣଙ୍କୁ କ୍ଲେମ୍ କରିବାକୁ ପଡୁଥିଲା, ତେବେ ଆପଣଙ୍କୁ ପ୍ରଥମେ ଚେକ୍ କିମ୍ବା ପ୍ରମାଣିତ ବ୍ୟାଙ୍କ ପାସବୁକର ଫଟୋ ଅପଲୋଡ୍ କରିବାକୁ ପଡୁଥିଲା ।




ସରକାର ବିଶ୍ୱାସ କରନ୍ତି ଯେ ଏହି ପଦକ୍ଷେପ ଦ୍ୱାରା ପ୍ରାୟ ୮ କୋଟି ସଦସ୍ୟ ଉପକୃତ ହେବେ । ସେହିପରି ଅନ୍ୟ ଏକ ପରିବର୍ତ୍ତନ ଅନୁଯାୟୀ ଏବେ ଜଣେ ସଦସ୍ୟଙ୍କୁ UAN (ୟୁନିଭର୍ସାଲ ଆକାଉଣ୍ଟ ନମ୍ବର) ସହିତ ବ୍ୟାଙ୍କ ଆକାଉଣ୍ଟ ସିଡ୍ କରିବା ପାଇଁ ନିଯୁକ୍ତିଦାତାଙ୍କ ଅନୁମୋଦନର ଆବଶ୍ୟକତା ନାହିଁ । ପୂର୍ବରୁ, ସଦସ୍ୟମାନେ ନିଯୁକ୍ତିଦାତାଙ୍କ ଅନୁମୋଦନ ବିନା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ସହିତ UAN ସିଡ୍ କରିପାରୁନ ଥିଲେ । ତେବେ ଏହି ସୁବିଧାରେ ପ୍ରାୟ ୧୫ ଲକ୍ଷ ସଦସ୍ୟଉପଲବ୍ଧ ହେବେ । ସରକାର EPFO ରୁ କ୍ଲେମ୍ କରିବାର ପ୍ରକ୍ରିୟାକୁ ଉନ୍ନତ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି ।

# ଶାଶୁଙ୍କୁ ମାରି ବସ୍ତାରେ ପୂରାଇଲା ବୋହୂ

**ଜଲନା,୯।୪(ଏଜେନ୍ସି):** ମହାରାଷ୍ଟ୍ର ଜଲନାରେ ଦେଖିବାକୁ ମିଳିଛି ଏକ ଜଘନ୍ୟ କାଣ୍ଡ । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି । ପୁଅ ବାହାଘରର ମାତ୍ର ୬ ମାସରେ ଆଖିବୁଜିଲା ମା’ । ଜଲନାର ଏକ ଭଡ଼ା ଘରୁ ମିଳିଛି ୪୫ ବର୍ଷୀୟା ସବୀତା ସଞ୍ଜୟ ସିଙ୍ଗରଙ୍କ ମୃତଦେହ । ମୃତଦେହକୁ ଏକ ବସ୍ତା ଭିତରୁ ପୋଲିସ ଜବତ କରିଛି । ତେବେ ଘରମାଲିକଙ୍କ ସୂଚନା କ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ନୂଆବୋହୂ କାହାରିକୁ କିଛି ନ କହି ଘର ବନ୍ଦ କରି ଯେତେବେଳେ କୌଣସି ଅପରିଚିତ ଯୁବକର ବୁଲେଟରେ ବସି ଯାଉଥିଲା ସେ ସମୟରେ ଘରମାଲିକ ଏ କଥା ଦେଖିଥିଲେ । ସନ୍ଦେହ ହେବା ପରେ ସେ ପୋଲିସକୁ ଏ ନେଇ ସୂଚନା ଦେଇଥିଲେ । ୬ ମାସ ପୂର୍ବେ ସବୀତା ତାଙ୍କ ପୁଅ ଆକାଶର ବାହାଘର ପ୍ରତିକ୍ଷା ସହ କରେଇଥିଲେ । ଲାଟୁରରେ ଆକାଶଙ୍କ ଚାକିରି ଥିବାବେଳେ ତାଙ୍କୁ ସେଠାରେ ରହିବାକୁ ପଡ଼େ । ହେଲେ ଜଲନାରେ ଏକ ଭଡ଼ା ଘରେ ସ୍ତ୍ରୀ ଓ ମା’ଙ୍କୁ ସେ ରଖିଥିଲେ । କିନ୍ତୁ କୌଣସି କାରଣରୁ ପ୍ରତିକ୍ଷା ଶାଶୁଙ୍କ ମୁଣ୍ଡକୁ କାନ୍ଥରେ ପିଟି ମାରି ଫେରାର୍ ହୋଇଯାଇଛନ୍ତି । ବୋହୂର କୌଣସି ପତ୍ତା ମିଳି ନ ଥିବାବେଳେ ପୋଲିସ ଘଟଣାର ଛାନଭିନ ଆରମ୍ଭ କରିଛି । ବୋହୂକୁ ଧରିବା ପାଇଁ ସହରରେ ସ୍ୱତନ୍ତ୍ର ଟିମ୍ ବୁଲୁଛି ।

# ପୁଣି ବଦଳିବ ନୋଟର ଚେହେରା

**ନୂଆଦିଲ୍ଲୀ,୯।୪(ଏଜେନ୍ସି):** ପୁଣି ବଦଳିବ ନୋଟର ଚେହେରା । ଆସୁଛି ନୂଆ ନୋଟ୍ । ମହାତ୍ମା ଗାନ୍ଧୀଙ୍କ ଫଟୋ ସହ ନୂଆ ନୋଟ୍ ଆସିବ ଯେଉଁଥିରେ ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରାଙ୍କ ଦସ୍ତଖତ ରହିବ । ତେବେ ୧୦ ଟଙ୍କିଆ, ୧୦୦ ଟଙ୍କିଆ, ୨୦୦ ଟଙ୍କିଆ ଏବଂ ୫୦୦ ଟଙ୍କିଆର ନୋଟର ନବକଳେବର ହେବାକୁ ଯାଉଛି । କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ଜାରି ବିବୃତ୍ତି ଅନୁସାରେ, ଏହି ନୋଟର ବଡ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି । ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆରବିଆଇ) ଅନୁସାରେ, ମହାତ୍ମା ଗାନ୍ଧୀଙ୍କ ନୂଆ ଫଟୋ ଏବଂ ଆରବିଆଇ ଗଭର୍ଣ୍ଣରଙ୍କ ଦସ୍ତଖତ ସହ ନୂଆ ୧୦ ଟଙ୍କିଆ ଏବଂ ୫୦୦ଟଙ୍କିଆ ନୋଟ୍ ଜାରି କରାଯିବ । ଅର୍ଥାତ ନୋଟରେ କୌଣସି ବଡ ପରିବର୍ତ୍ତନ ହେବ ନାହିଁ । ତେବେ ନୂଆ ନୋଟ୍ କଥା ଯେତେବେଳେ ଉଠୁଛି ସେତେବେଳେ ମନକୁ ପ୍ରଶ୍ନ ଆସୁଥିବ କଣ ହେବ ପୁରୁଣା ନୋଟ୍ ?ଆରବିଆଇ ସ୍ପଷ୍ଟ ଭାବେ କହିଛି, ନୂଆ ନୋଟ୍ ଜାରି ହେବା ପରେ ବି ପୁରୁଣା ନୋଟ ଉପରେ କୌଣସି ପ୍ରଭାବ ପଡିବ ନାହିଁ । ବଜାର ଏବଂ ବ୍ୟାଙ୍କରେ ଯେଉଁଭଳି ଭାବେ ୧୦ ଟଙ୍କିଆ, ୧୦୦ ଟଙ୍କିଆ, ୨୦୦



ଟଙ୍କିଆ ଓ ୫୦୦ ଟଙ୍କିଆ ନୋଟ୍ ବ୍ୟବହାର ହେଉଥିଲା ସେହିପରି ଭାବେ ପ୍ରଚଳିତ ହେବ । ଏହାର ଅର୍ଥ ୨ ପ୍ରକାର ନୋଟ୍- ନୂଆ ଓ ପୁରୁଣା ନୋଟ୍ ବିନା ଦ୍ୱନ୍ଦ୍ୱରେ ବଜାରରେ ପ୍ରଚଳିତ ହେବ । ଏଥିରେ କୌଣସି ସମସ୍ୟା ହେବ ନାହିଁ । ପୂର୍ବରୁ ବିମୁଦ୍ରାକରଣ ପରେ, ଆରବିଆଇଓ ନୂତନ ୧୦୦ ଏବଂ ୫୦୦ ଟଙ୍କାର ନୋଟ୍ ଜାରି କରିଥିଲା, ଯାହାର ରଙ୍ଗ ଏବଂ ଆକାରରେ ବଡ଼ ପରିବର୍ତ୍ତନ ଆସିଥିଲା । ଏବେ ପୁଣି ଥରେ ରିଜର୍ଭ ବ୍ୟାଙ୍କ ନୂତନ ଟଙ୍କାର ନୋଟ୍ ଜାରି କରିବାକୁ ଯାଉଛି । ଏହି ନୋଟଗୁଡ଼ିକର ରଙ୍ଗ, ଆକାର, ଥିମ୍, ସିକ୍ୟୁରିଟି ଫିଚର୍ସ ଏବଂ ଡିଜାଇନରେ ବଡ଼ ପରିବର୍ତ୍ତନ ଆସିବ । ବର୍ତ୍ତମାନର ୫୦୦ ଟଙ୍କାର ନୋଟ୍ ଷ୍ଟୋନ୍ ଗ୍ରେ ରଙ୍ଗର ଥିବାବେଳେ ଆଗକୁ ନୂତନ ରଙ୍ଗ ପ୍ରଚଳନ କରାଯାଇପାରେ ଏବଂ ଏହାର ଆକାରରେ ମଧ ପରିବର୍ତ୍ତନ ହେବା ନେଇ ସୂଚନା ମିଳିଛି । ତେବେ ଏଠାରେ କହିରଖୁଛୁ କି ନୂତନ ୫୦୦ଟଙ୍କିଆ ନୋଟ୍ ଓ ୧୦ଟଙ୍କିଆ ନୋଟ୍ ପ୍ରଚଳନ ଦ୍ୱାରା ଜନସାଧାରଣଙ୍କ ଉପରେ କୌଣସି ପ୍ରଭାବ ପଡିବ ନାହିଁ ।

# ମଣିପୁରରୁ ଅସ୍ତ୍ରଶସ୍ତ୍ର ଉଦ୍ଧାର

**ଇମ୍ଫାଲ,୯।୪(ଏଜେନ୍ସି):** ମଣିପୁରରେ ସୁରକ୍ଷାବାହିନୀ ଦ୍ୱାରା ପରିଚାଳିତ ଏହି ଅପରେସନରେ ବହୁତ ବଡ ସଫଳତା ମିଳିଛି ।ମଣିପୁର ପୋଲିସ ରବିବାର କହିଛନ୍ତି ଯେ ଅନ୍ଦ୍ରୋ ଅଂଚଳର କେଇରାଓ ବାଙ୍ଗଖେମ ଗ୍ରାମରେ ଏକ କାର୍ବାଇନ ଷ୍ଟେନ ଗନ (ମ୍ୟାଗାଜିନ ସମେତ),ଚାରୋଟି ୯ ମିମି ପିସ୍ତଲ(ମ୍ୟାଗାଜିନ ସମେତ),



ଗୋଟିଏ.୨୨ ରାଇଫଲ(ମ୍ୟାଗାଜିନ ସମେତ),ତିନୋଟି ୧୨ ବୋର ସିଙ୍ଗଲ ବେରଲ ଗନ,ଦୁଇଟି ନମ୍ବର ୩୬ ହ୍ୟାଣ୍ଡ ଗ୍ରେନେଡ(ଡିଟୋନେଟର ସମେତ),ତିନୋଟି ୭.୬୨ ମିମି ଏକେ-୪୭ ଜୀବନ୍ତ କ୍ୟାଟ୍ରିଜ,ପାଂଚୋଟି ୯ ମିମି ଜୀବନ୍ତ କ୍ୟାଟ୍ରିଜ,ତିନୋଟି .୩୨ ଜୀବନ୍ତ କ୍ୟାଟ୍ରିଜ,ଗୋଟିଏ ୧୨ ବୋର ବେରଲ ଜୀବନ୍ତ କ୍ୟାଟ୍ରିଜ,ଦୁଇଟି ୫.୫୬ ମିମି ଇନ୍ସାସ ମ୍ୟାଗାଜିନ,ଗୋଟିଏ ଟ୍ୟୁବ ଲଂଚର,ତିନୋଟି ଟିୟର ସ୍ମୋକ ଶେଲ ସଫ୍ଟ ନୋଜ (ଏସଆର), ଦୁଇଟି ଟିୟର ସ୍ମୋକ ଶେଲ,ଗୋଟିଏ ଏକ ଷ୍ଟନ ଶେଲ(ଏଂଟୀ-ରାୟଟ),ଗୋଟିଏ ଅନ୍ୟ ଟିୟର ସ୍ମୋକ ଶେଲ,ଗୋଟିଏ ୱାୟରଲେସ ରେଡିଓ ସେଟ ଉଦ୍ଧାର କରାଯାଇଛି।

# ସୁନା ଗ୍ରାହକଙ୍କ ପାଇଁ ଖୁସି ଖବର

**ନୂଆଦିଲ୍ଲୀ,୯।୪(ଏଜେନ୍ସି):** ସୁନା ଗ୍ରାହକଙ୍କ ପାଇଁ ଖୁସି ଖବର । ବେଶ୍ କିଛିଦିନ ଧରି ଦର ବିବା ପରେ ଏବେ ଏଥିରେ



ଲାଗିଛି ବ୍ରେକ୍ ।ଦୁଇ ଦିନରେ ପ୍ରାୟ ୩ ହଜାର ଟଙ୍କା କମିଛି ସୁନା ଦର । ଆଗକୁ ଦର ଆହୁରି କମିବା ନେଇ ଆଶା ଦେଖାଦେଇଛି । ବର୍ତ୍ତମାନ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ରହିଛି ୯୦, ୬୬୦ ଟଙ୍କା । ୨୨ କ୍ୟାରେଟ୍ ସୁନାର ମୂଲ୍ୟ ରହିଛି ୮୩, ୧୦୦ ଟଙ୍କା । ଆମେରିକୀୟ ଆକଳନ ଅନୁସାରେ ସୁନାଦର ୭୫ ହଜାର ଟଙ୍କା ପର୍ଯ୍ୟନ୍ତ ଖସିପାରେ । ସୁନା ଦର କମୁଥିବାରୁ ଗ୍ରାହକଙ୍କ ମନରେ ଖୁସି । ଆଗକୁ ବିବାହ ଋତୁ ଆସୁଥିବା ବେଳେ ଏବେଠୁ ସୁନା କିଣିବା ଆରମ୍ଭ କଲେଣି ଲୋକେ । ତେବେ ସରକାର ସୁନା ଉପରୁ ଶୁଳ୍କ ହ୍ରାସ କଲେ ଏହାର ଦର ନିୟନ୍ତ୍ରଣକୁ ଆସିପାରିବ ବୋଲି ମତ ରଖିଛନ୍ତି ଗ୍ରାହକ । ଟ୍ରମ୍ପଙ୍କ ଶୁଳ୍କ ନୀତି ଏବଂ ବିଶ୍ୱ ବଜାରେ ସ୍ଥିରତା ଯୋଗୁଁ କମୁଛି ସୁନା ଦର । ତେବେ ଦର ହ୍ରାସ ଗ୍ରାହକଙ୍କୁ ଯେତିକି ଆଶ୍ୱସ୍ତ କରିଛି ନିବେଶକଙ୍କୁ ସେତିକି ଚିନ୍ତାରେ ପକାଇଛି । ଯେଉଁମାନେ ସୁନାରେ ନିବେଶ କରିଥିଲେ ସେମାନଙ୍କୁ ଏବେ ବଡ଼ କ୍ଷତି ସହିବାକୁ ପଡ଼ିପାରେ।

# ବଢ଼ିବନି ପେଟ୍ରୋଲ ଓ ଡିଜେଲ୍

**ନୂଆଦିଲ୍ଲୀ,୯।୪(ଏଜେନ୍ସି):** ଖବର ଆସିଥିଲା ପେଟ୍ରୋଲ ଓ ଡିଜେଲ୍ ୨ ଟଙ୍କା ବଢ଼ିପାରେ । କିନ୍ତୁ ଏଥିରେ ପୂର୍ଣ୍ଣଚ୍ଛେଦ ପଡିଛି । ବଢ଼ିବନି ପେଟ୍ରୋଲ ଓ ଡିଜେଲ୍ ଦର । ଏକ୍ସାଇଜ ଡ୍ୟୁଟି ବୃଦ୍ଧି




ପରେ ମଧ୍ୟ ବଢ଼ିବନି ପେଟ୍ରୋଲ ଓ ଡିଜେଲ୍ ଦାମ୍ । ଏନେଇ ପେଟ୍ରୋଲିୟମ ମନ୍ତ୍ରାଳୟ ପକ୍ଷରୁ ସୂଚନା ଜାରି କରାଯାଇଛି । ବର୍ତ୍ତମାନ ଅଶୋଧିତ ତୈଳର ଅନ୍ତର୍ଜାତୀୟ ମୂଲ୍ୟରେ ଅସ୍ଥିରତା ରହିଛି। ଏପରି ପରିସ୍ଥିତିରେ, ତୈଳ ଦର ବୃଦ୍ଧି ପଦକ୍ଷେପ ସାଧାରଣ ଲୋକଙ୍କ ପକେଟ ଉପରେ ଅତିରିକ୍ତ ବୋଝ ପକାଇଥାନ୍ତା । ବିଶେଷକରି ଯେଉଁମାନେ ପ୍ରତିଦିନ ଯାନରେ ଯାତ୍ରା କରନ୍ତି କିମ୍ବା ପରିବହନ କ୍ଷେତ୍ର ସହିତ ଜଡିତ ସେମାନଙ୍କୁ ଖୁବ୍ ବାଧିଥାନ୍ତା ।

# ଭାରତର ଚିକେନ୍ ନେକ୍ ନିକଟରେ ଏୟାରଫିଲ୍ଡ ତିଆରି କରିବ ଚୀନ୍

**ନୂଆଦିଲ୍ଲୀ,୯।୪(ଏଜେନ୍ସି):** ଭାରତର ଚିକେନ୍ ନେକ୍ ନିକଟରେ ଡ୍ରାଗନର ମାଷ୍ଟର ପ୍ଲାନ୍ । ବାଂଲାଦେଶ ଲାଲମୋନିରହାଟ ଜିଲ୍ଲାରେ ଏୟାରଫିଲ୍ଡ ତିଆରି କରିବ ଚୀନ୍ । ସବୁଜ ସଙ୍କେତ ଦେଲା ବାଙ୍ଗଲାଦେଶ । ଭାରତ ସରକାରଙ୍କ ବଢ଼ିଲା ଟେନସନ୍ । ସୀମା ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ । ଜାତୀୟ ଗଣମାଧ୍ୟମ ସୂଚନା ଅନୁଯାୟୀ, ବାଂଲାଦେଶର ଲାଲମୋନିରହାଟ ଜିଲ୍ଲାରେ ଚୀନ ଏୟାରଫିଲ୍ଡ ସ୍ଥାପନ କରିବ । ମହମ୍ମଦ ୟୁନୁସଙ୍କ



ଚୀନ ଗସ୍ତ ସମୟରେ ଦୁଇ ଦେଶ ମଧ୍ୟରେ ଏନେଇ ଆଲୋଚନା ହୋଇଛି । ତେବେ ଔପଚାରିକ ଭାବେ ଦୁଇ ଦେଶ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ । ଏହି ଖବର ମିଳିବା ପରେ ଭାରତ ସରକାରଙ୍କ ଟେନସନ୍ ବଢ଼ିଛି । କାରଣ ଦୀର୍ଘ ଦିନ ହେବ ଭାରତର ଚିକେନ ନେକ୍ ଉପରେ ଚୀନ, ପାକିସ୍ତାନ ଭଳି ଦେଶ ଗୁଡ଼ିକର ଲୋଲୁପ ଦୃଷ୍ଟି ରହିଛି । ଗତ କିଛି ଦଶନ୍ଧି ମଧ୍ୟରେ ଏହି ଅଞ୍ଚଳରେ ଜନସଂଖ୍ୟା ସନ୍ତୁଳନ ମଧ୍ୟ ବିଗିଡ଼ିଛି । ସେପଟେ ଭୌଗୋଳିକ ଦୃଷ୍ଟିରୁ ମଧ୍ୟ ଚିକେନ୍ ନେକ୍ ଭାରତ ପାଇଁ ଖୁବ୍ ସମ୍ବେଦନଶୀଳ ସ୍ଥାନ । କାରଣ ପୂର୍ବୋତ୍ତର ରାଜ୍ୟ ଗୁଡ଼ିକୁ ଯୋଡୁଛି ଚିକେନ୍ ନେକ୍ । ଯାହାକି ପଶ୍ଚିମବଙ୍ଗରେ ଅବସ୍ଥିତ । ଏହାକୁ ଲାଗିଛି ନେପାଳ, ବାଂଲାଦେଶ, ଭୂଟାନ ଏବଂ ଚୀନ । ସେପଟେ ପଶ୍ଚିମବଙ୍ଗର କୁଚବିହାର ଏବଂ ଜଲପାଇଗୁଡ଼ିକୁ ଲାଗିଛି ବାଂଲାଦେଶର ଲାଲମୋନିରହାଟ ଜିଲ୍ଲା । ପ୍ରତିରକ୍ଷା ଦୃଷ୍ଟିରୁ ବି ଖୁବ୍ ସମ୍ବେଦନଶୀଳ ଏହି ସ୍ଥାନ । ଏଠାରେ ସର୍ବଦା ହାଇ ଆଲର୍ଟରେ ରୁହନ୍ତି ଭାରତୀୟ ସେନା । ତେଣୁ ଚିକେନ୍ ନେକ୍ ନିକଟରେ ଯଦି ଚୀନ୍ ଏୟାରଫିଲ୍ଡ ସ୍ଥାପନ କରେ ତାହେଲେ ଆଗାମୀ ଦିନରେ ଭାରତର ସୀମା ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେବ ।

# ମିଆଁମାର ଭୂମିକମ୍ପ ମୃତ୍ୟୁସଂଖ୍ୟା ୩୬୦୦ ଟପିଲା

**ୟାଙ୍ଗନ୍,୯।୪(ଏଜେନ୍ସି):** ମିଆଁମାରରେ ହୋଇଥିବା ଭୟଙ୍କର ଭୂମିକମ୍ପ ପରଠାରୁ ଏପର୍ଯ୍ୟନ୍ତ ମୋଟ ୯୮ଟି ଭୂମିକମ୍ପ ଅନୁଭୂତ ହୋଇଛି । ଦେଶର ପାଣିପାଗ ଏବଂ ଜଳବିଜ୍ଞାନ ବିଭାଗ ମଙ୍ଗଳବାର ଏହି ସୂଚନା ଦେଇଛି । ଏସବୁ ଭୂମିକମ୍ପର ତୀବ୍ରତା ୨.୮ ରୁ ୭.୫ ପର୍ଯ୍ୟନ୍ତ ଥିଲା । ମିଆଁମାରରେ ୭.୭ ତୀବ୍ରତାର ଭୂମିକମ୍ପରେ ମୃତ୍ୟୁ ସଂଖ୍ୟା ୩,୬୦୦କୁ ବୃଦ୍ଧି ପାଇଛି, ୫୦୧୭ ଜଣ ଆହତ ହୋଇଛନ୍ତି ଏବଂ ୧୬୦ ଜଣ ଏବେ ବି ନିଖୋଜ ଅଛନ୍ତି । ନ୍ୟୁଜ୍ ଏଜେନ୍ସି ଜିନହୁଆ ଅନୁଯାୟୀ, ରାଜ୍ୟ ପ୍ରଶାସନ ପରିଷଦର ସୂଚନା ଦଳ ଏହି ସୂଚନା ଦେଇଛନ୍ତି । ଦକ୍ଷିଣ ପୂର୍ବ ଏସୀୟ ଦେଶର ମାଣ୍ଡାଲେ ଅଞ୍ଚଳରେ ମାର୍ଚ୍ଚ ୨୮ ତାରିଖରେ ଏକ ଶକ୍ତିଶାଳୀ ଭୂମିକମ୍ପ



ଅନୁଭୂତ ହୋଇଥିଲା, ଏହାର କିଛି ମିନିଟ୍ ପରେ ୬.୪ ତୀବ୍ରତାର ଦ୍ୱିତୀୟ ଭୂମିକମ୍ପ ଅନୁଭୂତ ହୋଇଥିଲା, ଯାହା ଫଳରେ ବହୁ ଜୀବନ ଏବଂ ସମ୍ପତ୍ତି କ୍ଷତି ହୋଇଥିଲା । ଭୂମିକମ୍ପ ମାଣ୍ଡାଲେ ଭଳି ଅନେକ ସହରକୁ ଧ୍ୱଂସ କରିଦେଇଥିଲା । ଜାତିସଂଘ ସମେତ ଅନ୍ୟାନ୍ୟ ଆନ୍ତର୍ଜାତୀୟ ସହାୟତା ସଂଗଠନଗୁଡ଼ିକ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ସଂଘର୍ଷ କରିଥିଲେ । ତଥାପି, ଜାତିସଂଘ, ଆମେରିକା, ଭାରତ, ୟୁରୋପୀୟ ସଂଘ, ଅନ୍ୟାନ୍ୟ ଅନେକ ଦେଶ ଏବଂ ଅନ୍ତର୍ଜାତୀୟ ସଂଗଠନ ମିଆଁମାରର ଭୂମିକମ୍ପ ପୀଡିତଙ୍କ ପାଇଁ ସାହାଯ୍ୟ ଏବଂ ଉଦ୍ଧାର ଦଳ ପଠାଇଥିଲେ । ଭାରତ ’ଅପରେସନ୍ ବ୍ରହ୍ମା’ ଆରମ୍ଭ କରିଥିଲା । ଏହି ଅଭିଯାନ ଅଧୀନରେ, ନୂଆଦିଲ୍ଲୀ ମିଆଁମାରକୁ ଅନେକ ଟନ୍ ଚିକିତ୍ସା ସାମଗ୍ରୀ ଏବଂ ରିଲିଫ୍ ସାମଗ୍ରୀ ପଠାଇଥିଲା ।

# ତାମିଲନାଡୁ ରାଜ୍ୟପାଳଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ,୯।୪(ଏଜେନ୍ସି):** ତାମିଲନାଡୁ ରାଜ୍ୟପାଳଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା । କ’ଣ ପାଇଁ ବିଲ୍ ଗୁଡିକ ଉପରେ ନିଷ୍ପତ୍ତି ନିଆଯାଉନି , କାହିଁକି ଆଇନରେ ପରିଣତ କରାଯାଉନି ? କ’ଣ ରହିଛି ସମସ୍ୟା ଏନେଇ ରାଜ୍ୟପାଳଙ୍କୁ ପ୍ରଶ୍ନ କରିଛନ୍ତି ସୁପ୍ରିମକୋର୍ଟ ସୁପ୍ରିମକୋର୍ଟ । ସର୍ବ ସହମତିରେ ଯଦି ବିଧାନସଭାରେ ବିଲ୍ ପାରିତ ହୋଇଛି ତେବେ ଏହାକୁ ଆଇନରେ ପରିଣତ ନକରି ଏହାକୁ ରୋକିବା ରାଜ୍ୟପାଳଙ୍କ ଦାୟିତ୍ୱ ବୋଧକୁ କ୍ଷୁର୍ଣ୍ଣ କରୁଛି ବୋଲି ଆଜିର ଶୁଣାଣିରେ କହିଛନ୍ତି କୋର୍ଟ । ରାୟ ଦେଇଛନ୍ତି ଯେ, ରାଜ୍ୟପାଳ ଆରଏନ ରବିଙ୍କ ଦ୍ୱାରା ୧୦ଟି



ପ୍ରମୁଖ ବିଲ୍ ପାଇଁ ଅନୁମୋଦନ ସ୍ଥଗିତ ରଖିବାର ନିଷ୍ପତ୍ତି ବେଆଇନ ଓ ମନମାନି ମନୋଭାବକୁ ଦର୍ଶାଉଛି । ଏଭଳି ବିଲକୁ ରୋକାଯାଇପାରିବନି । ଜଷ୍ଟିସ ଜେବି ପାରଦିୱାଲା ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି , ସମ୍ବିଧାନର ଧାରା ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ ସମ୍ମୁଖରେ ରାଜ୍ୟ ସଦନ ଦ୍ୱାରା ଗୃହୀତ ଏକ ବିଲ୍ ଉପସ୍ଥାପିତ ହେଲେ ରାଜ୍ୟପାଳ ତାଙ୍କର ସମ୍ମତି ପ୍ରଦାନ କରିପାରିବେ, ସହମତି ସ୍ଥଗିତ ରଖିପାରିବେ କିମ୍ବା ରାଷ୍ଟ୍ରପତିଙ୍କ ବିଚାର ପାଇଁ ବିଲ୍ ସଂରକ୍ଷଣ କରିପାରିବେ । ରାଜ୍ୟପାଳ କିଛି ବ୍ୟବସ୍ଥାରେ ପୁନଃବିଚାର ପାଇଁ ଗୃହ କିମ୍ବା ଗୃହକୁ ବିଲ୍ ଫେରାଇ ପାରିବେ । ଯଦି ଗୃହ ଏହାକୁ ପୁନର୍ବାର ଗୃହୀତ କରେ, ତେବେ ରାଜ୍ୟପାଳ ନିଜ ସମ୍ମତି ପ୍ରକାଶ କରିବେ ।

# କୋଚ୍‌ଙ୍କ ମୁହଁରେ ପ୍ରିୟାଂଶ ଆର୍ଯ୍ୟଙ୍କ ସଫଳତାର କାହାଣୀ

ମୁମ୍ବାଇ ୦୯।୪: ଆଇପିଏଲ୍ ୨୦୨୫ ଦୈନିକ ନୂଆ। ନୂଆ। ରେକର୍ଡ କିଏ ଇତିହାସ କରୁଛି ତ ଆଉ କିଏ ଭାଙ୍ଗୁଛି ବିଶେଷ କରି ଚମକୁଛନ୍ତି ଯୁବ ତାରକା ମଙ୍ଗଳବାର ବିପକ୍ଷ ମ୍ୟାଚ୍‌ରେ ଚମକିଥିଲେ ଜଣେ ଯୁବ ଖେଳାଳି ରଚ୍ଛିଥିଲେ ନୂଆ କୀର୍ତ୍ତିମାନ। ୩୯ ବଲର ହାସଲ କରିଥିଲେ ସେଞ୍ଚୁରୀ ପ୍ରତି ବଲ୍‌ରେ ରନ୍ ବର୍ଷା ଆଉ ମ୍ୟାଚ୍ ପରେ ପାଲଟିଗଲେ ସବୁରି ପ୍ରିୟର ପାତ୍ର ତେବେ ।

ଆଇପିଏଲ୍‌ର ଚମକୁଥିବା ଏହି ତାରକଙ୍କ ଜୀବନି ଥିଲା ବେଶ୍ କଷ୍ଟସାଧ। ଏକଥା ଆମେ କହୁନୁ ବରଂ ଖୁଲାସା କରିଛନ୍ତି କୋଚ୍ ତଥା ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ସଞ୍ଜୀବ ଭରଦ୍ୱାଜ । ଦିଲ୍ଲୀ ବାସିନ୍ଦା ୨୪ ବର୍ଷୀୟ ପ୍ରିୟାଂଶ ଆର୍ଯ୍ୟ ବାପା ପେଶାରେ ଜଣେ ଶିକ୍ଷକ। ପିଲାଟି ବେଳୁ କ୍ରିକେଟ ପ୍ରତି ଥିଲା ଦୁର୍ବଳତା । ସେଥିପାଇଁ



ସେ ୧୦ ବର୍ଷ ବୟସରୁ ଆରମ୍ଭ କରିଥିଲେ କ୍ରିକେଟ ଖେଳ। କୋଚ୍ ସଞ୍ଜୟ ଭାରଦ୍ୱାଜଙ୍କଠୁ ତାଲିମ ନେଇଥିଲେ ପ୍ରିୟାଂଶ ତେବେ ତାଙ୍କର ଟ୍ରେନିଂ ଥିଲା ବେଶ୍ କଷ୍ଟସାଧ ।

ଭୋପାଲଠୁ ୨୦କିଲୋମିଟର ଦୂର ଜଙ୍ଗଲରେ ଥିବା କ୍ରିକେଟ ଏକାଡେମୀରେ ପ୍ରାକ୍ଟିସ କରୁଥିଲେ ପ୍ରିୟାଂଶ। ଆଉ ତାଙ୍କ ଏହି କଷ୍ଟବସାଧ ବଳରେ ସେ ଆଜି ଉଦୀୟମାନ ପ୍ରତିଭା । ପ୍ରଥମେ ଦିଲ୍ଲୀ ପ୍ରିମିୟର ଲିଗରେ ୬ବଲରେ ମାରିଥିଲେ ୬ ଛକା ୪୦ ବଲରେ ଶତକ ମାରିଥିଲେ। ହେଲେ କାଲି ସେ ଚେନ୍ନାଇ ବିପକ୍ଷରେ ଦମଦାର ଶତକ ହାସଲ କରିଛନ୍ତି ଚଳିତ ଆଇପିଏଲରେ ଗୁଜରାଟ ବିପକ୍ଷରେ ଡେବ୍ୟୁ କରିଥିଲେ। ମେଗା ନୀଲାମିରେ ତାଙ୍କୁ ୩ କୋଟି ୮ ଲକ୍ଷ ଟଙ୍କାରେ କିଣିଥିଲା ପଞ୍ଜାବ କିଙ୍ଗସ୍ ।

ମଙ୍ଗଳବାର ଚେନ୍ନାଇ ସୁପରକିଙ୍ଗସ-ପଞ୍ଜାବ କିଙ୍ଗସର ଏକ ମ୍ୟାଚ ଥିଲା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ପଞ୍ଜାବ। ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ପଞ୍ଜାବ ।ଗୋଟିଏ ପରେ ଗୋଟିଏ ୱିକେଟ ହରାଇଥିଲା ପଞ୍ଜାବ। ଓପନିଂରେ ମୈଦାନକୁ ଆସିଥିଲେ ପ୍ରିୟାଂଶ ଆର୍ଯ୍ୟ। ଆଉ ତାହା ପରେ ପଡ଼ିଆରେ ବର୍ଷିଥିଲା ଚୌକା ଛକା ୩୯ ବଲରେ ବିସ୍ଫୋରକ ଶତକ ହାସଲ କରିଥିଲେ ପ୍ରିୟାଂଶ । ୪୨ ବଲରେ ୧୦୩ରନର ଇନିଂସ ଖେଳିଥିଲେ ସେଥିରେ ୭ ଚୌକା ଓ ୯ ଛକା ସାମିଲ ଥିଲା। ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପଞ୍ଜାବର ଏହି ଷ୍ଟାର ପ୍ଲେୟାରଙ୍କୁ ନେଇ ଚର୍ଚ୍ଚା ପ୍ରିୟାଂଶଙ୍କ ଶତକ ବଳରେ ପଞ୍ଜାବ କିଙ୍ଗସ୍ ବିଜୟଧାରାକୁ ଫେରିଛି।

## ସର୍ବଭାରତୀୟ ପୁଲିସ ହକି

# କର୍ଣ୍ଣାଟକ ୨୦-୧, ସିଆର୍‌ପିଏଫ୍ ୨୧-୧ରେ ବିଜୟୀ

ଭୁବନେଶ୍ୱର,୯।୪: କଳିଙ୍ଗ ଷ୍ଟାଡିୟମ୍ ହକି ଷ୍ଟାଡିୟମ୍‌ରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୁଲିସ ହକି ପ୍ରତିଯୋଗିତାରେ ମୋଟ ୭ ମ୍ୟାଚ୍ ଖେଳାଯାଇଛି। ସେଥିମଧ୍ୟରେ ରହିଛି ପୁରୁଷ ବର୍ଗର ୬ ଏବଂ ମହିଳା ବର୍ଗର ଗୋଟିଏ ମ୍ୟାଚ୍ ।

ପ୍ରଥମ ମ୍ୟାଚ୍‌ରେ ଉତ୍ତରପ୍ରଦେଶ ପୁଲିସ ୯-୦ ଗୋଲ୍‌ରେ ମହାରାଷ୍ଟ୍ର ପୁଲିସ୍‌କୁ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ କର୍ଣ୍ଣାଟକ ପୁଲିସ ୨୦-୧ରେ ଗୁଜରାଟ ପୁଲିସକୁ ହରାଇଛି ।ତୃତୀୟ ମ୍ୟାଚ୍‌ରେ ତ୍ରେଲେଙ୍ଗାନା ପୁଲିସ ୯-୧ ଗୋଲ୍‌ରେ କେରଳ ପୁଲିସକୁ ଏବଂ ଚତୁର୍ଥ ମ୍ୟାଚ୍‌ରେ ସିଆର୍‌ପିଏଫ୍ ଦଳ ୨୧-୧ରେ ପୁଡୁଚେରୀ ପୁଲିସକୁ ହରାଇଛି ପଞ୍ଚମ ମୁକାବିଲାରେ ଉତ୍ତରପ୍ରଦେଶ ମହିଳା ପୁଲିସ ୬-୧ ଗୋଲ୍‌ରେ ତାମିଲନାଡୁ ମହିଳା ପୁଲିସକୁ ହରାଇ ଅଭିଯାନ ଆରମ୍ଭ କରିଛି ।ସେହିଭଳି ପଞ୍ଜାବ ଓ ମଧ୍ୟପ୍ରଦେଶ ମଧ୍ୟରେ ଖେଳାଯାଇଥିବା ଷଷ୍ଠ ମ୍ୟାଚ୍‌ରେ ପଞ୍ଜାବ ୭-୧ରେ ଏବଂ ଏସ୍‌ଏସ୍‌ବି ଓ ହରିୟାଣା ପୁଲିସ ମଧ୍ୟେ ଖେଳଯାଇଥିବା ସପ୍ତମ ମ୍ୟାଚ୍‌କୁ ହରିୟାଣା ଏକତରଫା ଭାବେ ୧୮-୦ ଗୋଲ୍‌ରେ ଜିତି ନେଇଥିଲା। ମଙ୍ଗଳବାର ଦିନରେ ୪ ଏବଂ ସଂଧ୍ୟାରେ ୩ଟି ମ୍ୟାଚ୍ ଖେଳାଯାଇଥିଲା ।

ମଙ୍ଗଳବାର କ୍ରୀଡ଼ା ବିଭାଗର ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ



(ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସ୍‌ସିଆର୍‌ବି ନିର୍ଦ୍ଦେଶକ ଡ. ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା ବିଭାଗ) ଅରୁଣ ବୋଥ୍ରା ଏବଂ ଖୋର୍ଦ୍ଧା ଏସପି ସାଗରିକା ନାଥ, ଆୟୋଜନ କମିଟିର ଉପାଧ୍ୟକ୍ଷ ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ରାଜେଶ କୁମାର, ଆଇଜି (ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

## ଆଜିର ମ୍ୟାଚ୍

**ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ**
**ବନାମ**
**ଦିଲ୍ଲୀ କ୍ୟାପିଟାଲ୍ସ**

## ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ | ୦୩ | ୦୩ | ୦୦ | ୦୬ |
| ଗୁଜରାଟ ଟାଇଟନ୍ସ | ୦୪ | ୦୩ | ୦୧ | ୦୬ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୦୪ | ୦୩ | ୦୧ | ୦୬ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୦୫ | ୦୩ | ୦୨ | ୦୬ |
| ପଞ୍ଜାବ କିଙ୍ଗ୍‌ସ | ୦୩ | ୦୨ | ୦୧ | ୦୪ |
| କୋଲକାତା ନାଇଟ୍ ରାଇଡର୍ସ | ୦୫ | ୦୨ | ୦୩ | ୦୪ |
| ରାଜସ୍ଥାନ ରୟାଲ୍‌ସ | ୦୪ | ୦୨ | ୦୨ | ୦୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୦୫ | ୦୧ | ୦୪ | ୦୨ |
| ଚେନ୍ନାଇ ସୁପର କିଙ୍ଗ୍‌ସ | ୦୪ | ୦୧ | ୦୩ | ୦୨ |
| ସନରାଇଜର୍ସ ହାଇଦ୍ରାବାଦ | ୦୫ | ୦୧ | ୦୪ | ୦୨ |

# ଚେନ୍ନାଇର ଲଗାତାର ୪ର୍ଥ ପରାଜୟ

## ପ୍ରିୟାଂଶଙ୍କ ଶତକ ବଳରେ ୧୮ ରନରେ ଜିତିଲା କିଙ୍ଗ୍‌ସ

ଚଣ୍ଡିଗଡ଼,୯।୪: ପ୍ରିୟାଂଶ ଆର୍ଯ୍ୟଙ୍କ ଦମଦାର ଶତକ ପରେ ବୋଲରଙ୍କ ମାପଚୁପ ବୋଲିଂ ଚଣ୍ଡିଗଡ଼ରେ ଖେଳା ଯାଇଥିବା ଆଇପିଏଲ୍‌ର ୨୨ତମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ ୧୮ ରନରେ ଚେନ୍ନାଇ ସୁପର କିଙ୍ଗ୍ସକୁ ହରାଇଛି। ବିଜୟ ସହ ପଞ୍ଜାବ କିଙ୍ଗ୍ସ ୬ ପଏଣ୍ଟ ପାଇ ଅଙ୍କ ତାଲିକାରେ ଚତୁର୍ଥରେ ରହିଛି। ଅନ୍ୟପଟେ ଚେନ୍ନାଇର ପରାଜୟ ଧାରା ଜାରି ରହିଛି। ଦଳ ଲଗାତାର ଚତୁର୍ଥ ପରାଜୟ ଭୋଗି ନବମ ସ୍ଥାନରେ ରହିଛି।

ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ପ୍ରିୟାଂଶ ଆର୍ଯ୍ୟଙ୍କ ୧୦୩ ରନ ଓ ଶଶାଙ୍କ ସିଂଙ୍କ ୫୨ ରନ ବଳରେ ୬ ୱିକେଟ୍ ବିନିମୟରେ ୨୧୯ ରନ କରିଥିଲା। ଜବାବରେ ଚେନ୍ନାଇ ୫ ୱିକେଟ୍ ହରାଇ ୨୦୧ ରନ କରି ପାରିଛି ଡେଭନ କନୱେ ସର୍ବାଧିକ ୬୯ ରନ କରି ରିଟାୟର୍ଡ ହଟ୍ ହୋଇଥିବା ବେଳେ ଶିବମ ଦୁବେ ୪୨ ରନ କରିଥିଲେ। ଧୋନୀ ଦ୍ରୁତ ୨୭ ରନ କରିଥିଲେ। ଦଳକୁ ଜିତାଇ ପାରି ନ ଥିଲେ।





୨୨୦ ରନର ବିଜୟ ଲକ୍ଷ୍ୟ ପିଛା କରିବାକୁ କ୍ରିଜକୁ ଓହ୍ଲାଇଥିବା ଚେନ୍ନାଇ ପକ୍ଷରୁ ଦୁଇ ଓପନର ରଚିନ ରବୀନ୍ଦ୍ର ଓ ଡେଭନ କନୱେ ଭଲ ଆରମ୍ଭ ଦେଇଥିଲେ। ରଚିନ ୩୬ ରନ କରିଥିବା ବେଳେ କନୱେଙ୍କ ସହ ୬୧ ରନ ଯୋଡ଼ିଥିଲେ। ଅଧିନାୟକ ଋତୁରାଜ ଗାଏକ୍ୱାଡ଼ ୧ ରନ କରି ଆଉଟ୍ ହେବା ଦଳକୁ ନିରାଶ କରିଥିଲା। ଏହା ପରେ କନୱେ ଓ ଶିବମ ଦୁବେ ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିଥିଲେ। ଉଭୟ ୮୯ ରନ ଯୋଡ଼ିଥିଲେ ହେଁ ଦଳକୁ ଜିତିବା ପାଇଁ ଯେତିକି ଦ୍ରୁତ ବ୍ୟାଟିଂର ଆବଶ୍ୟକତା ଥିଲା ତାହା କରିବାରେ ବିଫଳ ହୋଇଥିଲେ। ୧୬ତମ ଓଭରରେ ଶିବମ ଦୁବେ ୪୨ ରନ କରି ପାଭିଲିୟନ ଫେରିଥିଲେ। ଏହି ସମୟରେ ଚେନ୍ନାଇକୁ ମ୍ୟାଚ୍ ଜିତିବା ପାଇଁ ୨୫ ବଲରୁ ୬୯ ରନ ଆବଶ୍ୟକ ଥିଲା । ବିସ୍ଫୋରକ ବ୍ୟାଟିଂ କରିବାରେ ବିଫଳ ହେବା କାରଣରୁ କନୱେ ବ୍ୟକ୍ତିଗତ ୬୯ ରନ ସ୍କୋରରେ ରିଟାୟର୍ଡ ଆଉଟ୍ ହୋଇଥିଲେ। ତାଙ୍କ ସ୍ଥାନରେ ରବୀନ୍ଦ୍ର ଜାଡ଼େଜା ବ୍ୟାଟିଂ କରିବାକୁ ଆସିଥିଲେ କିନ୍ତୁ ସେତେବେଳକୁ ବହୁତ ବିଳମ୍ବ ହୋଇ ସାରିଥିଲା ଫଳସ୍ୱରୂପ ଚେନ୍ନାଇକୁ ଶେଷ ୩ ଓଭରରେ ୫୯ ରନ ଦରକାର ଥିଲା, ଯାହା ଜରୁରୀ ରନ ରେଟରୁ ଢେର ଅଧିକ ଥିଲା। ଧୋନୀ ସମାଲୋଚକଙ୍କୁ ଜବାବ ଦେବାକୁ ଯାଇ ଆଜି ନମ୍ବର ୫ରେ ବ୍ୟାଟିଂ କରିବାକୁ ଆସିଥିଲେ କିନ୍ତୁ ପୂର୍ବରୁ ଦଳର ଆବଶ୍ୟକ ରନ ହାର ବଢି ଯାଇଥିଲା। ଧୋନୀ ୧୨ ବଲରୁ ୧ ଚୌକା ଓ ୩ ଛକା ସହ ୨୭ ରନ କରି ଆଉଟ୍ ହେବା ସହ ଦଳର ପରାଜୟ ସୁନିଶ୍ଚିତ ହୋଇ ଯାଇଥିଲା ଚେନ୍ନାଇ ୫ ୱିକେଟ୍ ହରାଇ ୨୦୧ ରନ କରି ପାରିଥିଲା।

ଏହି ମ୍ୟାଚରେ ପଞ୍ଜାବ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ପ୍ରଥମେ ବ୍ୟାଟିଂ କରି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୧୯ ରନ କରିଥିଲା । ଆଶ୍ଚର୍ଯ୍ୟ କଥା ହେଉଛି ଆଉଟ ହୋଇଥିବା ଏହି ୬ ଜଣ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରୁ ୫ ଜଣ ଦୁଇ ଅଙ୍କ ଛୁଇଁପାରିନଥିଲେ। ତେବେ ପ୍ରିୟାଂଶ ଆର୍ଯ୍ୟା ଲଢୁଆ। ବ୍ୟାଟିଂର ପ୍ରଦର୍ଶନ କରି ମାତ୍ର ୪୨ଟି ବଲରେ ଶତକ ଅର୍ଜନ କରିଥିଲେ । ସେହିପରି ଶଶାଙ୍କ ସିଂ ଅପରାଜିତ ୫୨ ରନ ଓ ମାର୍କୋ ଜାନସେନ ୩୪ ରନ କରିଥିଲେ । ଚେନ୍ନାଇ ପକ୍ଷରୁ ଖଲିଲ ଅହମ୍ମଦ ଓ ରବିଚନ୍ଦ୍ରନ ଅଶ୍ୱୀନ ୨ଟି ଲେଖାଏଁ ୱିକେଟ ନେଇଥିଲେ ।

# ମୁହଁ ଖୋଲିଲେ ବିବାଦ ସୃଷ୍ଟି ହେବ: ରାହାଣେ

କୋଲକାତା: ଆଇପିଏଲ୍ ୨୦୨୫ର ୨୧ତମ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ(କେକେଆର) ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ(ଏଲଏସଜି) ମଧ୍ୟରେ ଖେଳାଯାଇଥିଲା ।କୋଲକାତା ନାଇଟ୍ ରାଇଡର୍ସ ପରାଜୟ ପରେ ଅଜିଙ୍କ୍ୟ ରାହାଣେ ନିରାଶ ହୋଇଯାଇଛନ୍ତି ଅଜିଙ୍କ୍ୟ ନିରାଶ ହେବାର କାରଣ ଇଡେନ୍ ଗାର୍ଡେନର ପିଚ୍ ରହିଛି ପୂର୍ବରୁ ମଧ୍ୟ ସେ ଇଚ୍ଛାକୃତ ପିଚ୍ ନ ପାଇବା ବିଷୟରେ ଖୋଲାଖୋଲି ଭାବରେ ଆଲୋଚନା କରିଥିଲେ ।ମ୍ୟାଚ୍ ପରେ ସାମ୍ବାଦିକ ସମ୍ମିଳନୀରେ ରାହାଣେ କହିଥିଲେ, 'ପ୍ରଥମେ ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ ପିଚ୍‌ରେ ସ୍ପିନରମାନଙ୍କ ପାଇଁ କୌଣସି ସାହାଯ୍ୟ ନଥିଲା ପୂର୍ବରୁ ବି ଏହି ପିଚକୁ ନେଇ ଅନେକଥର ଅଭିଯୋଗ କରିଛି ମୁଁ ପିଚ୍ ବଦଳାଇବାକୁ ଚାହୁଁଥିବା ବେଳେ କ୍ୟୁରେଟର ସୁଜନ ମୁଖାର୍ଜୀ ଶୁଣି ନଥିଲେ ଚଳିତଥର ଯଦି ମୁହଁ ଖୋଲେ ନିଶ୍ଚୟ ବିବାଦ ସୃଷ୍ଟି ହେବ ।ଇଡେନ୍ ଗାର୍ଡେନ୍ ପିଚ୍ କ୍ୟୁରେଟର ସୁଜନ ମୁଖାର୍ଜୀଙ୍କୁ ଆକ୍ଷେପ କରି ଅଜିଙ୍କ୍ୟ କହିଛନ୍ତି, 'ଆମ କ୍ୟୁରେଟରଙ୍କୁ ବହୁତ ପ୍ରଚାର ମିଳିଛି ମୁଁ ଭାବୁଛି ସେମାନେ ଏହି ପ୍ରଚାରରେ ଖୁବ ଖୁସି ତୁମେ ଘରୋଇ ଲାଭ ବିଷୟରେ ଯାହା ଇଚ୍ଛା ଲେଖିପାରିବ, ତୁମେ ଯାହା ଅନୁଭବ କଲ ଯଦି ମୋର କୌଣସି ଚିନ୍ତା ଥାଏ, ତେବେ ମୁଁ ଏଠାରେ କହିବା ଅପେକ୍ଷା ଆଇପିଏଲକୁ କହବି ।

# ଚହଲଙ୍କୁ ମନର କଥା କହିଲେ ଆରଜେ ମହଭାଶ

ନୂଆଦିଲ୍ଲୀ,୯।୪: ପଞ୍ଜାବ କିଙ୍ଗସ୍ ଷ୍ଟାର ସ୍ପିନର୍ ଯୁଜଭେନ୍ଦ୍ର ଚହଲ୍ ବୁଧବାର ତାଙ୍କ ଇନଷ୍ଟାଗ୍ରାମ୍ ଷ୍ଟୋରୀରେ ଆରଜେ ମହଭାସ୍‌ଙ୍କ ସହ ଏକ ଫଟୋ ପୋଷ୍ଟ କରିଛନ୍ତି। ପରେ ଲୋକପ୍ରିୟ ରେଡିଓ ମହଭାସ୍ ମଧ୍ୟ ତାଙ୍କ ଇନଷ୍ଟାଗ୍ରାମ୍ ରେ ତାଙ୍କ ବନ୍ଧୁମାନଙ୍କର ଅନ୍ୟ କିଛି ଫଟୋ ସହିତ ସମାନ ଫଟୋ ପୋଷ୍ଟ କରିଥିଲେ।

ଏହି ଫଟୋର କ୍ୟାପସନ୍ ସେ ଲେଖିଥିଲେ: ନିଜର ଲୋକଙ୍କୁ କଷ୍ଟ ଏବଂ କଠିନ ସମୟରେ ସମର୍ଥନ କରିବା ଏବଂ ପଥର ପରି ସେମାନଙ୍କ ପଛରେ ଠିଆ ହେବା ପାଇଁ ! ଆମେ ସମସ୍ତେ ତୁମ ପାଇଁ ଏଠାରେ ଅଛୁ ଯୁଜଭେନ୍ଦ୍ର ଚହଲ୍ ଏହାପରେ ସେହି ଫଟୋରେ କମେଣ୍ଟ ଦେଇ ଭାରତୀୟ କ୍ରିକେଟ୍ ଦଳର ଷ୍ଟାର ସ୍ପିନର୍ ଚହଲ୍ ଲେଖିଛନ୍ତି: ତୁମମାନେ ମୋର ମେରୁଦଣ୍ଡ ! ମୋତେ ସବୁବେଳେ ସମର୍ଥନ କରିବା ପାଇଁ ଧନ୍ୟବାଦ।

ଧନଶ୍ରୀ ବର୍ମାଙ୍କ ସହିତ ତାଙ୍କ ଛାଡପତ୍ର ଖବର ପ୍ରସାରଣ ହେବା ପରେ, ଚହଲ୍ ଇଣ୍ଟରନେଟ୍ ସେଲିବ୍ରିଟି ଆରଜେ ମହଭାସ୍‌ଙ୍କ ସହିତ ଆଇସିସି ଚାମ୍ପିଅନ୍ସ



ଟ୍ରଫି ଫାଇନାଲ୍ ଦେଖୁଥିବାର ଦେଖାଯାଇଥିଲା। ଏହି ମୁହୂର୍ତ୍ତରେ ଦୁହେଁ ପରସ୍ପରକୁ ଡେଟ୍ କରୁଥିବା ଗୁଜବ ଆରମ୍ଭ ହୋଇଥିଲା। ମଙ୍ଗଳବାର ଚହଲ ଖେଳୁଥିବା ଆଇପିଏଲ ଟିମ୍ ପଞ୍ଜାବ କିଙ୍ଗ୍ସ ଏବଂ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ମହଭାସଙ୍କୁ ଷ୍ଟାଣ୍ଡରେ ଲେଗ୍-ସ୍ପିନରଙ୍କ ଦଳକୁ ଉତ୍ସାହିତ କରୁଥିବାର ଦେଖାଯାଇଥିଲା ।ତେଣୁ ଦୃଶ୍ୟଗୁଡ଼ିକ ଗୁଜବକୁ ଆହୁରି ତୀବ୍ର କରିଥିଲା ତଥାପି, ଏକ ସାମ୍ପ୍ରତିକ ସାକ୍ଷାତକାରରେ, ଆରଜେ ମହଭାସ ତାଙ୍କର ଅବିବାହିତ ସମ୍ପର୍କ ସ୍ଥିତିକୁ ନିଶ୍ଚିତ କରିଥିଲେ।

ମୁଁ ଅବିବାହିତ, ଏବଂ ଆଜିର ସମୟରେ ମୁଁ ବିବାହର ଧାରଣା ବୁଝିପାରୁନାହିଁ, ମହଭାସ ଏକ ପଡକାଷ୍ଟ ସମୟରେ କହିଥିଲେ ଏବଂ ଏହା ମଧ୍ୟ ନିଶ୍ଚିତ କରିଥିଲେ ଯେ ସେ କାଜୁଆଲ୍ ଡେଟିଂରେ ବିଶ୍ୱାସ କରନ୍ତି ନାହିଁ। ମୁଁ ଏପରି ଜଣେ ଯିଏ କେବଳ ବିବାହ କରିବାକୁ ପଡ଼ିଲେ ଡେଟ୍ କରିବେ। ମୁଁ କାଜୁଆଲ୍ ଡେଟ୍‌ରେ ଯାଏ ନାହିଁ। କାରଣ ମୁଁ କେବଳ ଯାହାକୁ ବିବାହ କରିବାକୁ ଚାହୁଁଛି । ତାଙ୍କୁ ଡେଟ୍ କରିବି ।ମୁଁ ସେହି ବ୍ୟକ୍ତି, ଯେପରି ଧୂମ୍ ଫିଲ୍ମରେ, ଯିଏ ବାଇକ୍ ପଛରେ ତାଙ୍କ ସ୍ତ୍ରୀ ଏବଂ ପିଲାମାନଙ୍କୁ ଦେଖେ। ସେ ତାଙ୍କ ଅତୀତ ବିଷୟରେ ଏକ ବଡ଼ ପ୍ରକାଶ ମଧ୍ୟ କରିଥିଲେ ଯେ, ମୋର ୧୯ ବର୍ଷ ବୟସରେ ନିବନ୍ଧେ ହୋଇଥିଲା, ଏବଂ ମୁଁ ୨୧ ବର୍ଷ ବୟସରେ ଏହାକୁ ଭାଙ୍ଗି ଦେଇଥିଲି ଆଲିଗଡ଼ ଭଳି ଏକ ଛୋଟ ସହରରେ ବଢ଼ିବା ପରେ, ଆମର ଏକମାତ୍ର ସର୍ତ୍ତ ଥିଲା ଯେ ଆମକୁ ଜଣେ ଭଲ ସ୍ୱାମୀ ଖୋଜିବା ଏବଂ ବିବାହ କରିବା ଆବଶ୍ୟକ। ଏହା ପୂର୍ବରୁ ଆମର ଲକ୍ଷ୍ୟ ଥିଲା।

## ଏସିଆନ ଜୁନିୟର ଚମ୍ପିଆନସିପ ପାଇଁ ଭାରତୀୟ ଦଳର ଯୁଗ୍ମ ପ୍ରଶିକ୍ଷକ ହେଲେ ପ୍ରଣୟ କୁମାର ପାଣି

କେନ୍ଦୁଝର,୯।୪: ଓଡ଼ିଶା ତଥା କେନ୍ଦୁଝର ପାଇଁ ଏକ ବଡ ଖୁସି ଖବର ଓଡ଼ିଶାର ହ୍ୟାଣ୍ଡବଲ କୋଚ ପ୍ରଣୟ କୁମାର ପାଣିଙ୍କୁ ମିଳିଛି ବଡ ଦାୟୀ ଜୋଡାନ ଠାରେ ହେବାକୁ ଥିବା ଆଗାମି ଏସିଆନ ଜୁନିୟର ଚମ୍ପିଆନସିପ ପାଇଁ ଭାରତୀୟ ଦଳର ଯୁଗ୍ମ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଥିବା



ଘୋଷଣା କରିଛନ୍ତି । ଭାରତୀୟ ହ୍ୟାଣ୍ଡବଲ୍ ଆସୋସିଏସନର ଏକଜୁକ୍ୟୁଟିଭ ଡାଇରେକ୍ଟର ଆନନ୍ଦେଶ୍ୱର ପାଣ୍ଡେ ଆସନ୍ତା ଜୁଲାଇ ୧ ତାରିଖରୁ ୧୧ ତାରିଖ ଯାଏ ଜୋଡ଼ାନ ରେ ଏହି ଅନୁଷ୍ଠିତ ହେବ । ପ୍ରଣୟ ୮ ମସିହାରୁ ରୁ ହ୍ୟାଣ୍ଡବଲ ଖେଳ ଆରମ୍ଭ କରି ୨୦୦୪ରେ ଜାତୀୟ ରେଫରୀ , ୨୦୧୧ରେ ଆନ୍ତଃଜାତୀୟ ରେଫରି ଭାବେ କାମ କରିବା ସହ ଓଡ଼ିଶା ଦଳକୁ ପ୍ରଶିକ୍ଷଣ ଦେଉଥିଲେ। ତାଙ୍କ ସମୟରେ ଓଡ଼ିଶା ଦଳ ବହୁବାର ପ୍ରି କ୍ୱାଟର ଓ କ୍ୱାଟର ଫାଇନାଲକୁ ଯାଇଛି ଏଣୁ ଏ ସବୁକୁ ଅନୁଧ୍ୟାନ କରି ଭାରତୀୟ ହ୍ୟାଣ୍ଡବଲ୍ ଆସୋସିଏସନ୍ ଏହି ନିଯୁକ୍ତି ଦେଇଛି।

# ଅବସର ପରେ ୨୭ ବର୍ଷ ବୟସରେ ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ

ନୂଆଦିଲ୍ଲୀ,୯।୪: ଆଘାତଜନିତ ସଂଘର୍ଷ ଦ୍ୱାରା ଭାଙ୍ଗିଯାଇଥିବା କ୍ୟାରିଅର ପରେ ଅଷ୍ଟ୍ରେଲିୟ ବ୍ୟାଟ୍ସମ୍ୟାନ୍ ୱିଲ୍ ପୁକୋଭସ୍କି ମଙ୍ଗଳବାର କ୍ରିକେଟରୁ ତାଙ୍କର ଅବସର ନିଶ୍ଚିତ କରିଛନ୍ତି ସେ ସ୍ୱୀକାର କରିଛନ୍ତି ଯେ ସେ ଏପର୍ଯ୍ୟନ୍ତ ଭୟଙ୍କର ଲକ୍ଷଣ ଭୋଗୁଛନ୍ତି।

ଭିକ୍ଟୋରିଆନ୍ ଓପନର ଶେଷ ଥର ପାଇଁ ମାର୍ଚ୍ଚ ୨୦୨୪ରେ ସେଫିଲ୍ଡ ସିଲ୍ଡରେ ଖେଳିଥିଲେ ଏବଂ ବୋଲର ରିଲେ ମେରେଡିଥ୍ ଙ୍କ ବଲ ହେଲମେଟରେ ଆଘାତ ଲାଗିବାରୁ ତାଙ୍କୁ ଆଘାତପ୍ରାପ୍ତ ହୋଇ ଅବସର ନେବାକୁ ବାଧ୍ୟ ହୋଇଛନ୍ତି।

ପୁକୋଭସ୍କି କହିଛନ୍ତି ଯେ ତାଙ୍କର ଆନୁଷ୍ଠାନିକ ଘୋଷଣା ତାଙ୍କୁ ଅବସର ନେବା ପାଇଁ ଏକ ମେଡିକାଲ୍ ପ୍ୟାନେଲ୍ ସୁପାରିଶ ପରେ ହୋଇଛି।୨୭ ବର୍ଷୀୟ ଖେଳାଳି ସିଧାସଳଖ ପ୍ରଶିକ୍ଷକ ପଦରେ ଯୋଗ ଦେଇଛନ୍ତି, ଭିକ୍ଟୋରିଆନ୍ ପ୍ରିମିୟର ସାଇଡ୍ ମେଲବୋର୍ଣ୍ଣ ତାଙ୍କୁ ସେମାନଙ୍କର ପୁରୁଷ ମୁଖ୍ୟ ପ୍ରଶିକ୍ଷକ ଭାବରେ ଘୋଷଣା କରିଛନ୍ତି। ପୁକୋଭସ୍କି ଚ୍ୟାନେଲ୍ ସେଭେନ୍ ସହିତ ଏକ ଭାଷ୍ୟକାର ଭୂମିକା ମଧ୍ୟ ଗ୍ରହଣ କରିଛନ୍ତି।

ମୁଁ ଆଉ କ୍ରିକେଟ୍ ଖେଳିବି ନାହିଁ, ପୁକୋଭସ୍କି ମଙ୍ଗଳବାର କହିଥିଲେ। କହିବାକୁ ଗଲେ ଏହା ଏକ ପ୍ରକୃତ କଷ୍ଟକର ବର୍ଷ ଥିଲା ସରଳ କଥା ହେଉଛି, ମୁଁ ଆଉ କୌଣସି ସ୍ତରରେ ଖେଳିବି ନାହିଁ।

ସେହି (ଶେଷ ଆଘାତ) ପରେ କିଛି ମାସ ମଧ୍ୟରେ ମୁଁ କିଛି କରିବା ପାଇଁ ସଂଘର୍ଷ କରିଥିଲି, ଘର ଚାରିପାଖରେ ବୁଲିବା ଏକ ସଂଘର୍ଷ ଥିଲା ମୋର ଭାବି ସ୍ତ୍ରୀ ବିରକ୍ତ ହୋଇଯାଇଥିଲା। କାରଣ ମୁଁ କାମରେ ଯୋଗଦାନ ଦେଉ ନଥିଲି ମୁଁ ବହୁତ ଶୋଇଥିଲି ।ସେଠାରୁ ଏହା ଏକ କଷ୍ଟକର ବର୍ଷ ଥିଲା, ଅନେକ ଲକ୍ଷଣ ଦୂର ହୋଇନଥିଲା, ଯାହା ମୋତେ ଏହି ନିଷ୍ପତ୍ତି ନେବାକୁ ନେଇଛି ପ୍ରଥମ କିଛି ମାସ ଭୟଙ୍କର ଥିଲା, କିନ୍ତୁ ଏହି ଲକ୍ଷଣ ମୋତେ ଛାଡି ନଥିଲା।



ଚଳିତ ଦଶନ୍ଧିରେ ଅଷ୍ଟ୍ରେଲିଆ। ପାଇଁ ଏକ ବଡ଼ ସମ୍ଭାବନା ଭାବରେ ବିବେଚିତ ପୁକୋଭସ୍କି ୨୦୨୧ ରେ ରେ ଭାରତ ବିପକ୍ଷରେ ତାଙ୍କର ଟେଷ୍ଟ ଡେବ୍ୟୁରେ ୬୨ ରନ କରିଥିଲେ ଏବଂ କାନ୍ଧରେ ଆଘାତ ଯୋଗୁଁ ସେହି ମ୍ୟାଚ୍ ରୁ ବାଦ ପଡ଼ିଥିଲେ।

ତାଙ୍କର ଶେଷ ଖେଳରେ, ପୁକୋଭସ୍କି ଫେବୃଆରୀ ୨୦୨୪ ରେ ନାଥନ୍ ଲିଅନ୍ ଏବଂ ଅନ୍ତର୍ଜାତୀୟ ସ୍ତରରେ ଖେଳିଥିବା ବୋଲର ଜ୍ୟାକସନ ବାର୍ଡ ଏବଂ କ୍ରିସ୍ ଟ୍ରେମେନ୍‌ଙ୍କ ସହିତ ଏକ ଶକ୍ତିଶାଳୀ ନ୍ୟୁ ସାଉଥ୍ ୱେଲ୍ସ ବିପକ୍ଷରେ ୧୩୧ ରନ୍ କରିଥିଲେ।

ସିଡନୀରେ ସେହି ଶତକ ପରେ, ମୁଁ ବ୍ୟକ୍ତିଗତ ଦୃଷ୍ଟିକୋଣରୁ ଭାବିଥିଲି ଯେ ସବୁକିଛି ମୋ ପାଇଁ କ୍ଲିକ୍ ହେବା ଆରମ୍ଭ କରୁଛି, ପୁକୋଭସ୍କି କହିଛନ୍ତି ଅଷ୍ଟ୍ରେଲିଆ। ପାଇଁ ଖେଳିବା ସର୍ବଦା ମୋର ସ୍ୱପ୍ନ ଥିଲା, ମୁଁ ୨୦୨୧ ରେ ନିଜକୁ ସେହି ସ୍ଥାନରେ ପାଇଲି। ମୋର ମହତ୍ୱାକାଂକ୍ଷା ସେଠାରେ ଥମି ନଥିଲା ।ମୁଁ ସେହି ବ୍ୟକ୍ତି ହେବାକୁ ଚାହୁଁଥିଲି ଯିଏ ବ୍ୟାଟିଂ ୟୁନିଟର ନେତୃତ୍ୱ ନେଉଥିବେ। ମୁଁ ୧୦୦ ଟେଷ୍ଟ ଖେଳିବାକୁ ଚାହୁଁଥିଲି ଦୁର୍ଭାଗ୍ୟବଶତଃ, ଏହା ଗୋଟିଏ ଟେଷ୍ଟରେ ଶେଷ ହୋଇଯାଇଥିଲା।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ